EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୭ | ସଂଖ୍ୟା-୩ | ୩୦ ଜାନୁଆରୀ - ୫ ଫେବୃଆରୀ, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-3 | 30th JANUARY- 5th FEBRUARY, 2023 | BHUBANESWAR | ₹ 5/- (8 Pages)

### ବଂଶଧାରା ନଦୀ ପାଣି ବ୍ୟବହାର କରୁଛି ଆନ୍ଧ୍ର ପ୍ରଦେଶ

# ଆଖି ବନ୍ଦ କରି ଚୁପ୍ ବସିଛି ଓଡିଶା

**ରାୟଗଡା, (ଅମୁଲ୍ୟ ନିଶଙ୍କ) :** ରାୟଗଡା ଜିଲ୍ଲାର ଚନ୍ଦ୍ରପୁର, ଗୁଡାରି, ପଦ୍ମପୁର, ରାମନାଗୁଡ଼ା ଓ ଗୁଣୁପୁର ଓ ଗଜପତି ଜିଲ୍ଲାର କାଶୀନଗର ବ୍ଲକ ଦେଇ ପ୍ରବାହିତ ବଂଶଧାରା ଆନ୍ଧ୍ର ଚାଷୀ ମାଲାମାଲ ହେଉଥିବା ବେଳେ ଓଡିଶା ଚାଷୀ ପେଟରେ ଓଦାକନା ଦେଇ ଶୋଉଛି। ବିଭିନ୍ନ ସମୟରେ ଓଡିଶା ରାଜ୍ୟ ସରକାର ବଂଶଧାରା ଜଳ ବ୍ୟବହାର ପାଇଁ

## ପ୍ରସ୍ତାବରେ ଅଟକି ରହିଛି ପାଣିଡଙ୍ଗର ଯୋଜନା

ନଦୀ ଜଳକୁ ଲୋକଙ୍କ କାର୍ଯ୍ୟରେ ବ୍ୟବହାର କରାଯାଇ ପାରୁନାହିଁ ଓଡିଶା ସରକାରଙ୍କ ପକ୍ଷରୁ। କିନ୍ତୁ ଆନ୍ଧ୍ରପ୍ରଦେଶ ସରକାର ଆନ୍ଧ୍ର ଦେଇ ପ୍ରବାହିତ ବଂଶଧାରା ନଦୀ ଜଳକୁ ବ୍ୟବହାର କରି ଗୋଟା ବେରେଜ ଓ ନେରେଡି ଯୋଜନା କରି ଏହି ନଦୀର ଜଳକୁ ଚାଷୀଙ୍କ ଜମିକୁ ପାଣି ଯୋଗାଇ ଦେଉଛି। ସେଥିପାଇଁ ଯୋଜନା ମାନ କରୁଛନ୍ତି କିନ୍ତୁ ଦୁର୍ଭାଗ୍ୟର ବିଷୟ ସରକାରଙ୍କ ପ୍ରସ୍ତାବ ପ୍ରସ୍ତାବରେ ହିଁ ଅଟକି ଯାଉଛି। ବଂଶଧାରା ନଦୀ ଜଳକୁ ବ୍ୟବହାର ପାଇଁ ୬୧ ବର୍ଷ ତଳେ ୧୯୬୧ମସିହାରେ ଗୁଣୁପୁର ଉପଖଣ୍ଡର ଗୁଡାରି ନିକଟରେ ପାଣିଡ଼ଙ୍ଗର ଠାରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା କରିଥିଲେ। ପ୍ରସ୍ତାବିତ ପାଣିଡ଼ଙ୍ଗର



ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବା ରାଜ୍ୟ ସରକାରଙ୍କ ଅପାରଗତା ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଠିକ ସେହିପରି ୨୦୦୬ ମସିହାରେ ଓଡିଶା ସରକାରଙ୍କ ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ରବି ନନ୍ଦ ବଂଶଧାରା ନଦୀ ସହ ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ସଂଯୋଗୀକରଣ ପାଇଁ ଶୁଭ ଦେଇ ଗୁଡାରି ଠାରେ ଏକ କାର୍ଯ୍ୟାଳୟ ଖୋଲିଥିଲେ। ଦୁର୍ଭାଗ୍ୟର ବିଷୟ ଏହି କି ଯେ ଏହି ନଦୀ ସଂଯୋଗୀକରଣ ଯୋଜନା ଇଞ୍ଚେ ମଧ୍ୟ ଆଗେଇ ପାରିନାହିଁ। ଜିଲବାସୀଙ୍କ ପାଇଁ ଉଦିଷ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା କୌଣସି ରାଜନେତା ମୁଣ୍ଡ ପୁରଉନାହାନ୍ତି। ଏହି ଜିଲ୍ଲାରେ ମାଳ ମାଳ ସାଂସଦ ପୂର୍ବତନ ସାଂସଦ ବିଧାୟକ ପୂର୍ବତନ ବିଧାୟକ ମନ୍ତ୍ରୀ ସର୍ବପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଛନ୍ତି ନିଜ ଅଞ୍ଚଳ ପ୍ରକଳ୍ପର ଉନ୍ନତି ପାଇଁ ମୁଣ୍ଡ ନ ପୁରାଇ ରାଜନୀତି ଫାଇଦା ପାଇଁ ମହାନଦୀ ବଞ୍ଚାଓ ଓ ପୋଲାଭରମକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀର କାନ୍ଦଣା କାନ୍ଦିବା ସହିତ ଜିଲ୍ଲା ବନ୍ଦ ଡାକରା ଦିଅନ୍ତି ଯୋଦ୍ୱାରା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

ଅନୁସନ୍ଧାନରୁ ଜଣାପଡିଛି ଯେ ଓଡିଶା ଓ ଆନ୍ଧ୍ର ଦେଇ ପ୍ରବାହିତ ବଂଶଧାରା ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ୬୦ ବର୍ଷ ପୂର୍ବେ ୧୯୬୨ ମସିହାରେ ପ୍ରଥମେ ଆନ୍ଧ୍ର ସରକାର ହିର୍ମାଣ୍ଡାଳମ ନିକଟସ୍ଥ ଗୋଟା ଠାରେ ବ୍ୟାରେଜ ନିର୍ମାଣ ପାଇଁ ଯୋଜନା କରିଥିଲେ। ଓଡିଶାରେ ସେହିସମୟରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ଆନ୍ଧ୍ରର ଗୋଟା ପ୍ରକଳ୍ପକୁ ତୀବ୍ର ବିରୋଧ କରିବାରୁ ଉଭୟ ରାଜ୍ୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଥିଲେ ➤ ପୃ-୬

# ରାଜ୍ୟର ସବୁ ଜିଲ୍ଲାରେ ମେଡିକାଲ କଲେଜ କେବେ ?

**ଭୁବନେଶ୍ୱର:** ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ପ୍ରାୟ ୬୦ ବର୍ଷ ପୂର୍ବରୁ ଖୋଲିଥିଲା ମାତ୍ର ତିନିଟି ସରକାରୀ ମେଡିକାଲ କଲେଜ। ମାତ୍ର ୫ ବର୍ଷ ତଳେ ଅର୍ଥାତ୍ ୨୦୧୭ ମସିହାରେ ପୁଣି ଥରେ ଖୋଲିଲା ନୂଆ ସରକାରୀ ମେଡିକାଲ କଲେଜ। ୨୦୧୭ ମସିହା ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ଖୋଲିଲା କୋରାପୁଟ ଓ ବାରିପଦାରେ ନୂଆ ମେଡିକାଲ କଲେଜ। ସଂଘୀୟ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ଏକ ରାଜ୍ୟ ପ୍ରସଙ୍ଗ ହୋଇଥିଲେ ସୁଦ୍ଧା କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ୨୦୧୪ ପରେ ୧୫୭ ମେଡିକାଲ କଲେଜ ଖୋଲିବା ପାଇଁ ଅନୁମତି ମିଳିଛି। ଯେଉଁଥିରେ କେବଳ କଲେଜର



ଭିତ୍ତିଭୂମି ପ୍ରତିଷ୍ଠା ପାଇଁ କେନ୍ଦ୍ର ୬୦% ଅର୍ଥ ଦେବା ଆରମ୍ଭ କଲା କେନ୍ଦ୍ର। ତେବେ ଏହାର ସୁଯୋଗ ନେଇ ଅନେକ ରାଜ୍ୟରେ ସରକାରୀ ସହ ଘରୋଇ ସହଭାଗିତା ବା ପିପିପି ମୋଡରେ ହେଉ ବା ଘରୋଇ ଭାବେ ହେଉ ରାଜ୍ୟରେ ଥିବା ଜିଲ୍ଲା ତୁଳନାରେ ମେଡିକାଲ କଲେଜ ଓ ମେଡିକାଲ ସିଟ୍ ସଂଖ୍ୟା ଯଥେଷ୍ଟ ବଢ଼ିଥିବାବେଳେ ଓଡ଼ିଶା ଏବେ ବି ଢ଼େର ପଛରେ ପଡ଼ିଯାଇଛି। ଏ ନେଇ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ହେଲଥ (ଆଇଆଇପିଏଚ)ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶ୍ରୀଧର କଦମ କହିଛନ୍ତି, ୧୯୯୧ର ଉଦାରୀକରଣ ପରେ ମହାରାଷ୍ଟ୍ର, କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକ ଅଧିକାଂଶ ସଂଖ୍ୟାରେ ଘରୋଇ ମେଡିକାଲ କଲେଜ ଖୋଲିବାକୁ ସୁଯୋଗ ଦେଲେ। ବହୁ ଅଧ୍ୟାପକ ସୃଷ୍ଟି ହୋଇପାରିଲେ। ତେଣୁ ସେମାନେ ପରବର୍ତ୍ତୀ ସମୟରେ ଅଧିକ ସରକାରୀ ମେଡିକାଲ କଲେଜ ବି ଖୋଲିପାରିଲେ। ଓଡ଼ିଶା ୨୦୦୫ ପରେ ଘରୋଇ ➤ ପୃ-୬

### 'ମୁଡ୍ ଅଫ୍ ଦ ନେସନ୍' ସର୍ଭେ

# ଲୋକପ୍ରିୟତାର ଶୀର୍ଷରେ ନବୀନ

**ଭୁବନେଶ୍ୱର :** ନିର୍ମଳ ଭାବମୂର୍ତ୍ତି ଓ ସୁଶାସନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଲୋକପ୍ରିୟତାରେ ଶୀର୍ଷରେ ରହିଛନ୍ତି। କେବଳ ରାଜ୍ୟ ପାଇଁ ନୁହେଁ; ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦେଶ ହିତକାରୀ ପ୍ରସଙ୍ଗରେ ଉଚିତ୍ ଦାୟିତ୍ୱ ନିର୍ବାହ କରି ନବୀନ ଜାତୀୟ ସ୍ତରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଫଳରେ ରାଜ୍ୟର ଜନସାଧାରଣ ମୁଖ୍ୟମନ୍ତ୍ରୀ ଭାବେ ନବୀନଙ୍କ ପ୍ରତି ନିଜର ଆସ୍ଥା ଓ ବିଶ୍ୱାସ ଅତୁଟ ରଖିଛନ୍ତି। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା 'ମୁଡ୍ ଅଫ୍ ଦ



ନେସନ୍' ସର୍ଭେରେ ନବୀନ ହେଉଛନ୍ତି ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ। ଅନ୍ୟ ମୁଖ୍ୟମନ୍ତ୍ରୀମାନଙ୍କୁ ଢେର ପଛରେ ପକାଇ ନିଜ ରାଜ୍ୟରେ ନବୀନ ପଟ୍ଟନାୟକ ହେଉଛନ୍ତି ସବୁଠୁ ଅଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା 'ମୁଡ୍ ଅଫ୍ ଦ ନେସନ୍' ସର୍ଭେକ୍ଷଣରେ ରାଜ୍ୟୱାରୀ ଲୋକପ୍ରିୟତା ଆଧାରରେ ଓଡ଼ିଶାର ୭୩.୨ ପ୍ରତିଶତ ଲୋକ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପସନ୍ଦ କରିଛନ୍ତି। ତାଙ୍କ ପଛକୁ ଅଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ (୬୯.୨%)। ➤ ପୃ-୬

## ବକ୍ରବାଣୀ



ବାପୁ ଚାଲିଗଲେ ଗଡ଼ସେ ହାତେ
ଆମରି ହାତରେ କ୍ଷମତା ଦେଇ
ପଞ୍ଚସ୍ତରି ବର୍ଷ ଗଲାଣି ବିତି
ତାଙ୍କ ସ୍ୱପ୍ନ ପୁରା ହେଲା କି ଭାଇ
ବିଦେଶୀ ହାତରୁ ସ୍ୱାଧୀନ ହବା
ସ୍ୱାଧୀନ ଭାରତେ ଆମେ ରହିବା
ଦେଖିଥିଲେ ସିଏ କେତେ ସପନ
ଆମ ପାଇଁ ଗଲା ତାଙ୍କ ଜୀବନ
ଆସ ଭାଇ ଏବେ କ୍ଷମା ମାଗିବା
ତାଙ୍କ ସପନକୁ ପୁରା କରିବା।

——— ଟୁଟୁ

### ଖଣି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି କଳାହାଣ୍ଡି

# ପ୍ରଶାସନିକ ସଲାସୁତୁରାରେ ଲୁଟ୍ ହେଉଛି ଲଘୁଖଣି ସମ୍ପଦ

**ଭବାନୀପାଟଣା,(ଅନିଲ ପଟ୍ଟନାୟକ):** ପ୍ରାକୃତିକ ଚିର ସବୁଜିମାରେ ଭରପୁର ରନିଗର୍ଭା କଳାହାଣ୍ଡି ଜିଲ୍ଲା ଏବେ ଖଣିମାଫିଆଙ୍କ ଲୋଲୁପ ଦୃଷ୍ଟିରେ ରହିଛି। ରନି ପଥର ଖଣିଠୁ ଆରମ୍ଭ କରି ବକ୍ସାଇଟ ଖଣି ଭଳି ବୃହତ ଖଣି ସମ୍ପଦର ସମ୍ଭାବନା ଏଠି ଅନ୍ୟ ଜିଲ୍ଲା ତୁଳନାରେ ସର୍ବାଧିକ ରହିଛି। ପାହାଡ଼ ପର୍ବତ ଘେରା କଳାହାଣ୍ଡି ଜିଲ୍ଲା ବୃହତ ଖଣିର ସମ୍ଭାବନାକୁ ନେଇ ଯେତିକି ଚର୍ଚ୍ଚିତ ଲଘୁଖଣିକୁ ନେଇ ମଧ ସେତିକି ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ ଗ୍ରାନାଇଟ ପଥର, ମୁରୁମ ଓ ବାଲି ଖଣି ଭଳି ଲଘୁଖଣି ମାନଙ୍କର ସମ୍ଭାବନା ବହୁ ମାତ୍ରାରେ ବୃଦ୍ଧି ପାଉଛି। ହୁଗୁଳା ପ୍ରଶାସନିକ ସେବା ଓ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ଯୋଗୁଁ ଏହି ସବୁ ଲଘୁଖଣି ମାନଙ୍କରେ ମାଫିଆ ରାଜ ଚାଲିଥିବା ଅଭିଯୋଗ ହେଉଛି। ସରକାରୀକଳ ସହିତ ମାଫିଆଙ୍କ ଆପସି ସଲାସୁତୁରା ଯୋଗୁଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଭୌଗୋଳିକ ସ୍ଥିତି ଓ ପରିବେଶ ସନ୍ତୁଳନ ହ୍ରାସ ପାଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସରକାରୀ ସୂଚନା ମୁତାବକ କଳାହାଣ୍ଡି ଜିଲ୍ଲା ୧୩ଟି ତହସିଲ ଅଧୀନରେ ମୋଟ ୧୬୮ଟି ଲଘୁଖଣି ଉତ୍ସ ରହିଛି। ମୁରୁମ ଖଣି ୨ଟି ଚିହ୍ନଟ କରାଯାଇ ଲିଜ୍ କରାଯାଇଥିବା ବେଳେ ୧୬୬ ଟି ବାଲି ଓ ପଥର ଖଣି ଚିହ୍ନଟ କରାଯାଇଛି। ୯୮ ବାଲିଘାଟ ମଧ୍ୟରୁ ୬୩ଟି ଲିଜ୍ ହୋଇଛି ଓ ୩୫ଟି ବାଲିଘାଟ ଲିଜ୍ ହୋଇ ନ ଥିବା ସୂଚନା ମିଳିଛି। ସେହିଭଳି ୫୮ଟି ପଥର ଖଣି ମଧ୍ୟରୁ ୪୩ଟି ଲିଜ୍ ହୋଇଥିବାବେଳେ ୧୫ଟି ପଥର ଖଣି ଲିଜ୍ ହୋଇନାହିଁ। ଲିଜ ହୋଇଥିବା ବାଲି, ପଥର ଓ ମୁରୁମ ଖଣିରୁ ଲିଜ ଅଧିକୃତ ସଂସ୍ଥା ଦ୍ୱାରା ବାଲି, ପଥର ଓ ମୁରୁମ ଉତ୍ତୋଳନ କରାଯାଉଥିବା ବେଳେ ଚୁକ୍ତିମୁତାବକ ବାଲି, ପଥର ଓ ମୁରୁମ ଉତ୍ତୋଳନ କରିବା ପରିବର୍ତ୍ତେ ଅଧିକ ପରିମିତର ସାମଗ୍ରୀ ବେଆଇନ ଭାବେ ଉତ୍ତୋଳନ କରି ଲିଜ୍ ଅଧିକୃତ ସଂସ୍ଥାର ମାଲିକ ଓ ପ୍ରଶାସନିକ ଅଧିକାରୀ ମାନେ ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ଏପଟେ ଜିଲ୍ଲାର ବିଭିନ୍ନ ତହସିଲରେ ଥିବା ବଳକା ୫୨ ଟି ବାଲି, ପଥର ଓ ମୁରୁମ ଉତ୍ସ ଲିଜ୍ ପ୍ରକ୍ରିୟାକରଣ ହୋଇ ନ ଥିବା ବେଳେ ଏହି ସବୁ ଲଘୁଖଣି ଉତ୍ସ ମାନଙ୍କରେ ମାଫିଆଙ୍କ ରାଜ ଚାଲିଛି। ପ୍ରଶାସନିକ ଅଧିକାରୀମାନଙ୍କ ଆପସି ସଲାସୁତୁରାରେ ଏହି ଲଘୁଖଣି ଉତ୍ସରୁ ମୁରୁମ, ➤ ପୃ-୬

# ନିଶାରେ ବୁଡ଼ି ଉତ୍ପାତ କରୁଛନ୍ତି ଯୁବତୀ

**ଭୁବନେଶ୍ୱର :** ନିଶା ସେବନ କରିବା ଏକ ପ୍ରକାର ଫେଶନ ପାଲଟିଗଲାଣି। ବିଶେଷକରି ଭୁବନେଶ୍ୱରର ସହରୀ ଯୁବତୀମାନଙ୍କ ମଧ୍ୟରେ ଏହି ମାନସିକତା ଅଧିକ ପରିମାଣରେ ପରିଲକ୍ଷିତ ହେଉଛି। ସିଗାରେଟ୍, ମଦ, ବ୍ରାଉନସୁଗର, ଗଞ୍ଜେଇ, ଇ-ସିଗାରେଟ, ଡେନ୍‌ଡ୍ରାଇଟ୍ ଓ କୋକେନ୍ ଭଳି ମାରାତ୍ମକ ନିଶା ପ୍ରେମରେ ରାଜଧାନୀର ଯୁବତୀମାନେ ପଡ଼ିଛନ୍ତି। ସମ୍ଭ୍ରାନ୍ତଶ୍ରେଣୀର ଅଧିକାଂଶ ଯୁବତୀ ନିଶା ସେବନ କରି ରାଜଧାନୀରେ ଉତ୍ପାତ କରୁଥିବା ଦେଖିବାକୁ ମିଳୁଛି। ବଡ଼ବଡ଼ ପରିବାରର ଗେହ୍ଲା ଝିଅମାନେ ନିଶାରେ ବୁଡ଼ି ରାଜଧାନୀରେ ରଚୁଛନ୍ତି ଉତ୍ପାତ। ରାଜଧାନୀର ଆଇନ୍‌ଶୃଙ୍ଖଳାକୁ ବିଗାଡୁଛନ୍ତି ମାତାଲ୍ ଯୁବତୀ। ୬ମାସ ଭିତରେ ୨୦ରୁ ଊର୍ଦ୍ଧ୍ୱ ଘଟଣା ସାମ୍ନାକୁ ଆସିଲାଣି। କିଏ ନିଶାରେ ପୁଲିସ ଗାଡ଼ିକୁ ମଦ ବୋତଲ ଫୋପାଡ଼ିଲାଣି ତ ଆଉ କିଏ ନିଶାରେ ହସ୍ପିଟାଲରେ ଉତ୍ପାତ କଲାଣି। ନିକଟରେ ବଡଗଡ଼ ଥାନା କଳ୍ପନା ସିନେମା ହଲ୍



ଯାଏଁ ଜଣେ ଯୁବତୀ ମାତାଲ୍ ଅବସ୍ଥାରେ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ପ୍ରଚୁର ମଦପିଇ ପରେ ରାସ୍ତା ଉପରେ ବିଅର୍ ବୋତଲ ଭାଙ୍ଗି ଆତଙ୍କ ରଚାଇଥିଲେ। ହାତରେ ବିଅର ବୋତଲ ଧରି ଯୁବତୀ ପୁଲିସ ଗାଡ଼ିକୁ ଗୋଡ଼େଇ ଥିଲେ। ନିଶାରେ ପୁଲିସକୁ ନାକେଦମ୍ କରିଥିଲେ ନିଶାସକ୍ତ ଯୁବତୀ। ସେଭଳି କିଛି ଦିନ ତଳେ ଖାରବେଳ ନଗର ଥାନା ଅଧୀନ ମାଷ୍ଟରକ୍ୟାଣ୍ଟିନ ଛକରେ ୨ଯୁବତୀ ଆତଙ୍କ ଖେଳାଇଥିଲେ। ସାଧାରଣଲୋକଙ୍କ ସମେତ ପୁଲିସକୁ ଗାଳିଗୁଲଜ କରି ଦବଙ୍ଗଗିରି ଦେଖାଇଥିଲେ। ସେହିପରି କ୍ୟାପିଟାଲ୍ ହସ୍ପିଟାଲରେ ➤ ପୃ-୬




### ଓଡ଼ିଶାରେ ବିଆରଏସ୍‌ର ପଦାର୍ପଣ, ଆରମ୍ଭରୁ ଆକ୍ରମଣ

# ଅବ୍‌କି ବାର କିଷାନ ସରକାର

**ଭୁବନେଶ୍ୱର :** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ(କେସିଆର)ଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ) ଆନୁଷ୍ଠାନିକ ଭାବେ ଓଡ଼ିଶାରେ ନିଜର ପାଦ ଥାପିଛି। ଓଡ଼ିଶାର ୧୨ରୁ ଅଧିକ ପୂର୍ବତନ ବିଧାୟକ, ସାଂସଦଙ୍କ ସମେତ ମୋଟ ପ୍ରାୟ ୫୦୦ଜଣ ଆଜି ହାଇଦ୍ରାବାଦର ବିଆରଏସ କାର୍ଯ୍ୟାଳୟରେ କେସିଆରଙ୍କ ଉପସ୍ଥିତିରେ ବିଆରଏସରେ ସାମିଲ ହୋଇଛନ୍ତି। ବିଆରଏସ୍ ଗଠନର ସଂକଳ୍ପ ସମ୍ପର୍କରେ ଅବଗତ କରିବା ସହ କେସିଆର ଆରମ୍ଭରୁ ଓଡ଼ିଶା ପ୍ରତି ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ପୋଷଣ କରିଛନ୍ତି। କୌଣସି କାଗଜ ଅବା ଟେଲିପ୍ରମ୍ପଟର ନପଢ଼ି କେସିଆର ଓଡ଼ିଶାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉଠାଇ ଶାଣିତ ଆକ୍ରମଣ କରିଛନ୍ତି। କୌଣସି ରାଜନୀତିକ ଦଳକୁ ସିଧାସଳଖ ଆକ୍ଷେପ କରିନଥିଲେ ମଧ୍ୟ ନିର୍ବାଚନରେ ନେତା-ପାର୍ଟି ଜିତୁଛି, ନିର୍ବାଚନ ପରେ ଜନତା ହାରୁଛି ବୋଲି କହିବା ସହ ତାଙ୍କ ଦଳ ନିର୍ବାଚନରେ ଜନତା କିଭଳି ଜିତିବ ସେ ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ବୋଲି କହିଥିଲେ। ହାଇଦ୍ରାବାଦରେ ବିଆରଏସ୍ ପାର୍ଟି କାର୍ଯ୍ୟାଳୟରେ ଓଡ଼ିଶାରୁ




ଯାଇଥିବା ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସେ ଦଳରେ ଆନୁଷ୍ଠାନିକ ଭାବେ ସାମିଲ କରିଛନ୍ତି। ଏକ ସ୍ୱତନ୍ତ୍ର ଚାର୍ଟର ପ୍ଲେନ ଓ ୧୦ଟି ବସରେ ଏହି ନେତାମାନେ ହାଇଦ୍ରାବାଦରେ ପହଞ୍ଚିଥିଲେ। କେସିଆରଙ୍କ ଉପସ୍ଥିତିରେ ଦଳର କାର୍ଯ୍ୟାଳୟରେ ବିଆରଏସରେ ସାମିଲ ହୋଇଥିବା ଓଡ଼ିଶାର ନେତାମାନେ ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ତାଙ୍କ ପତ୍ନୀ ହେମା ଗମାଙ୍ଗ ଓ ପୁଅ ଶିଶିର ଗମାଙ୍ଗ,ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ, ମୟୂରଭଞ୍ଜ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଂସଦା, ପୂର୍ବତନ ବିଧାୟକ ନବୀନ ନନ୍ଦ, ରଥ ଦାସ, ଅର୍ଜୁନ ଦାସ, ରାଘବ ସେଠୀ, ଦେବରାଜ ସେଠୀ ଓ ବୃନ୍ଦାବନ ମାଝୀଙ୍କ ସମେତ ଚାଷୀ ନେତା ଅକ୍ଷୟ କୁମାର, ଶେଷଦେବ ନନ୍ଦ, ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ନେତା କୈଳାସ ମୁଖି, ରାଜେଶ ପାତ୍ର, ରବିନ୍ଦ ପ୍ରଧାନ, ଫାଲଗୁନ ଶବର, ଜନାର୍ଦ୍ଦନ ପାତ୍ର, ସୁଧୀର ଷଡ଼ଙ୍ଗୀ, ପ୍ରତାପ ଚୌଧୁରୀ, ପ୍ରମୋଦ ସାମନ୍ତରାୟ, ନିମାଇଁ ରାୟ, ବିଶ୍ୱପ୍ରିୟ ନାୟକ, ଜଗବନ୍ଧୁ ନାୟକ, ସୂର୍ଯ୍ୟ ପତି, କୈଳାସ କୁମାର ନାୟକ, କାଶୀନାଥ ବେହେରା, ଅମିତ ଜେନା, ରଣଜିତ୍ ପଟ୍ଟନାୟକ, ଆଡଭୋକେଟ୍ କ୍ଷୀରୋଦ ରାଉତ ପ୍ରମୁଖ ବିଆରଏସରେ ସାମିଲ ହୋଇଛନ୍ତି। ଏହି ନେତାମାନଙ୍କୁ ଦଳରେ ସ୍ୱାଗତ କରି କେସିଆର କହିଥିଲେ ଯେ, ଓଡ଼ିଶାର ମହାନଦୀର ମାତ୍ର ୨୫-୩୦ପ୍ରତିଶତ ଜଳ ଉପଯୋଗ ହେଉଛି। ପ୍ରାୟ ୫୫ ପ୍ରତିଶତ ଜଳ ସମୁଦ୍ରକୁ ଯାଉଛି। ଆବଶ୍ୟକତାରୁ ଅଧିକ ଜଳ ନଷ୍ଟ ହେଉଛି। ଏହି ଜଳକୁ ଲୋକଙ୍କ ପିଇବା ପାଣି, ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ କାର୍ଯ୍ୟରେ ଉପଯୋଗ କରାଯାଇ ପାରନ୍ତା। ବ୍ରାହ୍ମଣୀ, ବୈତରଣୀ ସହ ଆଉ ଛୋଟ ଛୋଟ ନଦୀ ବି ଅଛି। ନଦୀ ଜଳ ସମୁଦ୍ରରେ ନଷ୍ଟ ହେଉଛି କିନ୍ତୁ କାହିଁକି ଲୋକଙ୍କ କାମରେ ଲାଗି ପାରୁନି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ସାମାନ୍ୟ ଶାରୀରିକ କଷ୍ଟ ଯୋଗ ଅଛି। ଆୟ ସାମାନ୍ୟ ରହିବ। ପାରିବାରିକ ସ୍ଥିତି ସୁଦୃଢ଼ ହେବ। ଜମି ଓ ବାହାନ କିଣିବା ପାଇଁ ସମୟ ଅନୁକୂଳ ନୁହେଁ। ଛାତ୍ରଙ୍କ ସମୟ ଭଲ। କାର୍ଯ୍ୟ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** — ବହୁତ ଦିନରୁ ଥିବା ଆଖି ସମସ୍ୟା ଦୂର ହେବ। ବନ୍ଧୁ ଓ ପରିବାରରେ ସହଯୋଗ ପାଇବେ। ଗଳାରେ ସମସ୍ୟା ହୋଇପାରେ। ଆର୍ଥିକ ସ୍ଥିତି ଭଲ ରହିବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ପାଇଁ ସମୟ ଅନୁକୂଳ। ବିଦେଶ ଭ୍ରମଣ ଯୋଗ ଅଛି।

**ମିଥୁନ** — ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ସମସ୍ୟା ଉପୁଜିପାରେ। ବ୍ୟୟ ବଢ଼ିବ। ଅନେକ ଦିନରୁ ଅପେକ୍ଷା କରିଥିବା ଗୋଟିଏ ଶୁଭ ଖବର ପାଇବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇଷବ। ପ୍ରେମୀ ମାନେ ଅନ୍ୟକୁ ଉପହାର ଦେଇପାରନ୍ତି।

**କର୍କଟ** — ରକ୍ତଚାପ ଓ ଚର୍ମ ରୋଗ ହୋଇପାରେ। ଆକସ୍ମିକ ଧନପ୍ରାପ୍ତି ଯୋଗ ଅଛି। ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। ବାଣୀରେ ଲଗାମ ଦିଅନ୍ତୁ। ଦମ୍ପତ୍ତିଙ୍କ ପ୍ରତି ଯତ୍ନବାନ ହୁଅନ୍ତୁ।

**ସିଂହ** — ସପ୍ତାହର ପ୍ରାରମ୍ଭ ଓ ମଧ ଭାଗ ସବୁଦିନରୁ ଉତ୍ତମ ରହିବ। ବିଦେଶରୁ ଧନପ୍ରାପ୍ତି ଯୋଗ। ଦୂରଯାତ୍ରା ଯୋଗ ଅଛି। ସପ୍ତାହ ଶେଷ ଭାଗରେ ସବୁଦିଗରୁ ପ୍ରତିବନ୍ଧକ ଦେଖା ଦେଇପାରେ।

**କନ୍ୟା** — ଆର୍ଥିକ ସ୍ଥିତି ଅତ୍ୟନ୍ତ ଭଲ ରହିବ। ଶୁଭ ଖବର ପାଇବେ। ପ୍ରେମ ପ୍ରସଙ୍ଗରେ ବୃଦ୍ଧି ହୋଇପାରେ। ମାନସିକ ସ୍ଥିତି ଭଲ ରହିବ। କାର୍ଯ୍ୟ କ୍ଷେତ୍ରରେ ସହଯୋଗ ପାଇବେ। ବୁଧଙ୍କ ଜୀବ ମନ୍ତ୍ର ଜପନ୍ତୁ।

**ତୁଳା** — ଜଳ ସମ୍ବନ୍ଧୀୟ ରୋଗରେ ପଡିପାରନ୍ତି। ପରିବାରରେ ଅଶାନ୍ତ ବାତାବରଣ ହୋଇପାରେ। ଦୁର୍ଘଟଣା ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ସମ୍ମାନ ପାଇବେ। ପରିବାରରେ ଶାନ୍ତି ବଜାୟ ରହିବ।

**ବିଛା** — ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ଭାଗୀଦାରୀ ବ୍ୟବସାୟ ପାଇଁ ସମୟ ଭଲ। ବନ୍ଦ ପଡିଥିବା କାର୍ଯ୍ୟ ପୁରା ହୋଇପାରେ। ଧାର୍ମିକ କାର୍ଯ୍ୟ କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖ ବୃଦ୍ଧି ହେବ। ବିଦେଶ ଭ୍ରମଣ ଯୋଗ ରହିଛି।

**ଧନୁ** — ଆଇନ ସମସ୍ୟା ଦୂର ହେବ। ରାଜଯୋଗ ଅଛି। ଦୂରଯାତ୍ରା ଯୋଗ ଅଛି। ଖର୍ଚ୍ଚ ବଢ଼ିବ। ଧ୍ୟାନ ଦିଅନ୍ତୁ ପାରିବାରିକ ବିବାଦ ହୋଇପାରେ। ବାଣୀରେ ଲଗାମ ଦିଅନ୍ତୁ। ଦେବାଳୟ ଯାଆନ୍ତୁ।

**ମକର** — ମନର ଅଶାନ୍ତି ଦୂର ହେବ। ଆୟରେ ବୃଦ୍ଧି ହୋଇପାରେ। ସମ୍ମାନରେ ବୃଦ୍ଧି ହେବ। ଉଧାର ଦିଅନ୍ତୁ ନାହିଁ। କୌଣସି ମକଦ୍ଦମା ହୋଇପାରେ। ଜୀବନସାଥୀଙ୍କ ଯୋଗୁ ଆପଣଙ୍କ ସୌଭାଗ୍ୟ ବଢ଼ିବ।

**କୁମ୍ଭ** — ବ୍ୟବସାୟୀଙ୍କ ପାଇଁ ସମୟ ଅନୁକୂଳ। ମଧୁମେହ ରୋଗୀଙ୍କ ପାଇଁ ସମୟ ଭଲନୁହେଁ। ଋଣ ଚାହିଁଲେ ମିଳିପାରେ। ଛାତ୍ରମନେ ସଫଳ ହେବେ। ପ୍ରେମୀମାନେ ନିଷ୍ପତ୍ତି ନେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** — ସନ୍ତାନ ସୁଖ ମିଳିବ। ଛାତ୍ରମାନେ ସଫଳ ହେବେ। ସମ୍ମାନ ବଢ଼ିବ। ବ୍ୟବସାୟରେ ନୂତନ ଦିଗ ଖୋଲିପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଜୀବନସାଥୀଙ୍କ ପ୍ରତ୍ୟକ୍ଷ ସହଯୋଗ ପାଇବେ। ବିଦେଶ ଭ୍ରମଣ ଯୋଗ ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଭାରତ ଜି-୨୦ର ଅଧ୍ୟକ୍ଷତା କରିବା ଆମ ପାଇଁ ଗୌରବର କଥା : ରାଷ୍ଟ୍ରପତି

**ନୂଆଦିଲ୍ଲୀ :** ସାଧାରଣତନ୍ତ୍ର ଦିବସ ପୂର୍ବରୁ ଦେଶବାସୀଙ୍କ ଉର୍ଦ୍ଦେଶ୍ୟରେ ନିଜର ବାର୍ତ୍ତା ରଖିଥିଲେ ମହାମହିମ ରାଷ୍ଟ୍ରପତି ଦୌପ୍ରଦୀ ମୁର୍ମୁ। ନିଜ ଅଭିଭାଷଣ ଆରମ୍ଭରେ ମହାମହିମ ରାଷ୍ଟ୍ରପତି ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ସହିଦ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି କି ଭାରତକୁ ଲୋକତନ୍ତ୍ରର ଜନନୀ ବୋଲି କୁହାଯାଇଥାଏ। ଏହାସହ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ନିକଟରେ ଦେଶ ଋଣୀ ବୋଲି ସେ କହିଛନ୍ତି। ଭାରତର ସଭ୍ୟତା ଦେଶର ସବୁଠାରୁ ପୁରୁଣା ସଭ୍ୟତା ଓ ଏହାକୁ ନେଇ ଦେଶ ଗର୍ବକରେ ବୋଲି ରାଷ୍ଟ୍ରପତି କହିଛନ୍ତି। ଭାରତରେ ବିଭିନ୍ନ ଭାଷା ପ୍ରଚଳିତ ଥିବା ସତ୍ତ୍ୱେ ଆମକୁ କେହି ଅଲଗା କରିପାରିବେ ନାହିଁ। ଏହାସହ କରୋନା କାଳର ସେ କଷ୍ଟଦାୟକ ସମୟକୁ ମନେପକାଇ ରାଷ୍ଟ୍ରପତି କହିଛନ୍ତି ଯେ କରୋନା କାଳରେ ଜନତାଙ୍କ ଠାରୁ ସରକାର ପର୍ଯ୍ୟନ୍ତ ବହୁ ସମସ୍ୟାର ସାମ୍ନା କରିବାକୁ ପଡିଛି ଭାରତ ହେଉଛି ଗଣତନ୍ତ୍ରର ଜନନୀ, ବିବିଧତା ମଧ୍ୟରେ ଜନସମୁଦାୟ ଗଣତନ୍ତ୍ର ସହ ଯୋଡି ହୋଇ ରହିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ଭାରତ ଆତ୍ମନିର୍ଭର ଦିଗରେ ଅଗ୍ରସର ହେଉଛି ଏବଂ ଖୁବ ଶୀଘ୍ର ଏହା ହାସଲ କରିପାରିବ କୋଲି ରାଷ୍ଟ୍ରପତି କହିଛନ୍ତି। ସେହିପରି ମହାମାରୀ ସତ୍ତ୍ୱେ ଦେଶର ଆର୍ଥିକ ସ୍ଥିତି ସୁଦୃଢ ରହିଛି,ଦୃଢ ନେତୃତ୍ୱ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି। କରୋନା ମହାମାରୀ ସମୟରେ ଭାରତ ସଫଳତାର ସହ ଅନେକ ଆହ୍ୱାନର ମୁକାବିଲା କରିପାରିଛି। ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି



ହୋଇପାରିଛି ଓ ଦେଶରେ ଯୁବକ-ଯୁବତୀ ଓ ମହିଳାଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇଛି। ଅର୍ଥନୈତିକ ଅନିଶ୍ଚିତତାରେ ପରିପୂର୍ଣ୍ଣ ବିଶ୍ୱ ସଙ୍କଟର ପୃଷ୍ଠଭୂମିରେ ଏହି ସଫଳତା ହାସଲ କରାଯାଇଛି। ଦକ୍ଷ ନେତୃତ୍ୱ ଏବଂ ପ୍ରଭାବଶାଳୀ ସଂଘର୍ଷ ସହିତ, ଆମେ ଶୀଘ୍ର ବିମୁଦ୍ରାକରଣରୁ ବାହାରିଲୁ ଏବଂ ଆମର ଅଭିବୃଦ୍ଧି ଯାତ୍ରା ଆରମ୍ଭ କଲୁ। ରାଷ୍ଟ୍ରପତି ମୁର୍ମୁ ଦେଶର ନୂତନ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିବ। ଏହାସହ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଗରିବ ଲୋକଙ୍କ ଲାଭ ମିଳୁଥିବା କଥା ରାଷ୍ଟ୍ରପତି କହିଛନ୍ତି। ୨୦୨୩ ଶେଷ ପର୍ଯ୍ୟନ୍ତ ଅନ୍ନ ଯୋଜନା ଜାରି ରହିବ। କରୋନା ପରେ ଦେଶର ଅର୍ଥନୀତିରେ ଦ୍ରୁତ ସୁଧାର ଆସୁଛି। ସେପଟେ ଦେଶର ରାଷ୍ଟ୍ରୀୟ ଶିକ୍ଷାନୀତି ଦେଶବାସୀଙ୍କ ପାଇଁ ଲାଭଦାୟକ ବୋଲି ରାଷ୍ଟ୍ରପତି କହିଛନ୍ତି। ଡିଜିଟାଲ ବିକାଶରେ ଗ୍ରାମବାସୀଙ୍କୁ ସାମିଲ କରିବାକୁ ସରକାରଙ୍କ ଗାଁ ଗୁ ଗାଁ ଇଣ୍ଟରନେଟ ସୁବିଧା ଉପଲବ୍ଧ କରାଇବାକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ଦେଶର କନ୍ୟାରତ୍ନଙ୍କ ପାଇଁ ସରକାର ଚଳାଇଥିବା ବେଟି ବଚାଓ ବେଟି ପଢାଓ ଅଭିଯାନ ଏକ ସାମାଜିକ ଲାଭ ବୋଲି ସେ କହିଛନ୍ତି। ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ଭାରତ ଏକ ଗରିବ ଏବଂ ନିରକ୍ଷର ରାଷ୍ଟ୍ରରୁ ବିଶ୍ୱ ମଞ୍ଚରେ ଏକ ଆତ୍ମବିଶ୍ୱାସୀ ରାଷ୍ଟ୍ରକୁ ଉନ୍ନୀତ ହୋଇଛି। ସମ୍ବିଧାନ ନିର୍ମାତାମାନଙ୍କ ସାମୂହିକ ଜ୍ଞାନ ଦ୍ୱାରା ଦିଆଯାଇଥିବା ମାର୍ଗଦର୍ଶନ ବିନା ଏହି ପ୍ରଗତି ସମ୍ଭବ ହୋଇନଥାନ୍ତା। ଚଳିତ ବର୍ଷ ଭାରତ ଜି-୨୦ ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଆମର ସାର୍ବଜନୀନ ଭାଇଚାରାର ଆଦର୍ଶ ସହିତ ସମାନ ଭାବରେ, ଆମେ ସମସ୍ତଙ୍କ ପାଇଁ ଶାନ୍ତି ଏବଂ ସମୃଦ୍ଧି ସପକ୍ଷରେ ଅଛୁ। ଜି-୨୦ ପ୍ରେସିଡେନ୍ସି ଭାରତକୁ ଏକ ଉତ୍ତମ ବିଶ୍ୱ ଗଠନରେ ଯୋଗଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରେ। ଭାରତ ଜି-୨୦ର ଅଧ୍ୟକ୍ଷତା କରିବା ଆମ ପାଇଁ ଏକ ଗୌରବର କଥା ବୋଲି ରାଷ୍ଟ୍ରପତି ତାଙ୍କ ଉଦବୋଧନରେ କହିଛନ୍ତି।

# ୪୧୨ ଜଣ ପାଇଲେ ବୀରତା ପୁରସ୍କାର

**ନୂଆଦିଲ୍ଲୀ :** ୭୪ତମ ସାଧାରଣତନ୍ତ୍ର ଦିବସ ଅବସରରେ ୪୧୨ ଜଣଙ୍କୁ ବୀରତା ପୁରସ୍କାର ପ୍ରଦାନ କରାଯାଇଛି। ସେନା ଓ ସଶସ୍ତ୍ର ବାହିନୀ ଯବାନଙ୍କ ନିମନ୍ତେ ରାଷ୍ଟ୍ରପତିଙ୍କ ପକ୍ଷରୁ ବିଭିନ୍ନ ସାହସିକ ଓ ସମ୍ମାନଜନକ ପଦକ ପ୍ରଦାନ କରାଯାଇଛି। ଚଳିତବର୍ଷ ୪୧୨ଟି ସାହସିକ ଓ ସମ୍ମାଜନକ ପଦକ ଘୋଷଣା କରାଯାଇଛି। ଏଥିରେ ରହିଛି ୬ଟି କୀର୍ତ୍ତିଚକ୍ର, ୧୫ଟି ଶୌର୍ଯ୍ୟଚକ୍ର, ୯୨ଟି ସେନା ମେଡାଲ, ୨୯ଟି ପରମ ବିଶିଷ୍ଟ ସେବା ମେଡାଲ, ୫୨ଟି ଅତି ବିଶିଷ୍ଟ ସେବା ମେଡାଲ। କୀର୍ତ୍ତିଚକ୍ର ନିମନ୍ତେ ମନୋନୀତ ଯବାନମାନେ ହେଲେ ମେଜର ସୁଭାଙ୍ଗ, ନାଏକ ଜିତେନ୍ଦ୍ର ସିଂହ। ଅନ୍ୟ ଚାରିଜଣଙ୍କୁ ମରଣୋତ୍ତର ଭାବେ କୀର୍ତ୍ତିଚକ୍ର ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ କନଷ୍ଟେବଲ ରୋହିତ କୁମାର (ଜାମ୍ମୁ-କାଶ୍ମୀର ପୁଲିସ), ସବ୍‌ଇନ୍ସପେକ୍ଟର ଦୀପକ ଭରଦ୍ୱାଜ, ହେଡ କନଷ୍ଟେବଲ ସୋଧି ନାରାୟଣ ଓ ହେଡ କନଷ୍ଟେବଲ ସେରୱାନ କାଶ୍ୟପ।ମୋଟ ୪୧୨ ଜଣ ସାମରିକ ଓ ପୁଲିସ କର୍ମୀଙ୍କୁ ଅତୁଳନୀୟ ସାହସ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ୨ ସେନା ଏବଂ ୪ ଟି ଗୃହ ମନ୍ତ୍ରଣାଳୟ (ମରଣୋତ୍ତର ୪), ୭ ସେନା, ୫ ବାୟୁସେନା, ୩ ଗୃହ ମନ୍ତ୍ରଣାଳୟ (୨ ମରଣୋତ୍ତର), ୯୩ ସେନା ପଦକ (୪ ମରଣୋତ୍ତର ସମେତ) ଏବଂ ଗୋଟିଏ ସେନା ପଦକ ବାର, ୧ ନୌସେନା ପଦକ (ସାହସିକତା) ସମେତ ୬ ଟି କୀର୍ତ୍ତି ଚକ୍ର, ୭ ବାୟୁ ପଦକ (ସାହସିକତା), ୨୯ ପରମ ବିଶିଷ୍ଟ ସେବା ପଦକ ଅନ୍ତର୍ଭୁକ୍ତ। ମେଜର ଶୁଭାଙ୍ଗ ଓ ନାୟକ ଜିତେନ୍ଦ୍ର ସିଂଙ୍କୁ କୀର୍ତ୍ତିଚକ୍ରରେ ସମ୍ମାନିତ କରାଯାଇଛି। ଭାରତୀୟ ତଟରକ୍ଷୀ ବାହିନୀର ମହାନିର୍ଦ୍ଦେଶକ ଭାରିନ୍ଦର ସିଂ ପଠାନିଆଙ୍କୁ ପରମ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମୋଟ ୨୯ ଜଣ ସେବାକାରୀ ଏବଂ ଅବସରପ୍ରାପ୍ତ ଅଧିକାରୀଙ୍କୁ ସେମାନଙ୍କର ବିଶିଷ୍ଟ ସେବା ପାଇଁ ପିଭିଏସଏମ ପ୍ରଦାନ କରାଯାଇଛି।

# ଏବେ ଓଲଟା ଦିଗରେ ବୁଲୁଛି ପୃଥିବୀର ଆଭ୍ୟନ୍ତରୀଣ ଅଂଶ

**ଜେନେଭା:** ପୃଥିବୀର ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳ ନିକଟରେ ଘୂରିବା ବନ୍ଦ କରିଦେଇଛି। କେବଳ ସେତିକି ନୁହେଁ, ଏହା ତାହାର ଦିଗ ବଦଳାଇ ବିପରୀତ ଦିଗରେ ଘୂରିବା ଆରମ୍ଭ କରିଛି। ଏକଥା ସମ୍ପ୍ରତି କରାଯାଇଥିବା ଏକ ବୈଜ୍ଞାନିକ ଅଧ୍ୟୟନରୁ ଜଣାଯାଇଛି। ବିଜ୍ଞାନ ଭାଷାରେ ଭୂତ୍ୱକ୍ (କ୍ରଷ୍ଟ), ଆବରଣ (ମାଣ୍ଟଲ୍) ଏବଂ ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳ (କୋର) ତିନିଟି ଆସ୍ତରଣ ବର୍ଗ ଗଠନ କରିଛି, ଯାହା ସମ୍ମିଳିତ ଭାବରେ ପୃଥିବୀ ଗଠନ କରିଛି। ଭୂକମ୍ପରୁ ସୃଷ୍ଟି ହେଉଥିବା କମ୍ପନ ସମ୍ପର୍କିତ ଅଧ୍ୟୟନ ଜରିଆରେ ପୃଥିବୀର ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳକୁ ପ୍ରଥମେ ୧୯୩୬ରେ ଚିହ୍ନଟ କରାଯାଇଥିଲା। ଏହାର ପ୍ରସ୍ଥ ପ୍ରାୟ ୭ହଜାର କିଲୋମିଟର ଏବଂ ଏହା ମୁଖ୍ୟତଃ ତରଳ ଲୌହ ଆସ୍ତରଣକୁ ନେଇ ଗଠିତ ଯାହା ଏକ କଠିତ ଲୌହ ମୂଳପିଣ୍ଡ ଚାରିପଟେ ଘେରି ରହିଛି। ୧୯୯୬ରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ଏହାର ପୂର୍ବ ତିନି ଦଶନ୍ଧିରେ ପୃଥିବୀ ପୃଷ୍ଠରେ ଅନୁଭୂତ ଭୂକମ୍ପ ତରଙ୍ଗଗୁଡିକ ତାହାର ଆଭ୍ୟନ୍ତରୀଣ ଉତ୍ପତ୍ତି ସ୍ଥଳରୁ ପୃଥିବୀର ଆଭ୍ୟନ୍ତରୀଣ



କେନ୍ଦ୍ରସ୍ଥଳ ଦେଇ ସ୍ଥାନାନ୍ତରିତ ହେବା ନିମନ୍ତେ ସାମାନ୍ୟ ଅଧିକ ସମୟ ନେଇଛି ଏବଂ ଏହା ଉକ୍ତ ସମୟରେ ନିରନ୍ତର ଭାବରେ ପରିବର୍ତ୍ତନ ଘଟିଚାଲିଛି। ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳର ଘୂର୍ଣ୍ଣନ ବର୍ଷକୁ ଆବରଣ ଓ ଭୂତ୍ୱକ୍ ସ୍ତର ତୁଳନାରେ ପ୍ରାୟ ୧ ଡିଗ୍ରୀ ଅଧିକ ରହିଛି। ଗବେଷକମାନଙ୍କର ଦୀର୍ଘ ବର୍ଷର ବିଶ୍ୱାସ ଯେ ପୃଥିବୀର ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳ ଏକ ଦୋଳି ଭଳି ଆଗକୁ ଯାଏ ଏବଂ ପୁଣି ପଛକୁ ଫେରେ। ଏହାକୁ ଏକ ପୂର୍ଣ୍ଣ ଘୂର୍ଣ୍ଣନ କୁହାଯାଏ। ଏକ ପୂର୍ଣ୍ଣ ଘୂର୍ଣ୍ଣନ ନିମନ୍ତେ ପ୍ରାୟ ୭୦ବର୍ଷ ଲାଗିଥାଏ। ଅର୍ଥାତ୍ ଏହା ୩୫ ବର୍ଷରେ ଦିଗ ପରିବର୍ତ୍ତନ କରେ। ଥରେ ଗୋଟିଏ ଦିଗରେ ୩୫ବର୍ଷ ଆଗକୁ ବଢ଼ିଲେ ପୁଣି ଦିଗ ବଦଳାଇବାକୁ ଏହା ୩୫ ବର୍ଷ ନେଇଥାଏ। ପୂର୍ବରୁ ଏହା ୧୯୭୦ ଦଶକରେ ଦିଗ ପରିବର୍ତ୍ତନ କରିଥିଲା। ପୁନଶ୍ଚ ୨୦୪୦ରେ ଏହାର ଘୂର୍ଣ୍ଣନ ଦିଗ ବଦଳିବା ଅନୁମାନ କରାଯାଉଛି। ବୈଜ୍ଞାନିକ ଗବେଷଣା ତଥ୍ୟ ଅନୁଯାୟୀ ପୃଥିବୀର ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳ ୨୦୦୯ରେ ଘୂରିବା ବନ୍ଦ କରିଦେଇଥିଲା ଏବଂ ତାହାପରେ ଏହା ଦିଗ ପରିବର୍ତ୍ତନ କରୁଛି। ପେକିଂ ୟୁନିଭରସିଟିରେ କରାଯାଇଥିବା ଏ ସମ୍ପର୍କିତ ଅଧ୍ୟୟନ ସମ୍ପର୍କିତ ରିପୋର୍ଟ ନେଚର୍ ଜିଓସାଇନ୍ସରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ଦିନର ଅବଧିରେ ହ୍ରାସ ବୃଦ୍ଧି ଦ୍ୱାରା ପୃଥିବୀ କେନ୍ଦ୍ରସ୍ଥଳ ଘୂର୍ଣ୍ଣନ ପ୍ରଭାବିତ ହେଉଛି ଏବଂ ପୃଥିବୀ ତାହାର କକ୍ଷ ପଥରେ ଘୂରିବାକୁ ଯେତିକି ସମୟ ନେଉଛି ସେଥିରେ ହୁଏତ ସାମାନ୍ୟ ପରିବର୍ତ୍ତନ ଘଟିପାରେ। ତେବେ ପୃଥିବୀ ଆଭ୍ୟନ୍ତରୀଣ କେନ୍ଦ୍ରସ୍ଥଳ ଘୂର୍ଣ୍ଣନରେ ପରିବର୍ତ୍ତନ ଦ୍ୱାରା ଭୂପୃଷ୍ଠରେ ବାସ କରୁଥିବା ଜୀବଜନ୍ତୁ ଓ ମଣିଷଙ୍କ ଉପରେ କିଭଳି ପ୍ରଭାବ ପଡ଼ିବ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ମିଳିନାହିଁ।

### ଗହମ ମୂଲ୍ୟ ଧାର୍ଯ୍ୟ କଲେ କେନ୍ଦ୍ର ସରକାର

# ଶସ୍ତା ହୋଇପାରେ ଅଟା ମୂଲ୍ୟ

**ନୂଆଦିଲ୍ଲୀ :** ଖୋଲା ବଜାରରେ ଅଟା କିଲୋ ଗ୍ରାମ ୨୯.୫୦ ପଇସାରେ ଉପଲବ୍ଧ ହେବ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଏଥିପାଇଁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଓଡ଼ିଶା ପକ୍ଷରୁ ୪୬ ହଜାର ମେଟ୍ରିକ୍ ଟନ୍ ଗହମର ଟେଣ୍ଡର କରାଯାଇଛି। ବଜାରରେ ଚଢ଼ା ଦରରେ ବିକ୍ରି ହେଉଥିବା ଅଟାକୁ ନିୟନ୍ତ୍ରଣରେ ରଖିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ହେଲେ ବର୍ତ୍ତମାନ ଦେଶରେ ଗହମ ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ବର୍ତ୍ତମାନ ଦର ରେକର୍ଡ ସ୍ତରରେ ପହଞ୍ଚିଛି। ଜାନୁଆରୀରେ ଚାହିଦାକୁ ଦୃଷ୍ଟିରେ ରଖି ସରକାର ଯୋଗାଣକୁ ବଜାୟ ରଖିବା ସହ ମୂଲ୍ୟ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଖୋଲା ବଜାରରେ ଗହମ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହା କରି ନଥିବା ଯୋଗୁ ଦେଶରେ ଗହମ ମୂଲ୍ୟରେ ବୃଦ୍ଧି ଦେଖାଦେଇଛି। ଏପରିକି ବଜାରରେ ଏବେ ଗହମ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଟପିଯାଇଛି। ଏହାଫଳରେ ବଜାରରେ ଆହୁରି ମହଙ୍ଗା ହେବ ଅଟା। ଏଠାରେ ସୂଚନାଯୋଗ୍ୟ ଯେ, ବିଗତ ୧୦ ମାସରେ ଅଟା ମୂଲ୍ୟ ୪୦% ବୃଦ୍ଧି ହେଲାଣି। ଇତିମଧ୍ୟରେ ଗହମ ମୂଲ୍ୟ ପୂର୍ବବର୍ଷ ତୁଳନାରେ ୧୬% ବୃଦ୍ଧି ଘଟିଛି। ଅପରପକ୍ଷେ କେବଳ ଜାନୁଆରୀରେ ଗହମ



ମୂଲ୍ୟରେ ୭ ପ୍ରତିଶତ ବୃଦ୍ଧି ଘଟିଲାଣି। ରିପୋର୍ଟ ଅନୁଯାୟୀ, ଦିଲ୍ଲୀରେ ଗହମ ମୂଲ୍ୟରେ ୨ ପ୍ରତିଶତ ବୃଦ୍ଧି ଘଟି ଏହା ଟନ୍ ପିଛା ୩୧,୫୦୮ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ଏତାଛଡା କେବଳ ଜାନୁଆରୀରେ ଗହମ ମୂଲ୍ୟରେ ୭ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୨ରେ ଗହମ ମୂଲ୍ୟରେ ୩୭ପ୍ରତିଶତ ବୃଦ୍ଧି ଘଟିଥିଲା। ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ସରକାର ୧୫ ଦିନ ମଧ୍ୟରେ ବଜାରକୁ ଗହମର ଷ୍ଟକ୍ ନଛାଡନ୍ତି ନାହିଁ, ତେବେ ଗହମ ମୂଲ୍ୟରେ ୫ ରୁ ୬ ପ୍ରତିଶତ ବୃଦ୍ଧି ହୋଇପାରେ। ସରକାର ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ବନ୍ଦ କରିଦେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ପରେ, ଏଫସିଆଇର ଗୋଦାମରେ ୧୧୩ ଲକ୍ଷ ଟନ୍ ଗହମ ଷ୍ଟକ୍ ରହିବ, ଯାହା ୭୪ ଲକ୍ଷ ଟନ୍ ବଫର ଷ୍ଟକ୍ ସୀମାଠାରୁ ଅଧିକ। ସରକାର ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇ ସାରିଛନ୍ତି, ତଥାପି ଏହାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗହମର ନୂତନ ଷ୍ଟକ୍ ମାର୍ଚ୍ଚ-ଏପ୍ରିଲରେ ବଜାରରେ ପହଞ୍ଚିବ ବୋଲି ଆଶା କରାଯାଉଛି ଯାହା ପରେ ମୂଲ୍ୟ କମିପାରେ। ଆଶା କରାଯାଉଥିଲା ଯେ ସରକାର ଏହାର ଭଣ୍ଡାରରୁ ଷ୍ଟକ୍ ମୁକ୍ତ କରିବେ, କିନ୍ତୁ ଏ ପର୍ଯ୍ୟନ୍ତ ତାହା ହୋଇନାହିଁ। ଗହମ ଏବଂ ଅଟା ମୂଲ୍ୟରେ ଏକ ବଡ଼ ଧରଣର ବୃଦ୍ଧି ପରେ ଅଟା ମିଲ୍ ମାଲିକମାନେ ଖୋଲା ବଜାର ବିକ୍ରୟ ଯୋଜନା ଅଧୀନରେ ଗହମ ଉପଲବ୍ଧ କରିବାକୁ ସରକାରଙ୍କ ନିକଟରେ ଦାବି କରୁଛନ୍ତି। ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗତ ଏକ ବର୍ଷ ମଧ୍ୟରେ ଗହମ ଏବଂ ମଇଦା ମୂଲ୍ୟର ଗତିବିଧିକୁ ଦେଖିଲେ ଜଣାପଡିବ ଯେ, ୨୦୨୨ ଏପ୍ରିଲ୍ ପହିଲାରେ ଗହମର ହାରାହାରି ମୂଲ୍ୟ କିଲୋଗ୍ରାମ ପିଛା ୨୨ ଟଙ୍କା, ଯାହା ଚଳିତମାସ ୨୩ ରେ କିଲୋଗ୍ରାମ ପିଛା ୨୮ ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଏହି ସମୟ ମଧ୍ୟରେ ଗହମ ମୂଲ୍ୟରେ ୨୭ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଏଥିଯୋଗୁ ୧୦ ମାସରୁ କମ୍ ସମୟ ମଧ୍ୟରେ ଅଟା ଦର ୪୦ ପ୍ରତିଶତ ବୃଦ୍ଧି ହୋଇଛି। ଅଟା ଦର ବୃଦ୍ଧି ଯୋଗୁ ଥାଳିରେ ରୁଟି ମହଙ୍ଗା ହୋଇଛି। ଫଳତଃ ବଜାରରେ ଗହମରୁ ପ୍ରସ୍ତୁତ ସାମଗ୍ରୀ ମଇଦା, ସୁଜି ଏବଂ ବିସ୍କୁଟ ଦର ବଢ଼ିଛି।

# ଖୁବ୍‌ଶୀଘ୍ର ବଜାରକୁ ଆସିବ ନାଜାଲ ଭ୍ୟାକ୍ସିନ୍

**ନୂଆଦିଲ୍ଲୀ:** ପୁଣି ଥରେ ସମଗ୍ର ବିଶ୍ୱରେ କୋଭିଡ୍ ମହାମାରୀ ମୁଣ୍ଡ ଟେକିଥିବା ବେଳେ ଏହାର ମୁକାବିଲା ପାଇଁ ଭାରତକୁ ମିଳିଲା ନୂଆ ଅସ୍ତ୍ର। ଲଞ୍ଚ ହୋଇଛି ଭାରତ ବାୟୋଟେକ ଦ୍ୱାରା ବିକଶିତ ନାଜାଲ ଭ୍ୟାକ୍ସିନ୍ 'ଇନକୋଭାକ'। ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ନାଜାଲ ଭ୍ୟାକ୍ସିନକୁ ଲଞ୍ଚ କରିଛନ୍ତି। ସରକାରଙ୍କ କହିବା ଅନୁଯାୟୀ, ଏହା ବିଶ୍ୱର ପ୍ରଥମ ଇଣ୍ଟ୍ରା-ନାଜାଲ ବା ଅନ୍ତର୍ନାସିକା ଟିକା, ଯାହା କୋଭିଡ୍ ପାଇଁ ସମ୍ପୂର୍ଣ୍ଣ ଭାବେ ଉପଯୋଗୀ। ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ଦ୍ୱାରା ନିର୍ମିତ ଏହି ଭ୍ୟାକ୍ସିନ ଫେବୃୟାରୀ ପ୍ରଥମ ସପ୍ତାହରେ ବଜାରରେ ଉପଲବ୍ଧ ହେବ। ଏହା ଏବେ କୋ-ୱିନ ଆପରେ ମଧ୍ୟ ଉପଲବ୍ଧ ହୋଇ ନାହିଁ। ଏହା ଏକ ବୁଷ୍ଟର ଡୋଜ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିବା ବେଳେ ଏହା କେନ୍ଦ୍ରୀୟ ଡ୍ରଗ୍ସ ନିୟନ୍ତ୍ରଣ ସଂସ୍ଥା ଦ୍ୱାରା ସାର୍ଟିଫିକେଟ ବି ପାଇ ସାରିଛି। ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଏହି ଭ୍ୟାକ୍ସିନ ସରକାରୀ ଡାକ୍ତରଖାନାରେ ଟିକା ପିଛା ୩୨୫ ଟଙ୍କା ଏବଂ ଘରୋଇ ଭାବେ ୮୦୦ ଟଙ୍କାରେ ବିକ୍ରି ହେବ। ଏନେଇ ଡିସେମ୍ବରରେ ଭାରତ ବାୟୋଟେକ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ଟିକାକୁ ସହଜରେ ନାକ ବାଟେ ଦିଆଯାଇପାରିବ। ଏଥିପାଇଁ ଭାରତ ସରକାରଙ୍କ ପକ୍ଷରୁ ବିଧିବଦ୍ଧ





ପରୀକ୍ଷା ନିରୀକ୍ଷା ପରେ ଅନୁମତି ପ୍ରଦାନ କରାଯାଇଛି। କୋଭିଡ୍ ସଂକ୍ରମିତ ରୋଗୀଙ୍କ କ୍ଷେତ୍ରରେ ଏଣିକି ଇନକୋଭାକକୁ ଜରୁରୀକାଳୀନ ଭାବେ ବ୍ୟବହାର କରାଯାଇପାରିବ। କୋଭାକ୍ସିନ ଓ କୋଭିସିଲ୍ଡ ମଧ୍ୟରୁ ଯେକୌଣସି ଟିକାକୁ ପ୍ରଥମ ୨ ଡୋଜ୍ ନେଇଥିଲେ ବି, ତୃତୀୟ ଡୋଜ୍ ବା ବୁଷ୍ଟର୍ ଡୋଜ୍ ଭାବେ ନାଜାଲ୍ ଭ୍ୟାକ୍ସିନକୁ ନେଇ ହେବ। ୪ସପ୍ତାହ ବ୍ୟବଧାନରେ ଏହାର ୨ଟି ଡୋଜ୍ ନେବାକୁ ପଡ଼ିବ। ଏହାକୁ ୧୮ବର୍ଷରୁ ଉର୍ଦ୍ଧ୍ୱ ଲୋକ ନେଇପାରିବେ। ନାକରେ ଦିଆଯାଉଥିବା ଏହି ଭାକ୍ସିନ ବୁଷ୍ଟର ଡୋଜ ଭାବେ କାମ କରିବ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି, 'ଇନକୋଭାକ' ଲଞ୍ଚ ହେବା ଆତ୍ମନିର୍ଭର ଭାରତ ପ୍ରସଙ୍ଗକୁ ଅଧିକ ମଜବୁତ କରୁଛି। କୋଭିଡ ମହାମାରୀ ସମୟରେ ଭାରତ କେବଳ ନିଜ ପାଇଁ ନୁହେଁ, ବିଶ୍ୱର ବହୁ ଦେଶ ପାଇଁ ଭ୍ୟାକ୍ସିନ ପ୍ରସ୍ତୁତ କରି ପ୍ରଶଂସିତ ହୋଇଛି। ଏହାର ରିସର୍ଚ୍ଚ ତଥା ନୂତନ ଉଦ୍ଭାବନ ସମଗ୍ର ବିଶ୍ୱ ଦରବାରରେ ବେଶ୍ ପ୍ରଶଂସିତ ହେଉଛି।

# ହାଇଟେକ୍ ଉପାୟରେ ଲଢ଼ିବେ ଯବାନ

### ଜେଟପ୍ୟାକ ସୁଟ୍, ରୋବୋଟିକ ଖଚର ଓ ଉନ୍ନତ ଡ୍ରୋନ୍ ସିଷ୍ଟମ ପାଇଁ ଟେଣ୍ଡର ଦେଲା ସେନା

**ନୂଆଦିଲ୍ଲୀ :** ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭାରତୀୟ ସେନାକୁ ଅପଗ୍ରେଡ୍ କରାଯାଉଛି। ଆଗକୁ ନୂଆ ନୂଆ ପ୍ରତିବନ୍ଧକ ଆସିବା ପୂର୍ବରୁ ଭାରତୀୟ ସେନାକୁ ଆଧୁନିକୀକରଣ ଏବଂ ନବୀକରଣ କରାଯାଉଛି। ଭାରତୀୟ ସୈନ୍ୟ ଏଣିକି ଶୂନ୍ୟରେ ଉଡିବେ ପାରିବେ। ସେମାନଙ୍କ ଲାଗି ଆସିବ ଜେଟପ୍ୟାକ ସୁଟ୍। ଏହି ସୁଟ୍ ବଳରେ ସେମାନେ ଘଣ୍ଟା ପ୍ରତି ୫୦ କିଲୋମିଟର ବେଗରେ ଉଡିପାରିବେ। ଏହି ସୁଟ୍ ପିନ୍ଧି ଦୁର୍ଗମ ଅଞ୍ଚଳରେ ପ୍ରବେଶ କରି ଶତ୍ରୁକୁ ଦମନ କରିବେ ଭାରତୀୟ ସେନା। ଆଇରନ ମ୍ୟାନ୍ ଭଳି ଆକାଶରେ ଉଡିବେ ଆମ ଭାରତୀୟ ସେନା। ଏପରି ଉଡିବା ପାଇଁ ଆବଶ୍ୟକ ଅତ୍ୟାଧୁନିକ ଜ୍ୟାଟପେକ୍ କିଟ୍। ଏହି କିଟ୍ ଏବେ ଅର୍ଡର କରିଛି ଭାରତୀୟ ସେନା। ଏନେଇ ପ୍ରାଥମିକ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ୪୮ଟି ଜେଟପ୍ୟାକ ସୁଟ, ୧୦୦ଟି ରୋବୋଟିକ ଖଚର, ୧୩୦ଟି ନ୍ୟୁଜେନେରେସନ ଟିଥର୍ଡ ଡ୍ରୋନ ସିଷ୍ଟମ ହାସଲ ଲାଗି ନିଆଯାଇଛି ପଦକ୍ଷେପ। ଫାଷ୍ଟଟ୍ରାକ ପ୍ରସିଡ୍ୟୁର ପ୍ରକ୍ରିୟାରେ ଏହା ହାସଲ ହେବ। ମଡର୍ଣ୍ଣ ପ୍ରପଲସନ ସିଷ୍ଟମ ଅନୁସାରେ ଏହି ସୁଟଗୁଡ଼ିକ ପ୍ରସ୍ତୁତ ହେବ। ଏହି ସୁଟ୍ ଜରିଆରେ ସହଜରେ ଉଡାଣ ଓ ଲ୍ୟାଣ୍ଡିଂ ସମ୍ଭବ ହୋଇପାରିବ। ସେହିପରି ୧୦ ହଜାର ଫୁଟ ଉଚ୍ଚରେ ୪ ପାଦ ବିଶିଷ୍ଟ ରୋବୋଟିକ ଖଚର କାର୍ଯ୍ୟକରିବ। ବିଭିନ୍ନ ପରିବସ୍ଥିତିରେ ସ୍ୱୟଂକ୍ରିୟ ଭାବେ ଏହି ଖଚର ଗତି କରିପାରିବ। ଏହାକୁ ବି ସହଜରେ ଉଦ୍ଧାର କରାଯାଇପାରିବ। ବିଭିନ୍ନ ପ୍ରତିବନ୍ଧକକୁ ଏଡ଼ାଇବା କ୍ଷମତା ଏହା ନିକଟରେ ରହିଛି। ଆର୍ମେନିଆ- ଆଜରବୈଜାନ, ଋଷ-ୟୁକ୍ରେନ ଯୁଦ୍ଧରୁ ମିଳିଥିବା ଅନୁଭୂତି ଅନୁସାରେ



ଏହି ସାମଗ୍ରୀ ହାସଲ କରାଯିବ। ଏହା ସହ କାମିକାଜେ ଡ୍ରୋନ, ଆର୍ମଡ ଡ୍ରୋନ ସ୍ୱାର୍ମ, ଲଜିଷ୍ଟିକ୍ସ ଡ୍ରୋନ, ସର୍ଭେଲାନ୍ସ କ୍ୱାଡକପ୍ଟର ଆଦି ମଧ୍ୟ ହାସଲ କରିବା ଲାଗି ଯୋଜନା କରାଯାଇଛି। ଅନ୍ୟପଟେ ଭାରତୀୟ ସେନା ୪୮ଟି ଜେଟ୍ ପ୍ୟାକ୍ ସୁଟ୍ କ୍ରୟ ପ୍ରକ୍ରିୟା ଆରମ୍ଭ କରିଛି। ଏହି ଜେଟ୍ ପ୍ୟାକ୍ ସୁଟ୍ ର ଅନେକ ଲାଭ ଅଛି। ସୀମାରେ ପୋଷ୍ଟ କରାଯାଇଥିବା ଯବାନମାନେ ମଧ୍ୟ ଜେଟ୍ ପ୍ୟାକ୍ ସୁଟ୍ ପିନ୍ଧି ଉଡିପାରିବେ। ସୂଚନା ଅନୁଯାୟୀ, ଜେଟ୍ ପ୍ୟାକ୍ ସୁଟରେ ପାଞ୍ଚଟି ଗ୍ୟାସ୍ ଟର୍ବାଇନ ଜେଟ୍ ଇଞ୍ଜିନ ଅଛି, ଯାହା ପ୍ରାୟ ୧୦୦୦ ହର୍ସ ପାୱାରର ଶକ୍ତି ଉତ୍ପାଦନ କରିଥାଏ। ଏହିପରି ସୁଟ୍ ଇନ୍ଧନ, ଡିଜେଲ କିମ୍ବା କିରୋସିନରେ ଚାଲିପାରିବ। ଜେଟ୍ ପ୍ୟାକ୍ ସୁଟର ଗତି ଘଣ୍ଟା ପ୍ରତି ୫୦ କିଲୋମିଟର ଥିବାବେଳେ ଏହି ସୁଟ ପିନ୍ଧି ଭାରତୀୟ ଯବାନମାନେ ପ୍ରତିକୂଳ ପରିସ୍ଥିତିରେ ବି ସୀମା ଉପରେ ନଜର ରଖିପାରିବେ। ସେନା କହିଛି, ଏହି ଏହି ଜ୍ୟାଟପେକ୍ ସୁଟରେ ସେନାର ଲ୍ୟାଣ୍ଡିଂ ଏବଂ ଟେକ ଅପ୍ ବ୍ୟବସ୍ଥା ରହିଥିବା କୁହାଯାଉଛି। ସେହିପରି ଡ୍ରୋନ ଜରିଆରେ ଦୀର୍ଘ ସମୟ ଧରି ସୀମା ରେଖା ଉପରେ ନଜର ରଖିପାରିବାକୁ ଲକ୍ଷ୍ୟ ରଖିଛି ଭାରତୀୟ ସେନା।

## ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# କନଷ୍ଟେବଲ ନିଯୁକ୍ତିରେ ବୟସ ସୀମା ୪ ବର୍ଷ କୋହଳ

**କଟକ :** କନଷ୍ଟେବଲ ପଦରେ ନିଯୁକ୍ତି ପାଇଁ ସର୍ବାଧିକ ବୟସସୀମା ୪ ବର୍ଷ କୋହଳ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨, ଡିସେମ୍ବର ୩୦ରେ ଓଡ଼ିଶା ପୁଲିସ ରାଜ୍ୟ ଚୟନ ବୋର୍ଡ (ଏସଏସବି) ପକ୍ଷରୁ ୪ ହଜାର ୭୯୦ କନଷ୍ଟେବଲ ପଦରେ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୨୩ ବର୍ଷ ଧାର୍ଯ୍ୟ କରାଯାଇଥିବା ବେଳେ ଏହାକୁ ୪ ବର୍ଷ କୋହଳ କରିବାକୁ ହାଇକୋର୍ଟ କହିଛନ୍ତି। ଓଡ଼ିଶା ପୁଲିସ ଅର୍ଡର, ୨୦୨୧ର ଅର୍ଡର-୧୭ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥରକ ପାଇଁ ବୟସସୀମା ୪ ବର୍ଷ କୋହଳ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ କରାଯିବାର ଆବଶ୍ୟକତା ନାହିଁ। ୨୦୨୩, ଜାନୁଆରି ୩୦ ସୁଦ୍ଧା ସର୍ବାଧିକ ବୟସସୀମା ୪ ବର୍ଷ କୋହଳ ସଂପର୍କିତ ଅତିରିକ୍ତ ବିଜ୍ଞପ୍ତି




ଏସଏସବି ତରଫରୁ ପ୍ରକାଶ କରାଯିବ। ବୟସସୀମା କୋହଳ ପରେ ଆବେଦନ କରିବାକୁ ଥିବା ପ୍ରାର୍ଥୀ ଉଭୟ ଅନ୍ ଲାଇନ ଓ ଅଫ୍ ଲାଇନରେ ଫେବୃଆରି ୧୦ ସୁଦ୍ଧା ଦରଖାସ୍ତ ଫର୍ମ ଦାଖଲ କରି ପାରିବେ ବୋଲି ପ୍ରକାଶ ପାଇବାକୁ ଥିବା ବିଜ୍ଞପ୍ତିରେ ସ୍ପଷ୍ଟ କରାଯିବ। ଏଥିସହିତ ନିଯୁକ୍ତି ପରୀକ୍ଷା ପାଇଁ ଏକ ଉପଯୁକ୍ତ ସାନି ତାରିଖ ଧାର୍ଯ୍ୟ କରାଯିବ। ଫେବୃଆରି ୨୦ରୁ ଆରମ୍ଭ ହେବାକୁ ଥିବା ସପ୍ତାହରେ ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ କରାଯାଇ ଏ ନେଇ ଏସଏସବି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ରହିଥିବା ତଥ୍ୟ ଓ ପରିସ୍ଥିତିକୁ ବିଚାରକୁ ନେଇ ଥରକ ପାଇଁ ସର୍ବାଧିକ ବୟସସୀମା କୋହଳ ଲାଗି ନିର୍ଦ୍ଦେଶ ଦିଆଯାଉଛି ବୋଲି ହାଇକୋର୍ଟଙ୍କ ରାୟରେ ସ୍ପଷ୍ଟ କରାଯାଇଛି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନଗେନ ଭୋଇ, ରଶ୍ମୀରଂଜନ ବେହେରା, ସତ୍ୟଜିତ ପ୍ରଧାନ ଓ ଅନ୍ୟମାନଙ୍କ ଆବେଦନର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୨, ଡିସେମ୍ବର ୩୦ରେ ୪ ହଜାର ୭୯୦ କନଷ୍ଟେବଲ (ସିଭିଲ) ପଦରେ ନିଯୁକ୍ତି ପାଇଁ ଏସଏସବି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୨, ଜାନୁଆରି ୧ ସୁଦ୍ଧା ସାଧାରଣ ବର୍ଗ ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୧୮ ଓ ସର୍ବାଧିକ ବୟସ ୨୩ ହୋଇଥିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। ଏଥିସହିତ ବିଭିନ୍ନ ସଂରକ୍ଷିତ ବର୍ଗ ପାଇଁ ବୟସସୀମା ନିୟମ ଅନୁସାରେ କୋହଳ ବ୍ୟବସ୍ଥା ରହିଥିଲା। ନିଯୁକ୍ତିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ପ୍ରାର୍ଥୀ ୨୦୨୨, ଜାନୁଆରି ୨୧ ସୁଦ୍ଧା ଦରଖାସ୍ତ ଅନ୍ ଲାଇନରେ ଦାଖଲ କରି ପାରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା। ସର୍ବାଧିକ ବୟସସୀମା ନିୟମକୁ ଚାଲେଞ୍ଜ କରି ହାଇକୋର୍ଟରେ ଏହି ସବୁ ମାମଲା ଦାୟର ହୋଇଥିଲା। ଶେଷ ଥର ପାଇଁ ୨୦୧୮ରେ କନଷ୍ଟେବଲ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୪ ବର୍ଷ ପରେ ୨୦୨୨ରେ କନଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଗତ ଚାରିବର୍ଷ ଭିତରେ ସୃଷ୍ଟି ହୋଇଥିବା ପଦବି ଗୁଡ଼ିକୁ ନେଇ ୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ବୟସସୀମା ମଧ ୪ ବର୍ଷ କୋହଳ କରାଯିବା ଅବାଶ୍ୟକ। ରାଜ୍ୟରେ ବିଭିନ୍ନ ସରକାରୀ ପଦ ପାଇଁ ସର୍ବାଧିକ ବୟସସୀମା କୋହଳ ଲାଗି ଓଡ଼ିଶା ସିଭିଲ ସର୍ଭିସ (ଫିକ୍ସେସନ ଅଫ ଅପର ଏଜ୍ ଲିମିଟ) ନିୟମାବଳୀ ୧୯୮୯ରେ ୨୦୨୨, ନଭେମ୍ବର ୭ରେ ସଂଶୋଧନ କରାଯାଇଥିଲା। କିନ୍ତୁ କନଷ୍ଟେବଲ ପଦ ପାଇଁ ବୟସସୀମା କୋହଳ କରା ନ ଯିବା ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। କିନ୍ତୁ ଓଡ଼ିଶା ସିଭିଲ ସର୍ଭିସ ନିୟମାବଳୀ ପୁଲିସ କନେଷ୍ଟବଳ ପଦରେ ନିଯୁକ୍ତି ପାଇଁ ଲାଗୁ ନୁହେଁ। କନଷ୍ଟେବଳ ପଦରେ ନିଯୁକ୍ତି ପ୍ରସଂଗ ଓଡ଼ିଶା ପୁଲିସ ଅର୍ଡର ୨୦୨୧ ଦ୍ୱାରା ପରିଚାଳିତ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ୨୦୧୮ ପରେ ଆଉ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇ ନଥିବାରୁ ବହୁ ଯୋଗ୍ୟ ପ୍ରାର୍ଥୀ ସୁଯୋଗ ପାଇ ପାରି ନଥିବା ପ୍ରସଂଗକୁ ବିଚାରକୁ ନେଇ ହାଇକୋର୍ଟ ସର୍ବାଧିକ ବୟସସୀମା ୪ ବର୍ଷ କୋହଳ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ରାଜୀବ ରଥ ଓ ସରକାରଙ୍କ ପକ୍ଷରୁ ଏଜିଏ ବିଭୁପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରାଷ୍ଟ୍ରପତି ପୋଲିସ ମେଡାଲ୍




**ଭୁବନେଶ୍ୱର :** ପୁଲିସ କମିଶନର ସୌମେନ୍ଦ୍ର ପ୍ରୀୟଦର୍ଶୀଙ୍କୁ ରାଷ୍ଟ୍ରପତି ପୁଲିସ ମେଡାଲ୍। ବିଶିଷ୍ଟ ସେବା ପାଇଁ ସମ୍ମାନିତ ହୋଇଛନ୍ତି ଟ୍ୱିନ୍‌ସିଟିର ପୁଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ଏଥିସହ ସିକ୍ୟୁରିଟି ୱିଙ୍ଗ ଏସ୍‌ପି ସରୋଜ ମହାପାତ୍ରଙ୍କୁ ମଧ ମିଳିଛି ରାଷ୍ଟ୍ରପତି ପୁଲିସ୍ ମେଡାଲ୍। ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ ପୁଲିସ ପଦକ ପ୍ରଦାନ ଉତ୍ସବ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଓ ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ଉଲ୍ଲେଖନୟ ସଫଳତା, ସାହସିକତା ଓ ବିଶିଷ୍ଟ ସେବା ପାଇଁ ୩୪ ଜଣଙ୍କୁ ସମ୍ମାନିତ କରାଯାଇଛି। ଚନ୍ଦକା ଏସ୍‌ଓଜିର ୨ ଜଣ କମାଣ୍ଡୋଙ୍କୁ ସାହାସିକତା ପୁରସ୍କାର ମିଳିଛି। ପୁରସ୍କୃତ ହୋଇଛନ୍ତି ଏସ୍‌ଓଜି କମାଣ୍ଡୋ କୁମାର କର୍ମି ଓ ପୀତବାସ ପାଣ୍ଡେ। ଏଥିସହ ଉଲ୍ଲେଖନୀୟ ସେବା ପାଇଁ ୧୦ ଜଣ ପୁଲିସ କର୍ମଚାରୀ ପୁରସ୍କୃତ ହୋଇଛନ୍ତି। ୭ଟି କାଟାଗୋରୀରେ ୨୦ ଜଣଙ୍କୁ ରାଜ୍ୟପାଳ ମେଡାଲ ପ୍ରଦାନ କରାଯାଇଛି।

# କବାଡ଼ିଖାନା ଯିବ ୭୪୪୨ ସରକାରୀ ଗାଡ଼ି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ପାଖରେ ୫୩୨୩ଟି ପୁରୁଣା ଗାଡ଼ି ଅଛି ଯାହାର ବୟସ ୨୦ ବର୍ଷରୁ ଅଧିକ। ଏଥି ମଧ୍ୟରୁ ୨୬୩ ଟି ପୁରୁଣା ଗାଡ଼ି ଏବେ ବି ବ୍ୟବହାର ହେଉଛି। ତେବେ ନୂଆ ପୁରୁଣା ମିଶାଇ ସମୁଦାୟ ୧୦,୧୪୫ ଗାଡ଼ି ଏବେ କାର୍ଯ୍ୟରୁ ଅନ୍ତର ହୋଇଛି। ପରିବନ ବିଭାଗ ଏପରି ଏକ ରିପୋର୍ଟ କେନ୍ଦ୍ର ପରିବହନ ମନ୍ତ୍ରଣାଳୟକୁ ପଠାଇଛି। ରାଜ୍ୟର ସରକାରୀ ଦପ୍ତରମାନଙ୍କରେ କେତେ ୨୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ି ରହିଛି ସେ ସମ୍ପର୍କରେ କେନ୍ଦ୍ର ସରକାର ମାଗିଥିବା ସୂଚନା ଅନୁସାରେ ରାଜ୍ୟ ସରକାର ଏହି ରିପୋର୍ଟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଦିଆଯାଇ ଥିବା ତାଲିକା ଅନୁସାରେ ରାଜ୍ୟରେ ବିଭିନ୍ନ ବିଭାଗରେ ୧୫ ବର୍ଷରୁ କମ୍ ୧୧୯୫୨ ଗାଡ଼ି ବ୍ୟବହାର ହେଉଥିବା ବେଳେ ୨୪୮୮ ଗାଡ଼ି ଅଫ୍ ରୋଡ୍ ଅଛି। ସେହିପରି ୧୫ରୁ ୨୦ ବର୍ଷ ମଧ୍ୟରେ ୧୮୫ଟି ଗାଡ଼ି ବ୍ୟବହାର ହେଉଛି ଏବଂ ୧୨୪୦ ଗାଡ଼ି ଅଫ୍ରୋଡ୍ ଅଛି। ୨୦ ବର୍ଷରୁ ଅଧିକ ପୁରୁଣା ଗାଡ଼ି ମଧ୍ୟରେ ୧୭୪ଟି ବ୍ୟବହାର ହେଉଛି ଏବଂ ୩୪୧୩ ଟି ଗାଡ଼ି ଅଫ୍ ରୋଡ୍ ଅଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପାଖରେ ଥିବା ୧୫ ବର୍ଷ ମଧ୍ୟରେ ୮୦ ଗାଡ଼ି ବ୍ୟବହାର ହେଉଛି ଆଉ ୨୦ଟି ଅଫ୍ ରୋଡ୍ ଅଛି। ପରିବହନ ନିଗମ ପାଖରେ ୧୫ ବର୍ଷ ମଧ୍ୟରେ ୩୮ଟି ଗାଡ଼ି ଅନ୍ରୋଡ୍ ଥିବା ବେଳେ ୪ଟି ଗାଡ଼ି ଅଫ୍ ରୋଡ ଅଛି। ସେହିପରି ସରକାରୀ ଉଦ୍ୟୋଗରେ ୧୫ ବର୍ଷ ମଧ୍ୟରେ ୩୬୦୦ ଗାଡ଼ି ଚଳମାନ ଅବସ୍ଥାରେ ରହିଛି ଏବଂ ୭୨୭ଟି ଗାଡ଼ି ଅଚଳ ପଡ଼ିଛି। ଅନୁରୂପ ଭାବରେ ୧୫-୨୦ ବର୍ଷ ମଧ୍ୟରେ ୯୭ଟି ଚାଲୁଛି ଓ ୫୬୦ଟି ଅବ୍ୟବହୃତ ଅଛି। ୨୦ ବର୍ଷରୁ ଅଧିକ ୮୭ଟି ଗାଡ଼ି ଅନରୋଡ୍ ଅଛି ଓ ୧୬୪୫ଟି ଗାଡ଼ି ଅଫ୍ରୋଡ ଅଛି। ଅପରପକ୍ଷେ ସରକାରୀ ସ୍ୱୟଂଶାସିତ ସଂସ୍ଥାଗୁଡିକ ଏବେ ୧୫ ବର୍ଷ ମଧ୍ୟରେ ୬୯୯ଟି ଗାଡ଼ି ବ୍ୟବହାର କରୁଥିବା



ବେଳେ ୨୭ଟି ଅଫ୍ରୋଡ୍ ହୋଇ ରହିଛି। ୧୫-୨୦ ବର୍ଷ ମଧ୍ୟରେ ୧୮ଟି ଚାଲୁଛି ଓ ୧୯ଟି ଅବ୍ୟବହୃତ ଅଛି। ୨୦ ବର୍ଷରୁ ଅଧିକ ଗାଡ଼ି ମଧ୍ୟରୁ ଅନ୍ରୋଡ ଏବଂ ଅଫ୍ରୋଡ୍ ଗାଡ଼ି ସଂଖ୍ୟା ଯଥାକ୍ରମେ ୨ ଓ ୨ ରହିଛି। ୧୫ ବର୍ଷ ମଧ୍ୟରେ ଥିବା ୩୨୬୬ ଗାଡ଼ି, ୧୫-୨୦ ବର୍ଷ ମଧ୍ୟରେ ୧୮୧୯ ଏବଂ ୨୦ ବର୍ଷରୁ ଅଧିକ ପୁରୁଣା ୫୦୬୦ ଗାଡ଼ି ଅଫରୋଡ୍ ହୋଇ ରହିଛି। ୧୫ ବର୍ଷରୁ ଅଧିକ ବାଣିଜ୍ୟିକ ଏବଂ ୨୦ ବର୍ଷରୁ ଅଧିକ ଘରୋଇ ଗାଡ଼ି ଆଉ ରାସ୍ତାରେ ଗଡ଼ିବ ନାହିଁ ଏବଂ ସରକାରୀ ବିଭାଗର ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିକୁ ପ୍ରଥମେ ସ୍କ୍ରାପ୍ କରାଯିବ। କେନ୍ଦ୍ର ସରକାରଙ୍କର ଏହି ନିଷ୍ପତ୍ତି ଅନୁସାରେ ରାଜ୍ୟରେ ୧୫ ବର୍ଷରୁ ଅଧିକ ୭୪୪୨ଟି ସରକାରୀ ଗାଡ଼ି ସ୍କ୍ରାପ୍ ହେବ। ଏପ୍ରିଲ ୧ ତାରିଖରୁ ସରକାରୀ ଗାଡ଼ିର ସ୍କ୍ରାପ୍ ଆରମ୍ଭ ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ସରକାରୀ କାର୍ଯ୍ୟରେ ବ୍ୟବହାର ହେଉଥିବା ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିକୁ ଅଣ ପଞ୍ଜିକୃତ କରାଯାଇ ସ୍କ୍ରାପ୍ କରାଯିବ। ତେବେ ଏ ବାବଦରେ ସ୍କ୍ରାପ୍ ହେଉଥିବା ଗାଡ଼ି ଉପରେ ସରକାରଙ୍କୁ କେତେ ଟଙ୍କା ମିଳିବ ତାହା ସ୍ପଷ୍ଟ ହୋଇ ନାହିଁ। ତେବେ ରାଜ୍ୟ ସରକାର ଇତିମଧ୍ୟରେ ଓଡ଼ିଶା ସ୍କ୍ରାପ୍ ନୀତି ପ୍ରଣୟନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ସ୍କ୍ରାପ୍ ୟୁନିଟ୍ କାର୍ଯ୍ୟକ୍ଷମ ହୋଇ ନାହିଁ। କିଛି ସଂସ୍ଥା ଏଥିପାଇଁ ଆବେଦନ କରିଥିବା ବେଳେ ତାହା ଏବେ ପ୍ରକ୍ରିୟାକରଣ ମଧ୍ୟରେ ଅଛି। ଏପରିସ୍ଥଳେ ଏପ୍ରିଲ ମାସରୁ ସରକାରୀ ଗାଡ଼ିର ସ୍କ୍ରାପ୍ ଆରମ୍ଭ ହେବା ନେଇ ଆଶଙ୍କା ରହିଛି।

# ମନରେଗାରେ ଦେଶରେ ଏକ ନମ୍ବର ଗଞ୍ଜାମ

**ଭୁବନେଶ୍ୱର :** ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗଞ୍ଜାମ ଜିଲ୍ଲା ସାରା ଦେଶରେ ଏକ ନମ୍ବର ସ୍ଥାନ ହାସଲ କରିଛି। ଜାନୁଆରୀ ୨୨ ସୁଦ୍ଧା, ଶ୍ରମ ଦିବସ ସୃଷ୍ଟି କରିବା ସହ ଗାଁ ଲୋକଙ୍କୁ ଶହେ ଦିନିଆ କାମ ଯୋଗାଇ ଦେବାରେ ଗଞ୍ଜାମ ଜିଲ୍ଲା ଏହି ସଫଳତା ପାଇଛି। ଜିଲ୍ଲାରେ ୬୩ ହଜାର ୪୪୯ ପରିବାରକୁ ଶହେ ଦିନିଆ କାମ ଯୋଗାଇ ଦିଆଯାଇଛି। ସେହିପରି ଜିଲ୍ଲାରେ ୨.୨୬ କୋଟି ଶ୍ରମ ଦିବସ ମଧ ସୃଷ୍ଟି କରାଯାଇଛି । ତେବେ ୩.୫୪ କୋଟି ଶ୍ରମ ଦିବସ ସୃଷ୍ଟି କରିବା ଜିଲ୍ଲାର ବାର୍ଷିକ ଟାର୍ଗେଟ ଥିଲା। ଶ୍ରମ ଦିବସ ସୃଷ୍ଟି କରିବାରେ



ଗଞ୍ଜାମ ପଛକୁ ତାଲିକାରେ ରହିଛନ୍ତି ରାଜସ୍ଥାନର ବାରମରା ଓ ତାମିଲନାଡୁର ତିରୁଭନ୍ନାମଲାଇ। ବାରମରା ୨.୧୮ କୋଟି ଶ୍ରମ ଦିବସ ସୃଷ୍ଟି କରିଥିବାବେଳେ ତିରୁଭନ୍ନାମଲାଇ ୨.୧୩ କୋଟି ଶ୍ରମ ଦିବସ ସୃଷ୍ଟି କରିପାରିଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା ୩୫ ହଜାର ୧୪୧ ଜଣ ପରିବାରକୁ ଶହେ ଦିନିଆ କାମ ଯୋଗାଇ ଦେଶରେ ଦ୍ୱିତୀୟ ପୋଜିସନରେ ଥିବାବେଳେ ତା ପଛକୁ ରହିଛି ରାଜସ୍ଥାନର ବରାମରା। ବାରମରା ୩୪ ହଜାର ୯୯୪, ବଲାଙ୍ଗୀର ୨୬ ହଜାର ୨୦୯ ପରିବାରକୁ ଶହେ ଦିନର କାମ ଯୋଗାଇ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅକ୍ତିଆର କରିଛନ୍ତି। ସେହିପରି ଗଞ୍ଜାମ ଜିଲ୍ଲା ୫୮ ପ୍ରତିଶତ ମହିଳାଙ୍କ ଅଂଶଗ୍ରହଣ ପୂରା ରାଜ୍ୟରେ ଏକ ନମ୍ବର ପୋଜିସନ ହାସଲ କରିବାରେ ସାହାଯ୍ୟ କରିଛି। ଅର୍ଥାତ ଏମଜିମନରେଗାରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ମହିଳାଙ୍କୁ କାମ ଯୋଗାଇ ଦିଆଯାଇଛି।

## ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ କେନ୍ଦ୍ରର ସ୍ୱୀକୃତି

# ‘ଓସ୍‌ଡମା’କୁ ମିଳିଲା ‘ଆପଦ ପ୍ରବନ୍ଧନ ପୁରସ୍କାର’

**ଭୁବନେଶ୍ୱର :** ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲକୁ ପୁଣିଥରେ ଶ୍ରେଷ୍ଠ ସ୍ୱୀକୃତି ଦେଇଛି କେନ୍ଦ୍ର ସରକାର। ବିପର୍ଯ୍ୟୟ ପରିଚାଳନାରେ ସର୍ବୋତ୍କୃଷ୍ଟ ପଦକ୍ଷେପ ଓ ପାରଦର୍ଶୀ ନୀତି ନିମନ୍ତେ ଓଡ଼ିଶା ସାରା ଦେଶରେ ଶ୍ରେଷ୍ଠ ମାନ୍ୟତା ପାଇଛି। ଏଥିପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)କୁ ‘ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ ପୁରାସ୍କାର-୨୦୨୩’ ନିମନ୍ତେ କେନ୍ଦ୍ର ସରକାର ମନୋନୀତ କରିଛନ୍ତି। ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କଜୟନ୍ତୀ ଅବସରରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯିବା ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ୧୯୯୯ ମସିହାରେ ସ୍ଥାପନ ହୋଇଥିବା ଓସଡମା ବର୍ତ୍ତମାନ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ପୂର୍ବରୁ ଅନେକ ସଂସ୍ଥା ‘ଓସ୍‌ଡମା’ର କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ କେନ୍ଦ୍ର ସରକାର ଓସଡମାକୁ ଏହି ପୁରସ୍କାର ଘୋଷଣା କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ସମ୍ବେଦନଶୀଳ ରାଜ୍ୟରୂପେ ପରିଗଣିତ। ପ୍ରତି ବର୍ଷ ରାଜ୍ୟ ଏକାଧିକ ଥର ବନ୍ୟା ବାତ୍ୟାର ସମ୍ମୁଖୀନ ହେଉଛି। ଗତ ୫୦ ବର୍ଷ ମଧ୍ୟରେ ଓଡ଼ିଶା ୩୦ରୁ ଊର୍ଦ୍ଧ୍ୱ ବର୍ଷ ବାତ୍ୟା, ବନ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛ। ଏହି ବିପର୍ଯ୍ୟୟଗୁଡ଼ିକର ମୁକାବିଲା କରି ଏହାର ସଠିକ ପରିଚାଳନା ପାଇଁ ରାଜ୍ୟ ସରକାର ନିଜକୁ ମଜଭୁତ କରିଛନ୍ତି। ୧୯୯୯ ମସିହା ମହାବାତ୍ୟା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାନସ ସନ୍ତାନ ‘ଓସ୍‌ଡମା’ ବିପର୍ଯ୍ୟୟ ସମୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛି। ଫାଇଲିନ, ହୁଡ୍‌ହୁଡ୍, ଫନି, ତିତ୍ଲି, ୟସ୍, ଅମ୍ଫନ ସହ ୨୦୨୦ରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ସମୟରେ ନିଜର ଦାୟିତ୍ୱ ତୁଲାଇଛି। ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପରେ ‘ଓସ୍‌ଡମା’ ଦେଶ ପାଇଁ ଆଦର୍ଶ ହୋଇଛି। ବନ୍ୟା ବାତ୍ୟା ସମୟରେ ‘ଓସ୍ଡମା’ ପ୍ରମୁଖ ଭୂମିକା ତୁଲାଉଥିବା ବେଳେ ‘ଓସ୍‌ଡମା’ର ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ (ଓଡ୍ରାଫ) ସର୍ବାଧିକ ଗୁରୁ ଦାୟିତ୍ୱ ତୁଲାଉଛି। ବିପର୍ଯ୍ୟୟ ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଠାରୁ ଆରମ୍ଭ କରି ବାତ୍ୟା ଓ ବନ୍ୟା ପରବର୍ତ୍ତି ପୁନଃରୁଦ୍ଧାର କାର୍ଯ୍ୟ ମଧ ଏହି ଟିମ୍ ତ୍ୱରିତ ଭାବେ କରିଥାଏ। ଯାହାପାଇଁ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଓ କେରଳ ଭଳି ରାଜ୍ୟ ବିପର୍ଯ୍ୟୟ ସମୟରେ ଓଡ଼ଶାର ଏହି ଟିମ୍ ସହାୟତା ଲୋଡ଼ିଛନ୍ତି। ଓଡ଼ିଶାର ଏହି ଟିମ୍ ଢାଞ୍ଚାରେ କେନ୍ଦ୍ର ସରକାର ମଧ ‘ଏନ୍‌ଡିଆରଏଫ୍’ ସ୍ଥାପନ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଜାତିସଂଘ ଦ୍ୱାରା ପୁରସ୍କୃତ ହେବା ସହିତ ଅନେକ ସମୟରେ ଅନ୍ୟ ରାଜ୍ୟ ପାଇଁ ରୋଲ୍ମଡେଲ ସାଜିଛନ୍ତି। ଓସଡମା ଦ୍ୱାରା ପ୍ରତି ଘରୁ ବିପର୍ଯ୍ୟୟ ଯୋଦ୍ଧା ବାହାର କରିବା ପାଇଁ ରାଜ୍ୟ ସରକାର ଇତିମଧ୍ୟରେ ‘ଆପଦ ମିତ୍ର’ ନାମରେ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯୁବଗୋଷ୍ଠୀଙ୍କୁ ବିପର୍ଯ୍ୟୟ ପରିଚାଳନାର ସ୍ୱତନ୍ତ୍ର ତାଲିମ ଦିଆଯାଇ ସେମାନଙ୍କୁ ଅଭିଯାନରେ ଯୋଡ଼ାଯାଉଛି। ସେହିପରି ‘ଓସ୍‌ଡମା’ ପକ୍ଷରୁ ଓଡ୍ରାଫ, ଅଗ୍ନିଶମ ସେବା ୟୁନିଟ୍, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ୟୁନିଟ୍ ଗୁଡ଼ିକୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଯୋଗାଇବା ସହ ନିୟମିତ ବ୍ୟବଧାନରେ ସେମାନଙ୍କ ତାଲିମ ମଧ ଦିଆଯାଉଛି। ‘ଓସ୍‌ଡମା’ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ୮୭୯ ଟି ବହୁମୁଖୀ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିବା ବେଳେ ରାଜ୍ୟର ୩୮୧ ଟି ଗ୍ରାମରେ ସୁନାମି ମୁକାବିଲା ପାଇଁ ତାଲିମ ପ୍ରଦାନ କରି ଆସୁଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଜାନୁଆରୀ ୨୩ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କ ଜନ୍ମ ଜୟନ୍ତୀରେ ଏହି ପୁରସ୍କାର ଘୋଷଣା କରାଯାଇ ଆସୁଛି। ଚଳିତ ବର୍ଷ ଓଡ଼ିଶାର ‘ଓସ୍‌ଡମା’ ଏହି ପୁରସ୍କାର ନିମନ୍ତେ ମନୋନୀତ ହୋଇଛି। ଅନୁରୂପ ଭାବରେ ମିଜୋରାମର ଲୁଙ୍ଗଲେଇ ଦମକଳ କେନ୍ଦ୍ରକୁ ମଧ ପୁରସ୍କାର ପ୍ରଦାନ କରାଯିବା ନେଇ କେନ୍ଦ୍ର ଘୋଷଣା କରିଛି। ପୁରସ୍କାର ବାବଦକୁ ୫୧ ଲକ୍ଷ ଟଙ୍କାର ଅର୍ଥରାଶି ସହିତ ସାର୍ଟିଫିକେଟ୍ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଓଡ଼ିଶାକୁ ଏହି ସଫଳତା ମିଳିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଏସ୍‌ଆରସି ତଥା ‘ଓସ୍‌ଡମା’ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଜେନା ପ୍ରମୁଖ ‘ଓସ୍‌ଡମା’କୁ ଶୁଭେଚ୍ଛା ଜଣାଇଛନ୍ତି।

## ୨୦୩୦ ସୁଦ୍ଧା ୧୦ ହଜାର ମେଗାୱାଟ୍ ଉତ୍ପାଦନ ଲକ୍ଷ୍ୟ

# ‘ଅକ୍ଷୟ ଶକ୍ତି’ ଆଗାମୀ ଓଡ଼ିଶାର ବିଜୁଳି ବିକଳ୍ପ

**ଭୁବନେଶ୍ୱର :** କ୍ରମବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ମେଣ୍ଟାଇବା ନେଇ ଅକ୍ଷୟଶକ୍ତି ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ବିଜୁଳିସଂକଟର ମୁକାବିଲା ପାଇଁ ଅକ୍ଷୟଶକ୍ତି ହିଁ ବିକଳ୍ପ ପାଲଟିବ। ଏହାକୁ ଦୃଷ୍ଟିରେ ରଖି ତାପଜ ଓ ଜଳ ବିଦ୍ୟୁତ୍ ଉପରୁ ନିର୍ଭରଶୀଳତା କମାଇ ‘ନୂଆ ଶକ୍ତି ନୀତି’ରେ ଅକ୍ଷୟଶକ୍ତି କ୍ଷେତ୍ରରେ ପୁଞ୍ଜି ନିବେଶ ଓ ଏହାର ଭିତ୍ତିଭୂମି ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ସମ୍ପ୍ରତି ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତା ୬୨୭ ମେଗାୱାଟ୍ ହୋଇଥିବା ବେଳେ ୨୦୩୦ ବେଳକୁ ଏହାକୁ ୧୦ ହଜାର ମେଗାୱାଟ୍ରେ ପହଞ୍ଚାଇବା ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ନିବେଶ ଉପଯୋଗୀ ଶକ୍ତି ନୀତି ଆଣିବା ସହ ମେକ୍ ଇନ୍ ଓଡ଼ିଶାରେ ଶକ୍ତି କ୍ଷେତ୍ରକୁ କିଭଳି ପୁଞ୍ଜିନିବେଶ ବଢ଼ିବ ସେନେଇ ଧ୍ୟାନ ଦେଇଛନ୍ତି। ଦେଶର ୨୫ ପ୍ରତିଶତ କୋଇଲା ଓଡ଼ିଶାରେ ରହିଛି। ରାଜ୍ୟର କୋଇଲା ଖଣିରୁ ବାର୍ଷିକ ୧୬୦ ନିୟୁତ ଟନ୍ର କୋଇଲା ଉତ୍ପାଦନ ହେଉଛି। ତନ୍ମଧ୍ୟରୁ ରାଜ୍ୟରେ ଥିବା ପାୱାର ପ୍ଲାଣ୍ଟରେ ୯୦ରୁ ୯୫ ମିଲିୟନ୍ ଟନ୍ କୋଇଲା ବ୍ୟବହୃତ ହେଉଛି। ଅର୍ଥାତ୍ ସମ୍ପ୍ରତି ତାପଜ ବିଦ୍ୟୁତ୍ ପାଇଁ ରାଜ୍ୟରେ ଉତ୍ପାଦିତ କୋଇଲାର ୬୦ ପ୍ରତିଶତ ବ୍ୟବହାର ହେଉଛି। ତାପଜ ଶକ୍ତି ଏକ ଅସରନ୍ତି ଶକ୍ତି ଉତ୍ସ ନୁହେଁ; ଏଣୁ ରାଜ୍ୟର ଅନେକ କୋଇଲା ବ୍ଲକରେ କୋଇଲାର ମାତ୍ରା କମୁଥିବା ଦେଖିବାକୁ ମିଳୁଛି। ସେହିଭଳି ଉତ୍ପାଦ କୋଇଲାର ଏକ ଭାଗ ଓଡ଼ିଶା ବ୍ୟବହାର କରୁଥିବା ଅବଶିଷ୍ଟ ଅଂଶ ଅନ୍ୟ ରାଜ୍ୟର ଚାହିଦା ମେଣ୍ଟାଇବା କ୍ଷେତ୍ରରେ ବ୍ୟବହୃତ ହେଉଛି। ଦେଶରେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ପଛୁଆ ରାଜ୍ୟ। ମାତ୍ରାଧିକ ତାପଜ ଶକ୍ତି ଉତ୍ପାଦନର କ୍ଷମତା ରହିଥିବା ହେତୁ ଅକ୍ଷୟ ଶକ୍ତି ଦିଗରେ ବିଶେଷ ଧ୍ୟାନ ଦିଆଯାଇନାହିଁ। ମାତ୍ର ସମ୍ପ୍ରତି ରାଜ୍ୟ ସରକାର ଅକ୍ଷୟ ଶକ୍ତି ଉତ୍ପାଦନକୁ



ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ଏସିଏମ୍‌ଇ କ୍ଲିନ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ରାଜ୍ୟରେ ୫୮ ହଜାର ୨୦୯ କୋଟି ଟଙ୍କାର ନିବେଶ କରିବ। ଜଗତସିଂହପୁର ଜିଲ୍ଲାରେ ୧.୧ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ୍ ଓ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ୍ ସ୍ଥାପନ ହେବ। ଏହା ସହ ୪ହଜାର ୫ଶହ ମେଗାୱାଟ୍ର ସୋଲାର୍ ପାୱାର ପ୍ଲାଣ୍ଟ୍ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ସ୍ଥାପନା ହେବ। ସେହିଭଳି ଅଭାଦ ଗ୍ରୀନ୍ ଏଚ୍ ଟୁ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମ ଜିଲ୍ଲାରେ ୨୩ ହଜାର ୫ଶହ କୋଟିର ପୁଞ୍ଜି ନିବେଶ କରିବ। ସେହିଭଳି ୨୦ ହଜାର କୋଟି ବିନିମୟରେ ରିନ୍ୟୁ ଇଫୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଓକିଓର୍ ଏନର୍ଜି ପ୍ରାଇଫେଟ୍ ଲିମିଟେଡ୍ ୭ ହଜାର ୨ଶହ କୋଟି ଟଙ୍କା ବିନିମୟରେ କୋଟିଏ ଲେଖାଏଁ ଗ୍ରୀନ ଏନର୍ଜି ପ୍ରୋଜେକ୍ଟ ନିର୍ମାଣ କରିବେ। ଏହି ସବୁ ପ୍ରକଳ୍ପକୁ ରାଜ୍ୟର ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷଙ୍କ ମଞ୍ଜୁରି ପାଇସାରିଛି। ଅନୁରୂପ ଭାବରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ରେ ଓଡ଼ିଶା ସରକାରଙ୍କୁ ଗ୍ରୀନ୍ ଏନର୍ଜି ସେକ୍ଟରରେ ଅନେକ ପୁଞ୍ଜିନିବେଶ ନେଇ ପ୍ରତିଶ୍ରୁତି ମିଳିଛି। ତେବେ ରାଜ୍ୟ ସରକାରଙ୍କ ନୂଆ ଶକ୍ତି ନୀତିକୁ ନେଇ ନିବେଶକମାନେ ଓଡ଼ିଶା ପ୍ରତି ଆକର୍ଷିତ ହେଉଛନ୍ତି। ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା, ପ୍ରଶାସନିକ ଖର୍ଚ୍ଚ କାଟ୍, ସରଳ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନୂଆ ନୀତିରେ ସରଳ କରାଯାଇଛି। ସେହିଭଳି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରକଳ୍ପର ପ୍ରକ୍ରିୟା ଆରମ୍ଭ ପାଇଁ ପ୍ରୋଜେକ୍ଟ ସ୍କ୍ରିନିଂ କମିଟିକୁ ମଧ ସମୟସୀମା ଧାର୍ଯ୍ୟ ହୋଇଛି। ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ଆଗ୍ରହୀ କମ୍ପାନୀକୁ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ଅନୁଯାୟୀ ଜମି ଯୋଗାଇ ଦିଆଯାଉଛି। ସେହିଭଳି ପ୍ରକଳ୍ପ ପାଇଁ ଜମି ଯୋଗାଡ଼ ବ୍ୟବସ୍ଥାରେ ଉଦ୍ୟୋଗପତିମାନଙ୍କୁ କୌଣସି ପ୍ରକାର ଚାପ ଦିଆଯାଉନାହିଁ। ପ୍ରଶାସନ ଜମି ଅଧିଗ୍ରହଣ ପ୍ରକ୍ରିୟା ସାରି ଜମି ଯୋଗାଇ ଦେଉଛନ୍ତି। ସେହିଭଳି କୃଷି ଜମିକୁ ଅଣ କୃଷି ଜମିରେ ପରିଣତ କରିବା ପାଇଁ କୌଣସି ଅର୍ଥ ଉଦ୍ୟୋଗ ନିର୍ମାତାଙ୍କୁ ଦେବାକୁ ପଡୁନାହିଁ। ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ପାଖରେ ଯଥେଷ୍ଟ କ୍ଷମତା ରହିଛି। ଯେଉଁ ଭଳି ଭାବେ ଗୁଜରାଟ ସାମୁଦ୍ରିକ ଜୁଆର ଓ ତାମିଲନାଡୁ ପବନରୁ ଶକ୍ତି ଉତ୍ପାଦନ କରିପାରୁଛି, ଓଡ଼ିଶା ସୌରଶକ୍ତି ଉତ୍ପାଦନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବାର କ୍ଷମତା ରଖିଛି ବୋଲି ଶକ୍ତି ବିଭାଗର ଜନୈକ ଅଧିକାରୀ କହିଛନ୍ତି।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ଜାନୁଆରୀ - ୫ ଫେବୃଆରୀ, ୨୦୨୩

# ଡୁବିଯିବ ପାକିସ୍ତାନ !

ଅଟା ଅଭାବ ପରେ ପାକିସ୍ତାନରେ ବିଜୁଳି ଅଭାବ । ସାଧାରଣ ଜନତା କିଭଳି ଦୁର୍ଦ୍ଦଶା ଭିତରେ ଜୀବନ ନିର୍ବାହ କରୁଥିବେ ଭାବିଲେ କଷ୍ଟ ତ ନିଶ୍ଚୟ ଲାଗିବ । ହେଲେ ଏହା ପଛରେ ଯେଉଁ କାହାଣୀ ରହିଛି, ତାହା ହେଲା ମାତ୍ରାଧିକ ଋଣ । ଯେଉଁଥିରୁ ମୁକ୍ତି ପାଇବା ଲାଗି ପାକ ନେତୃତ୍ୱ ନିରାଶ ହୋଇଛନ୍ତି । ମୁସଲିମ ଦେଶ ନିକଟରେ ହାତ ପାତୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ସଫଳ ହୋଇପାରୁନାହାନ୍ତି । ତେଣୁ ନେତୃତ୍ୱ ସଙ୍କଟ, ଖାଦ୍ୟାଭାବ ସାଙ୍ଗକୁ ପାକିସ୍ତାନ ଉପରେ ତାଲିବାନର ପ୍ରହାର ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଏଭଳି ସମୟରେ ସାଉଦି ଆରବ ପାକିସ୍ତାନକୁ ଦେଇଥିବା ୩୦୦୦ କୋଟି ଡଲାର ଋଣ ୩.୨% ସୁଧ ସହ ପରିଶୋଧ କରିବା ନେଇ ଚାପ ପକାଉଛି । ବିଜୁଳି ଅଭାବରୁ ମେଟ୍ରୋ ସମେତ ବିଭିନ୍ନ ରେଳ ବାଟରେ ଅଟକି ରହୁଛି । ଯାତ୍ରୀମାନେ ବାଟରୁ ଓହ୍ଲାଇ ଅନନ୍ୟୋପାୟ ଭାବେ ରାସ୍ତାରେ ଚାଲି ଚାଲି ଘରକୁ ଫେରିବାର ଦୃଶ୍ୟ ଦେଖିବାକୁ ମିଳୁଛି । ମୋଟାମୋଟି କହିବାକୁ ଗଲେ ପାକିସ୍ତାନ ଏବେ ସମ୍ପୂର୍ଣ୍ଣ ଧ୍ୱଂସ ରାସ୍ତାରେ । କାରଣ ଯେଉଁଠି ଜନତା ଖଣ୍ଡେ ରୁଟି ପାଇଁ ଧାଡି ଲଗାଉଛନ୍ତି, ସେଭଳି ସ୍ଥିତିରେ କିଭଳି କହିହେବ ଗୋଟେ ଦେଶ ବଞ୍ଚୁଛି ! ସିଭିଲ ୱାର ଦିଗରେ ଥିବା ପାକିସ୍ତାନ କ୍ଷୁଧା ସହିତ ଲଢୁଛି । ଏଥିରେ କିଛି ପାକିସ୍ତାନୀବାସୀ ଭାରତ ବିରୋଧରେ ପରମାଣୁ ଯୁଦ୍ଧ କଥା ମଧ୍ୟ କହୁଛନ୍ତି । କାଶ୍ମୀର କଥା ଭୁଲିନପାରି ଭାରତ ଠାରୁ କାଶ୍ମୀର ନେଇଯିବା କଥା ମଧ୍ୟ କହୁଛନ୍ତି । ହେଲେ ଅପରପକ୍ଷେ ପିଓକେ ଫେରାଇ ଆଣିବା ପାଇଁ ଭାରତ ନିଜର ରଣନୀତି ପ୍ରସ୍ତୁତ କରିସାରିଛି । ପାକ ଅଧିକୃତ କାଶ୍ମୀର ଭିତରେ ପାକ ବିରୋଧୀ ଲଢେଇ ଆରମ୍ଭ ହୋଇଯାଇଛି । ପାକ ସେନାକୁ ବିରୋଧ କରି ସେଠାରେ ଆନ୍ଦୋଳନ ତୀବ୍ର ହୋଇଛି । ଭାରତ ସହିତ ମିଶିଯିବା ପାଇଁ ପିଓକେରେ ଭାରତର ପତାକା ମଧ୍ୟ ଉଡୁଛି । ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଥିବା ପାକିସ୍ତାନର ବିଦେଶୀ ମୁଦ୍ରା ଭଣ୍ଡାର ଖାଲି ହେବାକୁ ବସିଛି । ଆଉମାତ୍ର ଅଳ୍ପ କେଇଦିନ ପାଇଁ ଇନ୍ଧନ ରହିଛି ପାକ ପାଖରେ । ଡଲାର ଅଭାବରୁ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ କିଣିପାରୁନାହିଁ ପାକିସ୍ତାନ । ସମସ୍ତ ଜରୁରୀ ସାମଗ୍ରୀର ଦର ଆକାଶଛୁଆଁ । ବିଦ୍ୟୁତ ଯୋଗାଣ ଅଭାବରୁ ରେଳସେବା ବ୍ୟାହତ ହୋଇପଡିଛି । ଆଇଏମଏଫ ସର୍ତ୍ତ ପୂରଣ କରୁନଥିବାରୁ ସେଠାରୁ ମଧ୍ୟ ଋଣ ପାଇବା ମୁସ୍କିଲ ହୋଇପଡିଛି । ବାକି ରହିଲା ପରମାଣୁ, ଏହାକୁ ବିକ୍ରି କରି ହୁଏତ ପାକିସ୍ତାନ ନିଜ ଦେଶର ଆର୍ଥିକ ସ୍ଥିତିରେ ସୁଧାର ଆଣିପାରେ । ହେଲେ ଏହା ଏତେ ସହଜ ନୁହେଁ । ଚୀନ ହୁଏତ ପାକିସ୍ତାନର ବନ୍ଧୁ ହୋଇପାରେ, ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଚୀନ ଆଉ ପାକିସ୍ତାନକୁ ସହାୟତା ଦେବ କି ନାହିଁ ତାହା ସନ୍ଦେହରେ । ଏଭଳି ସ୍ଥିତିରେ ଗୃହଯୁଦ୍ଧମୁହାଁ ପାକିସ୍ତାନର ଜନତା ସେହେବାଜ ସରିଫଙ୍କୁ ଘେରିପାରନ୍ତି । କିନ୍ତୁ ପାକ ପ୍ରଧାନମନ୍ତ୍ରୀ ସରିଫଙ୍କ ସମୟରେ ଯେ, ସବୁ ଦୁର୍ନୀତି ହୋଇଛି ତାହା ଭାବିବା ଭୁଲ । କାରଣ ଚୀନ ଚକ୍ରବ୍ୟୁହରେ ପୂର୍ବରୁ ଫସି ସାରିଥିଲା ପାକିସ୍ତାନ । ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ହିଁ ଏହାର ସୂତ୍ରଧର ଥିଲେ । ଭାରତ ବିରୋଧରେ କଠୋର ପଦକ୍ଷେପ ନେବାକୁ ଚୀନ ସହ ମିଶି ଷଡଯନ୍ତ୍ର କରିଥିଲେ ଇମ୍ରାନ । ଯେଉଁଥିପାଇଁ ଚୀନ ହାତକୁ ଟେକିଦେଇଥିଲେ ପିଓକେର କିଛି ଅଂଶ । ଯେଉଁଠି ଚୀନ ପାୱାର ସେକ୍ଟର ଠାରୁ ଆରମ୍ଭ କରି ଅନେକ ପ୍ରକଳ୍ପ ନିର୍ମାଣ କରିଛି । ଖାଦ୍ୟ, ବିଜୁଳି ସଙ୍କଟ ପରେ ପାକିସ୍ତାନକୁ ଏବେ ଋଣ ଚିନ୍ତା ଘାରିଛି । ଦେବାଳିଆ ପାକିସ୍ତାନ ବେକଆଉଟ ଋଣରେ ବୁଡି ରହିଥିଲା ବେଳେ ଚୀନ କହୁଛି ତା ଠାରୁ ନେଇଥିବା ଋଣ ଶୀଘ୍ର ପରିଶୋଧ କର । ଏଭଳି ସମୟରେ ସେହେବାଜ ସରିଫ ସରକାର କଣ କରିବେ ଚିନ୍ତା କରିପାରୁନାହାନ୍ତି । ଯେଉଁ ଆମେରିକା ତିନି ଦଶକ ଧରି ପାକିସ୍ତାନକୁ ସହଯୋଗ କରିଆସୁଥିଲା, ସିଏ ଆଜି କହୁଛି ଆତଙ୍କବାଦର ଜନକ ହେଉଛି ପାକିସ୍ତାନ । କିନ୍ତୁ ଭାରତ ଯେତେବେଳେ ବିଶ୍ୱ ଦରବାରରେ ଏହିକଥା କହୁଥିଲା ସେତେବେଳେ ଚୁପ ଥିଲା ଆମେରିକା । ହେଲେ ଆମେରିକା ପାକ ବିରୋଧରେ ବର୍ତ୍ତମାନ ଦେଖାଉଥିବା ଆଭିମୁଖ୍ୟରେ ପରିବର୍ତ୍ତନ ଭାରତକୁ ବେଶ ସୁହାଉଛି । ଗୃହଯୁଦ୍ଧମୁହାଁ ପାକିସ୍ତାନର ଅବସ୍ଥା ସାଙ୍ଘାତିକ ବୋଲି କହିହେବ । ଏଥିରେ ଚୀନ ପାକିସ୍ତାନକୁ ଘେରୁଛି, ତାଲିବାନ ଧମକ ଦେଉଛି ।



ତାରକ ମହାନ୍ତି

ଆର୍ଥିକ ସଙ୍କଟ ସହିତ ନେତୃତ୍ୱ ସଙ୍କଟରେ ରହିଥିବା ପାକିସ୍ତାନ ଭାରତ ସହ ବନ୍ଧୁତାର ହାତ ପ୍ରସାରିବାକୁ ଚାହୁଁଛି । ହେଲେ ଭାରତ ସହ ବାରମ୍ବାର ବିଶ୍ୱାସଘାତ କରିଥିବା ପାକିସ୍ତାନ ଗୋଟେ ପଟେ ଆତଙ୍କବାଦକୁ ଛାଡିପାରୁନି ଦେଶ ବଞ୍ଚାଇବାର ସାମର୍ଥ୍ୟ ବି ରଖିପାରିନି । ଚୀନ ଋଣଜାଲ ଶ୍ରୀଲଙ୍କା ପରି ପାକିସ୍ତାନକୁ କାଙ୍ଗାଳ କରିଦେଇଛି । ଯେଉଁଥିରୁ ନିସ୍ତାର ପାଇବା ଆଉ ସହଜ ନୁହେଁ । ଆଇଏମଏଫ ଆଉ ପାକିସ୍ତାନକୁ ଋଣ ନଦେବାରୁ ପାକିସ୍ତାନ କାହାକୁ ମିତ୍ର କରିବ ସେନେଇ ସେହେବାଜ ଚିନ୍ତାରେ ରହିଛନ୍ତି । ସାମ୍ପ୍ରତିକ ସମୟରେ ଅଧିକାଂଶ ପାକିସ୍ତାନୀ ଭାରତ ସହ ବାଣିଜ୍ୟ କରିବା ଉପରେ ଜୋର ଦେଉଥିଲା ବେଳେ ସେନା ଦ୍ୱାରା ପରିଚାଳିତ ପାକିସ୍ତାନ ନିଜର ନୀତିରେ ପରିବର୍ତ୍ତନ ମଧ୍ୟ ଆଣୁନାହିଁ । ଅଟା ଅଭାବ, ବିଜୁଳି ଅଭାବ, ତୈଳ ଅଭାବ ପରି ଅନେକ ଅଭାବ ସହ ଲଢ଼େଇ କରୁଥିବା ପାକିସ୍ତାନ ନିଜ ଦେଶରେ କଳାବଜାରୀଙ୍କ ଉପରେ ଚଡ଼ାଉ ଆରମ୍ଭ କରିଛି । ହେଲେ ଆମଦାନୀ କମିଥିବା ପରିପ୍ରେକ୍ଷୀରେ ସେଠାକାର ବ୍ୟବସାୟୀ ଚଢା ଦରରେ ସାମଗ୍ରୀ କିଣି ଶସ୍ତାରେ ବିକିବା ସମ୍ଭବ ନୁହେଁ । ରୋଷେଇ ଗ୍ୟାସ ଅଭାବରୁ ପାକିସ୍ତାନୀ ଗୃହିଣୀ ହତୋତ୍ସାହିତ ହୋଇପଡିଛନ୍ତି । ଆଗକୁ ପାକିସ୍ତାନ ୪ ଖଣ୍ଡ ହୋଇଯିବା ଅସମ୍ଭବ ନୁହେଁ । ଏପଟେ ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୂଟନୈତିକ ସ୍ତରରେ ପାକିସ୍ତାନକୁ ଦୁର୍ବଳ କରିଚାଲିଥିବା ସ୍ପଷ୍ଟ ଜଣାପଡୁଛି । ଜମ୍ମୁ-କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ ପାକ ଅଧିକୃତ କାଶ୍ମୀର ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି ମୋଦି ସରକାର । ଅଟା, ଡାଲି ପାଇଁ ପାକିସ୍ତାନରେ ମାରପିଟ ଚାଲିଥିଲାବେଳେ ହଜାର ହଜାର ଗଲଗଟ, ବେଲୁଚବାସୀ ରାସ୍ତାରେ ଆନ୍ଦୋଳନ କରୁଛନ୍ତି । ପାକ ସେନାର ବର୍ବରତା ବିରୋଧରେ ସେମାନେ ପ୍ରଦର୍ଶନ କରିଛନ୍ତି । ଅନ୍ୟପକ୍ଷେ ମୋଦିଙ୍କ ନିକଟରେ ନିଜର ଦାବି ରଖୁଛନ୍ତି ଯେ, ସେମାନଙ୍କୁ ଭାରତରେ ମିଶେଇ ଦିଆଯାଉ । ଦେବାଳିଆ ହେବାକୁ ଯାଉଥିବା ପାକିସ୍ତାନକୁ ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ବା ଆଇଏମଏଫ ଋଣ ଦେବାକୁ ମନା କରିଦେଇଛି । ପ୍ରଥମେ ଆଇଏମଏଫ ପାକିସ୍ତାନ ସରକାରଙ୍କ ବଜେଟ ତଥ୍ୟ ମାଗିଥିଲା । ହେଲେ ପାକ୍ ସରକାର ଏହା ପ୍ରଦାନ କରିବାରେ ବିଫଳ ହୋଇଥିଲେ । ସେପଟେ ପାକିସ୍ତାନର ସ୍ଥିତି ସୁଧାର ପାଇଁ ଦେଶକୁ ତୁରନ୍ତ ୧୦ଲକ୍ଷ ଆରବ ଡଲାର ବିଦେଶୀ ଋଣର ଆବଶ୍ୟକତା ରହିଛି । ହେଲେ ଆଇଏମଏଫ ଋଣ ଦେବାକୁ ମନା କରିବା ପରେ ଶେହବାଜ୍ ସରିଫ ବିଚଳିତ ହୋଇପଡିଛନ୍ତି । ତୁରନ୍ତ ସରକାରୀ କର୍ମଚାରୀଙ୍କ ଦରମାରୁ ୧୦% କାଟ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ପରିସ୍ଥିତିରେ ଋଣଯନ୍ତାରୁ ପାକିସ୍ତାନକୁ କିଏ ରକ୍ଷା କରିବ ତାହା ଦେଖିବାକୁ ବାକି ରହିଲା ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସୁପ୍ରିମକୋର୍ଟରେ ବଂଶବାଦ



ସୌମେନ୍ଦ୍ର ଜେନା

ଗତ କିଛିମାସ ହେବ ଦେଶର ନ୍ୟାୟିକ ବ୍ୟବସ୍ଥା, ନ୍ୟାୟାଳୟର କାର୍ଯ୍ୟସମୟ, ବିଚାରପତିଙ୍କ ସୁବିଧା ସୁଯୋଗ, ଦେଶରେ ମାମଲାର ବଢୁଥିବା ସଂଖ୍ୟା, ଉଚ୍ଚ ଅଦାଲତରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାକୁ କେନ୍ଦ୍ରକରି ଅନେକ ଆଲୋଚନା-ସମାଲୋଚନା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଦେଶର ଗଣମାଧ୍ୟମଗୁଡିକ ଆଜି ପର୍ଯ୍ୟନ୍ତ କେବଳ ରାଜନୀତି, ରାଜନେତା ଏବଂ ରାଜନୈତିକ ଦଳଗୁଡିକୁ କେନ୍ଦ୍ରକରି ଖବର ପ୍ରସାର କରୁଥିବା ବେଳେ ଦେଶର ସବୁ ସମସ୍ୟାର ମୂଳ କେବଳ ସେମାନେ ବୋଲି କୁହାଯାଇଆସିଛି, ଦର୍ଶାଯାଇ ଆସିଛି । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଏହା ଏକମାତ୍ର ଅଂଶବିଶେଷ, ସବୁକିଛି ନୁହେଁ ବୋଲି ଆମକୁ ଗ୍ରହଣ କରିବାକୁ ହେବ । ଅଥଚ ଦେଶର ରାଜନୀତିରେ ପିତାପରେ ପୁତ୍ରର ରାଜନୀତିକୁ ବଂଶବାଦର ଆଖ୍ୟା ପ୍ରଦାନ କରାଯାଉଥିଲା ବେଳେ ବଡ ବ୍ୟବସାୟୀର ପୁତ୍ର ଆହୁରି ବଡ ବ୍ୟବସାୟୀ ହେବା, ସିନେ ତାରକାଙ୍କ ପୁଅଝିଅମାନେ ବାପାମାଆଙ୍କ ପରି ସିନେ ଜଗତକୁ ଦଖଲ କଲେ ମଧ୍ୟ ସେଠାରେ ବଂଶବାଦକୁ ନେଇ କେହି ଏଠି ଆଲୋଚନା କରୁନାହିଁ । ସେମିତି ଦେଶର ବିଚାର ବ୍ୟବସ୍ଥାରେ ମଧ୍ୟ ବଂଶବାଦ ଆଧାରିତ ପରମ୍ପରା ଅଧିକ ସୁଦୃଢ ହେଉଥିବା ସମୟରେ ତାକୁ କେହି ଦୋଷ ଦେଉନାହାନ୍ତି । ଏବି ବଂଶବାଦୀ ଧରାଧରି ବ୍ୟବସ୍ଥା ଯୋଗୁ ଅନେକ ଯୋଗ୍ୟ ବିଚାରପତି ଉଚ୍ଚନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)କୁ ଆସିବାର ସୁଯୋଗ ନପାଇ ତଳ ଅଦାଲତରେ ନିଜର କାର୍ଯ୍ୟକାଳ ଶେଷ କରିବାକୁ ବାଧ ହେଉଛନ୍ତି । ଦେଶର କଲେଜିୟମ ବ୍ୟବସ୍ଥା ଯୋଗ୍ୟ ବିଚାରପତିମାନଙ୍କୁ ସ୍ଥାନ ନଦେଇ ସଂପର୍କୀତ ଏବଂ ନିକଟତର ବିଚାରପତିମାନଙ୍କୁ ପଦପଦବୀରେ ଆସୀନ କରୁଥିବା ହେତୁ ଅସଲ ସଙ୍କଟ ସୃଷ୍ଟି ହେଉଥିବା କଥା କୁହାଯାଉଛି । ଗତ କିଛିଦିନ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରପୁଡାମାରି ଜେଲରେ ଥିବା ଦେଶର ଗରିବ, ଆଦିବାସୀମାନଙ୍କ ଅସହାୟତା କଥା ପ୍ରକାଶ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଜମି ନଥିବାରୁ ସେମାନେ କିପରି ଜାମିନଦାର ନ ପାଇବା, ସର୍ବହରା ହେବା ଭୟରେ ଅଦାଲତକୁ ନଯିବା କଥା କହିଥିଲେ । ଆଇନମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ବିଚାର ବ୍ୟବସ୍ଥାରେ ପାରଦର୍ଶିତା, ନିଯୁକ୍ତିରେ ସ୍ୱଚ୍ଛତା, ଯୋଗ୍ୟତା ଚୟନରେ ବିଶ୍ୱସନୀୟତା ରହିବା ଉପରେ ଜୋର ଦେଇ ଦେଶର କଲେଜିୟମ ବ୍ୟବସ୍ଥାକୁ ପରୋକ୍ଷରେ ଇଙ୍ଗିତ କରିଥିଲେ ।

ବିଗତ ଦିନଗୁଡିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ୍ୟ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇନାହିଁ । ବ୍ୟବସ୍ଥା ଅନୁଯାୟୀ ୧୨୪(୨) କହେ ଯେ ସୁପ୍ରିମକୋର୍ଟ ଓ ହାଇକୋର୍ଟର ଜଜ୍‌ମାନଙ୍କୁ ନିଯୁକ୍ତି ପାଇଁ ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପାଇଁ ସେ ଅନ୍ୟ ବିଚାରପତିମାନଙ୍କ ସହ ଆଲୋଚନା କରିଥାନ୍ତି । ତେବେ ସମ୍ବିଧାନର ୨୧୭ଧାରା ଅନୁଯାୟୀ ହାଇକୋର୍ଟରେ ବିଚାରପତିଙ୍କ ନିଯୁକ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ହେଉଥିଲେ ମଧ୍ୟ ସେ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ଏବଂ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି ।

ଦେଖିବାକୁ ଗଲେ ଏବେ ପ୍ରଚଳିତ କଲେଜିୟମ ବ୍ୟବସ୍ଥା ମୂଳ ସମ୍ବିଧାନରେ ନଥିଲା । ୨୮ ଅକ୍ଟୋବର ୧୯୯୮ରେ ୩ଜଣିଆ ଜଜ୍ ମାମଲାରେ ସୁପ୍ରିମକୋର୍ଟର ରାୟ ମାଧ୍ୟମରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁସାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ୪ଜଣ ବରିଷ୍ଠ ଜଜ୍‌ଙ୍କୁ ନେଇ ଗଠିତ କମିଟି (କଲେଜିୟମ) ଦେଶର ବିଚାରପତି (ଜଜ୍)ମାନଙ୍କୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିଯୁକ୍ତି ଦେଇଥାନ୍ତି, ବଦଳିପାଇଁ ସୁପାରିଶ କରିଥାନ୍ତି । କଲେଜିୟମର ସୁପାରିଶକୁ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ । ସେହି ତାଲିକାରେ ମତଭେଦ ଥିଲେ ସରକାର କିଛି ନୂଆ ପ୍ରସ୍ତାବିତ ନାମ ତାଲିକା ସହ ସଂଶୋଧନ ନିମନ୍ତେ କଲେଜିୟମକୁ ପଠାଇଥାନ୍ତି । କଲେଜିୟମ ସରକାରଙ୍କ ସଂଶୋଧନକୁ ଗ୍ରହଣ କରନ୍ତି କିମ୍ବା ନିଜ ମୁତାବକ ତାଲିକା କରି ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥାନ୍ତି । ତେବେ ଦ୍ୱିତୀୟଥର ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ ହୋଇଥାନ୍ତି ।

ଗତ ୨୫ ବର୍ଷରେ ଯାହା ଦେଖାଯାଇଛି ଏହି ବ୍ୟବସ୍ଥାରେ କେତେକ ହାତଗଣା ପରିବାର ବର୍ଗ ଉପକୃତ ହୋଇଛନ୍ତି । ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବା ବେଳେ କଲେଜିୟମ ବନାମ ସରକାର ସ୍ଥିତି ଉପୁଜିଲେ ଅଯଥା ବର୍ଷ ବର୍ଷ ସମୟ ନଷ୍ଟ ହୋଇଥାଏ, ନିଯୁକ୍ତି ବିଳମ୍ବିତ ହୋଇଥାଏ । କଲେଜିୟମ ସରକାରଙ୍କ ଆପତ୍ତିକୁ ଗ୍ରହଣ ନ କଲେ ସରକାର ମଧ୍ୟ କଲେଜିୟମର ବିରୋଧୀ ହୋଇଥାନ୍ତି । ଫଳସ୍ୱରୂପ ମକଦ୍ଦମା ସଂଖ୍ୟା ବଢୁଥାଏ, ବିଚାରକାଳ ଗଡୁଥାଏ । ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରି କେତେ ସମୟ ମଧ୍ୟରେ ନିଯୁକ୍ତି ଦେବେ ତାହା ସ୍ପଷ୍ଟ ନଥିବାରୁ ସରକାର ଟାଳଟୁଳନୀତି ଅବଲମ୍ବନ କରିଥାନ୍ତି । କଲେଜିୟମ ବ୍ୟବସ୍ଥାକୁ ବର୍ତ୍ତମାନର ସରକାର ବିରୋଧ କରିବାର କାରଣ ହେଲା ଯେ ଏହି ବ୍ୟବସ୍ଥା ପ୍ରିୟାପ୍ରୀତି ତୋଷଣକୁ ପ୍ରୋତ୍ସାହିତ କରିଆସୁଛି । ଏଥିରେ କେନ୍ଦ୍ର ସଚିବାଳୟ କିମ୍ବା ଅନ୍ୟ କାର୍ଯ୍ୟାଳୟର ଭୂମିକା ରହୁନାହିଁ । ୫ଜଣ ଜଜ୍ ବନ୍ଦ କୋଠରୀ ମଧ୍ୟରେ ଯାହା ସ୍ଥିର କରୁଛନ୍ତି ତାକୁ ସର୍ବମାନ୍ୟ ଭାବେ ଗ୍ରହଣ କରାଯାଉଛି । ଏହି ଚୟନ ପ୍ରକ୍ରିୟା ଆଦୌ ଯୋଗ୍ୟତା ଏବଂ ପ୍ରତିଯୋଗିତାଭିତ୍ତିକ ନହୋଇ ବ୍ୟକ୍ତିଗତ ସଂପର୍କଭିତ୍ତିକ ହୋଇ ଆସିଛି । ଏଥିରେ ଅସ୍ୱଚ୍ଛତା ରହିଥିବା ହେତୁ ସନ୍ଦେହର ଘେରରେ ରହିଆସିଛି ।

ତେଣୁ କଲେଜିୟମ ବ୍ୟବସ୍ଥାର ସଂଶୋଧନ ପାଇଁ ୧୫ ଅଗଷ୍ଟ ୨୦୧୪ରେ ତତ୍କାଳୀନ ସରକାର ରାଷ୍ଟ୍ରୀୟ ନ୍ୟାୟାଳୟ ନିଯୁକ୍ତି ଆୟୋଗ (ଏନ୍‌ଜେଏସି) ଗଠନ କରିଥିଲେ । ଯାହାକୁ ୧୬ ଅକ୍ଟୋବର ୨୦୧୫ରେ ସୁପ୍ରିମକୋର୍ଟ ଆସାମ୍ବିଧାନିକ ଆଖ୍ୟା ଦେଇଥିଲେ । ଏଥିରେ ୬ଜଣିଆ ସଦସ୍ୟଙ୍କ ବ୍ୟବସ୍ଥା ଥିଲା । ଏହାର ପ୍ରମୁଖ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ ୨ ସୁପ୍ରିମକୋର୍ଟ ଜଜ୍, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏହାର ସଦସ୍ୟ କରାଯିବା ଲାଗି ବ୍ୟବସ୍ଥା ରହିଥଲା । ଏହି ଦୁଇଜଣ ସଦସ୍ୟଙ୍କ ଚୟନ ବିରୋଧୀଦଳ ନେତାଙ୍କ କମିଟି ସ୍ଥିର କରିବାକୁ ଥିବା ହେତୁ ସୁପ୍ରିମକୋର୍ଟ ସରକାରଙ୍କ ପ୍ରସ୍ତାବରେ ଅରାଜି ହୋଇଥିଲେ । ନିକଟରେ ଅବସର ଗ୍ରହଣ କରିଥିବା ପୂର୍ବତନ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ୟୁୟୁ ଲଳିତ ସୁପ୍ରିମକୋର୍ଟରେ ଖାଲିଥିବା ପଦପାଇଁ ୪ଜଣ ବିଚାରପତିଙ୍କ ନାମ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥିଲେ, ଯାହାକୁ କଲେଜିୟମ ମଧ୍ୟ ବିରୋଧ କରିଥିଲେ । ମୁଖ୍ୟ ବିଚାରପତି ଲଳିତ ଅନ୍ୟ ନ୍ୟାୟାଧୀଶଙ୍କ ସମର୍ଥନ ଚାହିଁଥିଲେ ହେଁ ୨ଜଣ ସଦସ୍ୟ ସେହି ପ୍ରସ୍ତାବର ବିରୋଧ କରିଥିଲେ । ଲଳିତଙ୍କ ତାଲିକାରେ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ରବିଶଙ୍କର ଝା, ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୟ କରୋଲ, ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୟ କୁମାର, ବରିଷ୍ଠ ଓକିଲ କେବି ବିଶ୍ୱନାଥଙ୍କ ନାମ ରହିଥିଲା । ତେବେ ମୁଖ୍ୟ ବିଚାରପତି ଲଳିତ କେବି ବିଶ୍ୱନାଥଙ୍କୁ ପଦୋନ୍ନତି ଦେଇ ଯେପରି ତାଲିକାରେ ତାଙ୍କୁ ସାମିଲ କରିଥିଲେ ତାକୁ ଅନ୍ୟ ବିଚାରପତିମାନେ ଗ୍ରହଣ କରିପାରି ନଥିଲେ ।

ରାଜନୀତିରେ ବାପ ପରେ ପୁଅ ଶାସନକୁ ଆସିଲା ପରି କଲେଜିୟମ ବ୍ୟବସ୍ଥାରେ ବାପ ପରେ ପୁଅ ସୁପ୍ରିମକୋର୍ଟ, ହାଇକୋର୍ଟର ବିଚାରପତି ଏବଂ ମୁଖ୍ୟ ବିଚାରପତି ହେଉଛନ୍ତି । ଏ କ୍ଷେତ୍ରରେ ଯୋଗ୍ୟତା ଅପେକ୍ଷା କିଏ କାହାର ନିଜ ଲୋକ ତାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି । ବର୍ତ୍ତମାନର କଲେଜିୟମ କିପରି ବଂଶବାଦକୁ ସ୍ୱାଗତ କରୁଛି ତାହା କେବଳ ଅଭିଯୋଗ ନୁହେଁ ଜଳଜଳ ସ୍ପଷ୍ଟ । ଯଶୱନ୍ତ ବିଷ୍ଣୁ ଚନ୍ଦ୍ରଚୂଡ ସୁପ୍ରିମକୋର୍ଟର ୧୬ଶ ମୁଖ୍ୟ ବିଚାରପତି ଭାବେ ୨୨ ଫେବୃଆରୀ ୧୯୭୮ରୁ ୧୧ଜୁଲାଇ ୧୯୮୫ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ । ତାଙ୍କ ପୁଅ ଧନଞ୍ଜୟ ଚନ୍ଦ୍ରଚୂଡ ଏବେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ, ତାଙ୍କ ପୁଅ ଅଭିନବ ଚନ୍ଦ୍ରଚୂଡ ମୁମ୍ବାଇ ହାଇକୋର୍ଟର ଓକିଲ ରହିଛନ୍ତି । ଲୋକଙ୍କ କହିବାନୁସାରେ ଦେଶରେ କଲେଜିୟମ ବ୍ୟବସ୍ଥା ଜାରି ରହିଲେ ଅଭିନବ ମଧ୍ୟ ଆଗାମୀ ଦିନରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ହେବା କିଛି ବଡ କଥା ହେବନାହିଁ । ସେହିପରି ସୁପ୍ରିମକୋର୍ଟର ବିଚାରପତି ରହିଥିବା କୁଟ୍ଟିଲ କୁରିଏନ୍ ମାଥ୍ୟୁଙ୍କ ପିତା କେ.ଏମ୍. ଜୋସେଫ ମଧ୍ୟ ପୂର୍ବରୁ ସୁପ୍ରିମକୋର୍ଟର ବିଚାରପତି ରହିଥିଲେ । ସୁପ୍ରିମକୋର୍ଟର ଜଜ୍ ଭାବେ ୨୦୨୨ରୁ କାର୍ଯ୍ୟରତ ଦୀପଙ୍କର ଦତ୍ତଙ୍କ ପିତା ସଲିଳ କୁମାର ଦତ୍ତ ଅତୀତରେ କୋଲକାତା ହାଇକୋର୍ଟର ଜଜ୍‌ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ଭିଣୋଇ ମଧ୍ୟ ସୁପ୍ରିମକୋର୍ଟର ଓକିଲ ରହିଛନ୍ତି । ସୁପ୍ରିମକୋର୍ଟର ଦ୍ୱିତୀୟ ବରିଷ୍ଠ ଜଜ୍‌ଥିବା ସଞ୍ଜୟ କିଷନ କାଉଲଙ୍କ ପରିବାର ଓକିଲାତି ପେସାରେ ରହିଆସିଛନ୍ତି । ଜାମ୍ମୁ-କାଶ୍ମୀର ରାଜ ପରିବାରର ବଂଶଧର କାଉଲଙ୍କ ପରିବାର ଲୋକେ ସେଠାର ରାଜନୀତିରେ ଥିଲେ । ରାଜା ସୂରଜ କିଷନ କାଉଲ ରାଜସ୍ୱ ମନ୍ତ୍ରୀ ଥିଲେ , ଦୟା କିଷନ କାଉଲ ଅର୍ଥମନ୍ତ୍ରୀ ଥିଲେ, ସାଆନ୍ତ ବାପା ରାଜା ଉପିନ୍ଦର କାଉଲ ରାଜନେତା ଥିଲାବେଳେ ଭାଇ ନୀରଜ କାଉଲ ଏବେ ଦିଲ୍ଲୀ ହାଇକୋର୍ଟର ଜଜ୍ ଭାବେ କାର୍ଯ୍ୟରତ । ସୁପ୍ରିମକୋର୍ଟର ବିଚାରପତି ଜାମସେଦ ବୁର୍ଜୋର ପାରଡିୱାଲାଙ୍କ ତିନିପୁରୁଷ ଓକିଲାତିରେ ରହିଆସିଛନ୍ତି । ତାଙ୍କ ପିତା ବୁର୍ଜୋର କାୱାସଜୀ ପାରଡିୱାଲା ଗୁଜରାଟ ବିଧାନସଭାର ୭ମ ବାଚସ୍ପତି ଥିଲେ, ଯିଏକି ପରେ ଗୁଜରାଟ ହାଇକୋର୍ଟର ଓକିଲ ଭାବେ କାର୍ଯ୍ୟ କରିଥିଲେ । ସୁପ୍ରିମକୋର୍ଟର ବିଚାରପତି ଅଜୟ ରସ୍ତୋଗୀଙ୍କ ପିତା ରାଜସ୍ଥାନର ଜଣେ ପ୍ରଭାବଶାଳୀ ଓକିଲ ଥିଲେ । ସୁପ୍ରିମକୋର୍ଟର ବିଚାରପତି ଦୀନେଶ ମାହେଶ୍ୱରୀଙ୍କ ପିତା ରମେଶ ଚନ୍ଦ୍ର ମାହେଶ୍ୱରୀ ରାଜସ୍ଥାନ ହାଇକୋର୍ଟର ଓକିଲ ରହିଥିଲେ । ସୁପ୍ରିମକୋର୍ଟରେ କାର୍ଯ୍ୟରତ ବିଚାରପତି ସଞ୍ଜୟ ଖାନ୍ନାଙ୍କ ପିତା ଜଷ୍ଟିସ ଦେବରାଜ ଖାନ୍ନା ଅତୀତରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ରହିଥିଲେ । ସୁପ୍ରିମକୋର୍ଟର ବିଚାରପତି ବାଙ୍ଗାଲୋର ଭେଙ୍କଟରାମାୟା ନାଗରତ୍ନାଙ୍କ ପିତା ଇ.ଏସ୍. ଭେଙ୍କଟରାମାୟା ମଧ୍ୟ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ । କଥାହେଲା ଯେ ସାଧାରଣ ପରିବାର ଲୋକେ ଆଇ.ଏ.ଏସ୍, ଆଇପିଏସ୍ ପରି ତଳକୋର୍ଟର ଓକିଲ କିମ୍ବା ଜଜ୍ ସିନା ହେଉଛନ୍ତି, ହେଲେ ସୁପ୍ରିମକୋର୍ଟର ଜଜ୍ ହୋଇପାରୁନାହାନ୍ତି । କାରଣ ଏଥିପାଇଁ ଲମ୍ବାହାତ ଦରକାର, ଯୋଗ୍ୟତା ନୁହେଁ, ପ୍ରତିଯୋଗିତା ନୁହେଁ,କେବଳ ମନୋନୟନ । ଏହି ବଂଶବାଦ ସୁପ୍ରିମକୋର୍ଟଙ୍କ ପାଇଁ ବର୍ତ୍ତମାନ କଳଙ୍କର ବଡଦାଗ ହୋଇଛି ଯାହା ଚିନ୍ତାର ବିଷୟ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବାର୍ଦ୍ଧକ୍ୟର ଗତିରୋଧ




ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ । ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ । ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ । ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି । ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି । ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି । ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି । ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ । ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ । ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର । ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ । କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା । ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ । ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ । ପୋଦ୍ଦାର କହିଛନ୍ତି ଦେହର କର୍ଟିକୋଷ୍ଟେରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ । କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ । ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ । ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ । ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି । ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ । ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି । ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗାବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ । ସେହିଭଳି କମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ । ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର । ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ । ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି । କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ । ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ । ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ । ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ । ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ । ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ । ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ । କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ । ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ । ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ । ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି । ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ ।

*କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,*
*ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୨୩୪୪୩*

# ଜୀବନ କ'ଣ ?



ଡକ୍ଟର ମନୋରଞ୍ଜନ ବିଷୋୟୀ

'ପୁନରପି ଜନମମ୍ ପୁନରପି ମରଣମ୍ / ପୁନରପି ଜନନୀ ଜଠରେ ଶୟନମ୍'- ଏହା ହେଉଛି ଭାରତୀୟ ଚେତନାର ମୂଳକଥା । ଏଠାରେ ମୃତ୍ୟୁ ଜୀବନର ଅନ୍ତିମ ବିନ୍ଦୁ ନୁହେଁ ବରଂ ଏହାକୁ ନୂତନ ପ୍ରବେଶ ଦ୍ୱାର ଭାବରେ ଗ୍ରହଣ କରାଯାଇଥାଏ । ଲୋକାନୁଭୂତିରେ ମଧ୍ୟ ଏହି ସତ୍ୟର ପ୍ରତିଫଳନ ବେଶ୍ ସୁସ୍ପଷ୍ଟ । ତେଣୁ ତ ଜୀବନ ଓ ଜଗତର ସତ୍ୟକୁ ଉନ୍ମୋଚନ କରିବାକୁ ଯାଇ କୋମଳମତି ଶିଶୁ ଆଗରେ ଆଇମା' କହେ- 'ମୋ କଥାଟି ସରିଲା, ଫୁଲ ଗଛଟି ମରିଲା' । କିନ୍ତୁ ନା' ଏଠି କଥା ସରେ, ନା' ଫୁଲଗଛ ମରେ । ପ୍ରଶ୍ନବାଚୀରୁ ଆରମ୍ଭ ହୁଏ – 'ହଇରେ ଫୁଲଗଛ ତୁ କାହିଁକି ମଲୁ ?' ଏହି ପ୍ରଶ୍ନବାଚୀ ଏହି ଅନ୍ୱେଷାର ସୂତ୍ର ଅଦ୍ୟାବଧି ଖୋଜା ଚାଲିଛି ।

ଏଠାରେ କହିରଖେ ଭାରତୀୟ ଦର୍ଶନରେ ଯୁଗେ ଯୁଗେ ମାନବ ହେଉଛି ଅନ୍ୱେଷା ପଥର ପଥିକ । ଏହି ଅନ୍ୱେଷା ନାଭିରୁ ନଭ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଦିନେ ଭାରତୀୟ ଜୀବନଧାରାରେ ନଚିକେତା ଜୀବନର ସତ୍ୟ ଅନ୍ୱେଷଣରେ ଯମାଳୟକୁ ଗମନ କରିଥିବା କଥା ଉପନିଷଦ କହେ । ନଚିକେତା ଠାରୁ ଏପରି ପ୍ରଶ୍ନ ଭାରତୀୟ ପରମ୍ପରାରେ ଅଦ୍ୟାବଧି ଅନୁରଣିତ ହୋଇ ଆସିଛି । ଏହି ଅନୁତ୍ତରିତ ଉତ୍ତର ଭିତରେ ଭାରତୀୟ ଜୀବନଯାତ୍ରାର ମହତ୍ତ୍ୱ ପ୍ରକଟିତ ହୋଇଛି । ପ୍ରକୃତରେ ଭାରତୀୟ ଜୀବନ ଧାରାରେ ଜୀବନ ହେଉଛି ଏକ ମହାଯାତ୍ରାର ଇତିବୃତ୍ତ । ଏ ଯାତ୍ରାଭିସାର ଅନ୍ଧ ହାତୀ ଦେଖିଲା ଭଳି । ଶୁଣ୍ଢରେ ପହଞ୍ଚିଲେ – ଶୁଣ୍ଢ ସତ୍ୟ କିମ୍ବା ଲାଞ୍ଜରେ ପହଞ୍ଚିଲେ ଲାଞ୍ଜ ସତ୍ୟ । ବାସ୍ତବିକ୍ କହିବାକୁ ଗଲେ ଭାରତୀୟ ସଂସ୍କୃତି ବିଶ୍ୱଜୀବନକୁ କରିଛି ସମୃଦ୍ଧ । ଜୀବନର ମୌଳିକ ପ୍ରଶ୍ନ ଉପରେ ଅନୁସନ୍ଧାନ ଭାରତ ବର୍ଷ ଭଳି ଅନ୍ୟ କୌଣସି ରାଷ୍ଟ୍ର ଏତେ ନିଷ୍ଠାର ସହ କରିପାରି ନାହିଁ । ଭାରତୀୟ ପରମ୍ପରାର ନିର୍ମାତା ହେଉଛନ୍ତି ଏହି ସିଦ୍ଧ ସାଧକ ଗୋଷ୍ଠୀ । ସେମାନଙ୍କ ଅନୁଭୂତିଲବ୍ଧ ପ୍ରେରଣା ହିଁ ଏ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ମହନୀୟ କରି ଗଢ଼ି ତୋଳିଛି । ଏହା ସ୍ଥୂଳ ନଶ୍ୱର ଅସ୍ତିତ୍ୱ ଭିତରେ ସୀମାବଦ୍ଧ ହୋଇନାହିଁ । ଜୀବନର ରହସ୍ୟ ଉଦ୍‌ଘାଟନ ସହ ଆତ୍ମ ଆବିଷ୍କାର ନିମନ୍ତେ ବହୁ ଉତ୍‌ଥାନ-ପତନ ଭିତରେ ଅନ୍ୱେଷଣର ମାର୍ଗ ଅବ୍ୟାହତ ରହିଛି । ମାନବର ଆଚରଣ ଓ ଉଚ୍ଚାରଣ ଏକ ଚୂଡ଼ାନ୍ତ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖି ଅଭ୍ୟୁଦୟ ପଥରେ ଅଗ୍ରସର ହେବା ସହ ଉତ୍ତରଣ ପଥକୁ ପ୍ରସାରିତ କରିଛି ।

ପ୍ରକୃତ ପକ୍ଷେ କହିବାକୁ ଗଲେ ଭାରତବର୍ଷ କେବଳ ଭୌଗୋଳିକ ସୀମା ବା ଇତିହାସର ଘଟଣାଚକ୍ର ଭିତରେ ଦୈବାତ୍ ଜନ୍ମଗ୍ରହଣ କରିଥିବା ଏକ ଜନପଦ ନୁହେଁ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଭାରତବର୍ଷର ଅର୍ଥ ବହୁ ବ୍ୟାପକ ଓ ସଂପୂର୍ଣ୍ଣ ଭିନ୍ନ । ବାସ୍ତବିକ ଭାରତବର୍ଷ ଏକ ପ୍ରତୀକ । ବିବର୍ତ୍ତିତ ଭବ୍ୟ ଧରିତ୍ରୀର ଅବଧାରିତ ଗୁରୁ । ଏଠାରେ ଆତ୍ମଜାଗୃତି ମାଧ୍ୟମରେ ଉଚ୍ଚତର ଚେତନା ଲାଭ କରିବା ହେଉଛି ଜୀବନର ଚରମ ଲକ୍ଷ୍ୟ । ତେଣୁ କଠୋପନିଷଦ କହେ-

"ଅତ୍ମାନ୍ ରଥିନଂବିଦ୍ଧି ଶରୀର ରଥମେବତୁ
ବୁଦ୍ଧିଂତୁ ସାରଥିଂ ବିଦ୍ଧିମନଃ ପ୍ରଗହମେବଚ ।"

ଅର୍ଥାତ୍ ତୁମେ ଆତ୍ମାକୁ ରଥୀ ଏବଂ ଶରୀରକୁ ରଥ ମନେ କରିବା ସହ ବୁଦ୍ଧିକୁ ସାରଥି ଓ ମନକୁ ପ୍ରଗହ ବା ଲଗାମ୍ ମନେ କର । ପରିଶେଷରେ କେବଳ ଏତିକି କହିବି- ଜୀବନ ଏକ ଜ୍ୟାମିତିକ ଜଟିଳ ଉପପାଦ୍ୟ । ଜୀବନର ଅର୍ଥ ସନ୍ଧାନରେ ମାନବର ପ୍ରତ୍ୟହ ଭେଟ ହୁଏ ଭିନ୍ନ ଭିନ୍ନ ସମସ୍ୟା ସହ । ସେ ପ୍ରତିକୂଳତା ଭିତରେ ସଂଗ୍ରାମ କରି କରି ଅମୃତ ପଥର ପଥିକ ସାଜେ କିନ୍ତୁ ଜୀବନର ହଳାହଳ ହିଁ ତାକୁ ମହାନ୍ କରି ଗଢ଼ିତୋଳିବା ସହ ବଞ୍ଚିବାର ମନ୍ତ୍ର ଶିଖାଇଥାଏ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

## ଧାରାବାହିକ ଉପନ୍ୟାସ

# ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୪




*(ପୂର୍ବପ୍ରକାଶ ଉତ୍ତାରୁ)*

ଦେହର ଅମୃତ ଝରାଇଦେଇଛି ସେମାନଙ୍କ କ୍ଷୁଧିତ ମୁହଁରେ? ସେ କଣ ନାରୀ ରୂପରେ ପୂର୍ଣ୍ଣା? ଯେଉଁମାନେ ଦୁହିତା, ବୋହୂ, ସ୍ତ୍ରୀ ଓ ମାଆ ଭୂମିକାରେ ବାରମ୍ବାର ରୂପାନ୍ତରିତ ହେଉଥାନ୍ତି। ତ୍ୟାଗପୂତ ଜୀବନଟିଏ ଜୀଇଁ ସୁଖୀ ଅନୁଭବ କରୁଥାନ୍ତି! ନିଜର ମନକୁ ମାରି ଅନ୍ୟକୁ ସୁଖ ବାଂଟିଚାଲିଥାନ୍ତି! ପ୍ରକୃତରେ ସେ ଭିନ୍ନ ପ୍ରବୃତ୍ତିର ମଣିଷ, ଯିଏ ଅହରହ ସୁଖସୁବିଧା ପଛରେ ଧାଏଁ। ଅନ୍ୟମାନଂକ ଅପେକ୍ଷା ନିଜକୁ ପ୍ରାଧାନ୍ୟ ଦିଏ। ସେ ପରିବାର ଭିତରେ ଆବଦ୍ଧ ହୋଇପାରିବନି ବେଶୀକାଳ। କିଛିକାଳ ସେ ଚେଷ୍ଟା କରିଥିଲା ଅନିମେଶଙ୍କ ପାଇଁ। ହେଲେ ନିଜ ପ୍ରକୃତିକୁ ଅଣଦେଖା କରିପାରିଲାନି।

ପୁଣି କାଳିମା ଘୋଟିଆସିଲା ତା ଜୀବନରେ। ଆଉ ସେ ପାଲଟିଗଲା ପୁରୁଣା ମନିଷା ଓବେରୟ, ଯେ ଅନ୍ୟମାନଂକ ସହିତ ଅହରହ ଖେଳିଛି। ଦେହକୁ ବାଣ୍ଟିଛି ଅନ୍ୟମାନଙ୍କ ସହିତ। ତା ଭିତରେ ସେ ପବିତ୍ରତା କାହିଁ ଯାହା ଅନିମେଶଙ୍କୁ ଆକୃଷ୍ଟ କରେ! ତା ଭିତରେ ସେ ସଂସ୍କୃତି ଓ ବିଚାରବୋଧ କାହିଁ ଯାହା ଅନିମେଶଙ୍କୁ ବାନ୍ଧି ରଖେ! ତା ଭିତରେ ସ୍ନେହତ୍ୟାଗ ଓ ପ୍ରେମର ସେ ସ୍ୱର୍ଗୀୟ ଅନୁଭୂତି କାହିଁ ଯାହା ଅନିମେଶ୍ ତା ଭିତରେ ଅହରହ ଖୋଜି ହୁଅନ୍ତି! ସତରେ, ସେ ଅନିମେଶଙ୍କୁ ଠକିଛି ପାଇବା ଲୋଭରେ ପଡି! ସେ ସାରା ଜୀବନ ଛଟପଟ ହେଉଛନ୍ତି ମୃତ୍ୟୁକାଳୀନ ଯନ୍ତ୍ରଣାରେ। ସେ ମୁକ୍ତହେବା ଜରୁରୀ। ସ୍ୱାଧୀନ ଭାବେ ବଂଚିବାର ଅଧିକାର ଅଛି ତାଙ୍କର। ସେ ତାଙ୍କୁ ଜାଣି ଜାଣି ଏମିତି ଉଜାଡି ଦେଇପାରିବନି। ସେ ମନତଳେ ତାଙ୍କୁ ହିଁ ଭଲପାଏ। ଆଉ ତା ସହିତ ବେଶୀ ଭଲପାଏ ନିଜର ସ୍ୱାଧୀନତା ଓ ଅତ୍ୟାଧୁନିକତାକୁ। ଏମାନଙ୍କୁ ଏକତ୍ର ଜୀଇଁ ହେବନି। ଅନିମେଶଙ୍କ ସହିତ ସେ ଖୁସିରେ ବଂଚିପାରନ୍ତା। ହେଲେ ସେ ଅଣନିଃଶ୍ୱାସୀ ହେଉଛନ୍ତି ମନିଷା ସହିତ। ଅସ୍ଥିର ଆବେଗରେ ଛଟପଟ ହେଉଛନ୍ତି। ସତେଯେପରି ତା ଭିତରେ ସେ ଆଉ କାହାକୁ ଅନ୍ୱେଷଣ କରୁଛନ୍ତି! ସେ ସୁଖୀ ନୁହଁନ୍ତି ତା ସହିତ!

ଯାହାହେଲେ ବି ଅନିମେଶ୍ ହିଁ ତାର ପ୍ରଥମ ପ୍ରେମ! ସେ ହିସାବରେ ସେ ଅନିମେଶଙ୍କ ଇଚ୍ଛା ଅନିଚ୍ଛାକୁ ଅଣଦେଖା କରିପାରିବନି। ଜୀବନ ଯାକ ପରାଧୀନତାର ଶୃଂଖଳ ଭିତରେ ତାଙ୍କୁ ଛନ୍ଦି ହତ୍ୟା କରିପାରିବନି। ସେ ସ୍ଥିର କରିସାରିଛି-ଏଥରକ ତାଙ୍କୁ ମୁକ୍ତ କରିଦେବ। ଯେତେଦିନ ପାରିବ ପିଲାମାନଂକ ଯତ୍ନ ନେଉଥିବ। ନପାରିଲେ ସେମାନଙ୍କୁ ବି ହସ୍ତାନ୍ତର କରିଦେବ। ସେ ସୁଖୀରହନ୍ତୁ ଆଜୀବନ। ଦୀର୍ଘଶ୍ୱାସଟିଏ ବ୍ୟାପିଗଲା ତା ମନପ୍ରାଣକୁ ଆଘାତ ଓ ବ୍ୟାକୁଳିତ କରି!

ନିଜ ପସନ୍ଦ ଚିଜ ଅନ୍ୟଠାରୁ ଛଡେଇ ଆଣୁଥିବା ମନିଷା ଆଜି ଏତେ ବଦଳିଗଲା କିପରି? କିପରି ସେ ତା ପ୍ରିୟ ପୁରୁଷ ଅନିମେଶଙ୍କୁ ତାଠାରୁ ମୁକ୍ତ କରିଦେବ? କାରଣ ସେ ତାଙ୍କୁ ଭଲପାଏ। ବିବାହ ପରେ ସେ ତାଙ୍କୁ ଭଲ ଭାବେ ବୁଝିଥିଲା। ଜାଣିଥିଲା ଯେ ଦୁହିଁଙ୍କର ବିଚାର ଓ ବ୍ୟବହାରରେ ଆକାଶ ପାତାଳର ପ୍ରଭେଦ। ସଂସ୍କୃତି ସଂପନ୍ନ ମଣିଷ ସେ। ନିଜମାଟିକୁ ଭଲ ପାଆନ୍ତି! ମୌଳିକତାକୁ ଆପଣାର କରନ୍ତି। ହେଲେ ତା ଭଳି ଏତେବଡ ବୋମା ସେ ସଂଭାଳିବେ କିପରି? ଅବଶ୍ୟ ପାପାମାମା ଖୁସିଥିଲେ ଏଭଳି ଶାନ୍ତ ସୁଧାର ଜ୍ୱାଇଁଟିକୁ ପାଇଁ। କିନ୍ତୁ କିଛିଦିନ ପରେ ମନେହେଲା ଅନିମେଶ୍ ଶ୍ୱାସରୁଦ୍ଧ ହୋଇ ଅସ୍ଫୁଟ ଆର୍ତ୍ତନାଦ କରିଉଠୁଛନ୍ତି।

*(କ୍ରମଶଃ)*

## ନିର୍ବାଚିତ କବିତା

# ଅନ୍ଧକାର



### ଜଗନ ପାଳ

କେବେ ଅନ୍ଧକାରକୁ ବି ଖୋଜି ଦେଖ
ଏ ବନ୍ଦ୍ ଆଖି କି ବିନା ଆଲୋକରେ ନୁହେଁ
ବରଂ ଅମାନବିକତାର ମୁଖାତଳେ
ବରଂ ଛଦ୍ମହସର ବିକଟାଳ ରହସ୍ୟରେ
ଆଉ ତୁମ ଆମ ଅଜ୍ଞାନତା ଭିତରେ....
ଛାଇର ଛଳନାରେ ଆଭାସର ଛୁଆଁରେ
ପୁଣି ପାଣିର ଗଭୀରତା
ଆଉ ନିଆଁର ଜ୍ୱାଳାରେ
ବାସ୍ନାର ବିଭୋରତାରେ
ଆଉ ବିସ୍ମୟର ବିଚିତ୍ରତାରେ
ପୁଣି ମରିଚିକାର ମୃଣାଳିନୀର ମ୍ରିୟମାଣରେ
ଖୋଜି ଦେଖ ନିରାଶରେ ଆତ୍ମୋହୂତିରେ
ଖୋଜି ଦେଖ କର୍ତ୍ତବ୍ୟର କଠୋରାଘାତରେ
ଖୋଜି ଦେଖ ବୟସର ନିର୍ଜନତାରେ
ଖୋଜି ଦେଖ ଅଳସର ଆତ୍ମଗ୍ଲାନିରେ
ଏ ଅନ୍ଧକାର ବି ବଡ
ନିପୁଣ କାରିଗରଟିଏ
କେବେ ନୂଆ ସୃଷ୍ଟିର କାରଣ ସାଜେ ତ
ଆଉ କେବେ ସୃଷ୍ଟିର ଧ୍ୱଂସାଶୀ ସାଜେ
ତ କେବେ ଆରମ୍ଭର ଆହ୍ୱାନ ସାଜେ
କେବେ ପରିସମାପ୍ତିର ସଂକେତ
ଅନ୍ଧକାରର ଅନ୍ଧାରରେ
ଅନ୍ଧାରତା ହିଁ ଅନ୍ଧ ସାଜିଥାଏ
ଅସଫଳତାର ଆଲୋଡନରେ
ଅପର୍ଯ୍ୟାପ୍ତ ଅସମୟରେ
ପୁଣି ଅନାହାର-ଅର୍ଣ୍ଣବରେ
ଅକ୍ଳାନ୍ତ ଉଷ୍ମକଟିଏ.....

*ଚାରିମାଢିଆ, ବାଙ୍କୀ, କଟକ*
*ଦୂରଭାଷ : ୯୬୬୮୫୬୩୦୦୩*


ଟ୍ରାଫିକ ଜାମ ଭିତରେ ଅଟୋରୁ ଓହ୍ଲେଇପଡି ଆନମନା ହୋଇଗଲେ ଅସ୍ମିତା। ଆଗକୁ ଗଲେ ବସଷ୍ଟାଣ୍ଡ ପଛକୁ ଫେରିଲେ ଅଟୋ ଷ୍ଟାଣ୍ଡ। ବସଷ୍ଟାଣ୍ଡକୁ ଗଲେ ବାଟ ପାସେଞ୍ଜର ମାନଙ୍କୁ, ସବୁଠୁ ପଛରେ ଉଠେଇବେ, ପୁଣି ବସ ପଛରେ ଦଉଡ଼େଇ ଦଉଡ଼େଇ। ସେଥିରେ ଦୂର ଯାତ୍ରୀମାନେ ବସି ସାରିବା ପରେ ପଛ ସିଟରେ ଖାଲି ଜାଗା ଥିଲେ ବସ, ନଚେତ ଠିଆ ହୋଇ ରହିବାକୁ ବାଧ। ଠିଆ ହେବାର ଅନୁଭୂତି ଯିଏ ଭୋଗିଛି ସେ ଜାଣିଛି। ନା ଅଟୋ ଷ୍ଟାଣ୍ଡକୁ ବରଂ ଚାଲିଗଲେ ଭଲ। ହୁଏତ ଚାରି ପାଞ୍ଚ ଜଣ ହୋଇଗଲେ, ଅଧିକା ଦୁଇ ପଇସା ନଉ ପଛେ ଭଲରେ ଅନ୍ତତଃ ଯାଇହେବ ଭାବି, ସୁବାସବୋଷ ଛକରୁ କେତେ କଷ୍ଟ କରି ଆସିଥିବା ଅଟୋରୁ ଓହ୍ଲେଇ ପଡିଲା ବେଳକୁ, ସ୍ତ୍ରୀ ଲୋକ ଟିଏ ଲାଗିଯାଇଛି ପଛରେ, ମା ନିଅ ବହିଟିଏ। ତୁମକୁ ମୁଁ ଚିହ୍ନିଛି ମା। ତୁମେ ପରା ଆମ ଗାଁରେ କବିତା ବୋଲିବାକୁ ଯାଇଥିଲ, ନିଅ ମାଆ ନିଅ ମାତ୍ର କୋଡିଏ ଟଙ୍କା। ସେପଟେ ଅଟୋବାଲା ଭାଇ ପାଟିକରୁଛି, ଶୀଘ୍ର ପଇସା ଦିଅନ୍ତୁ ମାଡାମ। ପୋଲିସ ଏବେ ଜୁଲମ କରିବ ମୁଁ ଶୀଘ୍ର ଏଠୁ ଗାଡି ନିଏ। ହଉ ହଉ କହି ପର୍ସ କାଢି କୋଡିଏ ଟଙ୍କା ଅଟୋ ବାଲାକୁ ଦେଲାବେଳକୁ, ଏ ସ୍ତ୍ରୀ ଲୋକଟିର କଟାଳ, ନିଅ ମାଆ ବହି ଖଣ୍ଡେ, ତୁମେ ପଢିଲେ ବୁଝିବ, ମୋ ଜୀବନ କାହାଣୀ ଏଥିରେ ଲେଖା। ତୁ ମତେ ବିରକ୍ତ କରନି ଜମା। ଏବେ ମତେ ଅଟୋ ନମିଳିଲେ ମୁଁ କୋଉ କୁଳର ହେବି। ଏଣେ ବସ ଷ୍ଟାଣ୍ଡ ଗଲିନି, ଅଟୋ ଚାଲିଗଲା। ତେଣେ ଅଟୋ ମିଳୁଛି କି ନା କହି, ବ୍ୟସ୍ତ ବିବ୍ରତ ଭାବରେ, ଟ୍ରାଫିକ ଅତିକ୍ରମ କରି ଡାକ୍ତରଖାନା ଛକକୁ ଆସିବାକୁ ଢେର ସମୟ ଲାଗିଗଲା. ବାଇକବ୍ୱାଲା ଭାଇ ହାଁ ହାଁ କହୁ କହୁ ମୁଁ ପଛକୁ ବୁଲି ଚାହିଁଲା ବେଳକୁ ସେହି ସ୍ତ୍ରୀ ଲୋକଟି ମୋ ସାମ୍ନାରେ। ହସୁଛି ଦାନ୍ତ ନିକୁଟି ଆଉ କହୁଛି ବହି ଖଣ୍ଡେ ନିଅ ମାଆ, କେତେ ପଇସା ଖର୍ଚ୍ଚ କରୁଛ, କୋଡିଏ ଟା ଟଙ୍କା ମାତ୍ର।

ମୁଁ ସେତେବେଳକୁ ଅଟୋକୁ ପଚାରୁଥାଏ କୋଉ ଯାଏଁ ଯିବ ଅଟୋ। ଚନ୍ଦନପୁର। ବସନ୍ତୁ। ହେଲେ ସେଠୁ ସାକ୍ଷୀଗୋପାଳ କେମିତି ଯିବି? ଆମେ ବସେଇଦେବୁ ସାକ୍ଷୀଗୋପାଳ ଅଟୋରେ। ଅଟୋ ଭାଇର ମତେ ମିଶାଇ ଆବଶ୍ୟକୀୟ ଯାତ୍ରୀ ଯୋଗାଡ଼ ହୋଇଯାଇଥିଲେ ତ, ସଙ୍ଗେ ସଙ୍ଗେ ଛାଡିଦେଲା. ଆଜି ପୁରୀ ଯାଏଁ ଆସିବାକୁ ଯେତିକି ନାକେଦମ ସେତିକି ଖର୍ଚ୍ଚାନ୍ତ ଜୀବନରେ କେବେ ହୋଇନଥିଲି. ଆସିଲା ବେଳେ ଷ୍ଟାଣ୍ଡରେ ବସ ନଥିଲା ତ ଭୁବନେଶ୍ୱର ଆଡୁ ଆସୁଥିବା ଅଟୋରେ ବସିଗଲି. ପୁରୀକୁ ପଚାଶ ଟଙ୍କା. ତିରିଶ ଜାଗାରେ ପଚାଶ କହିଲାଣି ଭୁବନେଶ୍ୱରିଆ ଅଟୋ ବାଲା ଭାଇ, ହଉ ପଛେ ମତେ ଟିକେ ସଂସ୍କୃତି ଭବନ ଯାଏଁ ଛାଡ଼ିଦେବେ। ହଉଯେ, ସେଇଟା କୋଉଠି? ତ ଅସ୍ମିତା ଉତ୍ତର ଦେଲେ ସୁବାସ ବୋଷ ଛକରେ, ବାମ ପଟକୁ। ସେଇଟା ପୁଣି କୋଉଠି? ମଲା ମଣିଷ, କହି କହି, ବାଟ ବତେଇ ବତେଇ, ସେଠାରେ ପହଁଚିଲା ପରେ କହିଲା ଆଉ ପଚାଶ ଟଙ୍କା,

# ମା’ ସରସ୍ୱତୀ ତସ୍ମୈ ନମଃ

### ସୁନନ୍ଦା ମହାନ୍ତି





ମାନେ ଶହେ ଟଙ୍କା। କେତେ କବି କବୟିତ୍ରୀ, ସାହିତ୍ୟିକ ଓ ସାହିତ୍ୟିକା ଭିତରେ, ଚୁପଚାପ ଶହେ ଟଙ୍କା ଦେଇ ଉତ୍ତରି ଗଲି। ଆଉ ଯିବା ବେଳକୁ ଏ ଚନ୍ଦନପୁର ଯାଏଁ ଯାଉଛିତ ସାକ୍ଷୀଗୋପାଳ ଅଟୋ ମିଳିବକି ନା କେଜାଣି? ନିଜ ବିକଳ ଅବସ୍ଥା ଭିତରେ ସେ ବିକଳିଆ ସ୍ତ୍ରୀ ଲୋକଟାର ଅନୁନୟ ବିନୟ ମୁହଁ ଟି ମନେ ପଡିଗଲା। ମାତ୍ର କୋଡିଏ ଟଙ୍କାରେ ବହି ଭଳି ଅମୂଲ୍ୟ ପଦାର୍ଥ ଖଣ୍ଡେ ବିକିବାକୁ ଚାହୁଁଥିଲା, ପୁଣି ଚିହ୍ନିଛି କହୁଥିଲା। କୋଉଠି, କୋଉ ଗାଁ, କେବେ ଇତ୍ୟାଦି କିଛି ପଚାରି ହେଲାନାହିଁ। ଅନ୍ୟର ଉପକାରରେ ଆସିପାରୁନଥିବା ମୋ ଭଳି ମଣିଷ ଧିକ କହି ନିଜକୁ କ୍ଷମା କରିପାରୁନଥିବା ଅସ୍ମିତା ଭାବୁଥିଲେ।

କେତେ କାହା ପ୍ରେରଣାରେ ସେ କବି ଓ ଲେଖକ. କୁଆଡେ ଯିବାକୁ ହେଲେ ସାଙ୍ଗ ସାଥି ଲୋଡ଼ା। କୋଉଠିକି ଗଲେ କେତେ କଷ୍ଟ। ଆଜି କବି ସମ୍ମିଳନୀରେ ତାଙ୍କ ବେଳକୁ ଆଉ ଖାଦ୍ୟ ନାହିଁ। ଲୋକ ଯାଇଛନ୍ତି, ଆଣି ଆସିବେ ତ ଖାଇବାକୁ ପଡିବ, ଦିନ ତିନିଟା ବାଜିଲାଣି ବୋଲି ଅପେକ୍ଷା ନକରି, ସେ ଚାଲିଆସିଥିଲେ। ମନ ତୋହର ନିଜ ଗୁରୁ... ଉଦ୍ଧବ କେତେ ତୁ ପଚାରୁ ଭଳି, ନିଜ କର୍ମ ଆନୁଯାଇ ଫଳ, ନଚେତ ସ୍ତ୍ରୀ ଲୋକଟିକୁ, କୋଡିଏ ଟଙ୍କା ଦେଇ ବହିଟିକୁ ରଖିଥିଲେ ହେଇନଥାନ୍ତା ଭାବି ଭାବି ସନ୍ତୁଳିତ ହେଉ ହେଉ ଚନ୍ଦନପୁର। ଦୂରରେ ସାକ୍ଷୀଗୋପାଳ, ସାକ୍ଷୀଗୋପାଳ ବୋଲି ଡାକ ଛାଡୁଛି ଅଟୋ, ତରତରରେ ପଇସା ଦେଇ, ଏକରକମ ଦଉଡି ଯାଇ ବଳି ପଡି ଥିବା ଏକମାତ୍ର ସିଟରେ ବସିବାକୁ ଯାଉଛନ୍ତି, ପୁରୀ ଅଟୋ ବାଲା ଭାଇ ଦଉଡି ଆସି ବହିଟିଏ ବଢ଼େଇଲେ। କହିଲେ, ଆପଣଙ୍କର। ସେଇ ସ୍ତ୍ରୀ ଲୋକ ଦେଇଯାଇଥିଲା କହିଲା ତାଙ୍କ ଗ୍ରାମକୁ ଗଲେ ସେ ଆପଣଙ୍କଠୁ ପଇସା ନେଇଯିବ। ହଉ ହଉ କହି କୃତାର୍ଥ ହୋଇଗଲି। ବାଟରେ ଏପଟେ ଶିବଶଙ୍କର ସେପଟେ ମାଆ ଦକ୍ଷିଣକାଳୀଙ୍କୁ ମୁଣ୍ଡିଆ ମାରି ଭଲରେ ଭଲରେ ଆସି ଘରେ ପହଞ୍ଚି, ସନ୍ଧ୍ୟା ଧୂପ ବୁଲାଇସାରି, କିଛି ଖାଇସାରି ବହିଟିକୁ ଦେଖେତ, ସୁବାସ ବୋଷଙ୍କ ଉପରେ ଲିଖିତ ବହିଟି ଆଉ ଲେଖିକା ସରସ୍ୱତୀ ଦାସ। ଗ୍ରାମ, ଇଶ୍ୱରପୁର। ଏମିତି ଗ୍ରାମ ଅସ୍ମିତା ଶୁଣି କି ଜାଣି ନଥିଲେ। ଏବେ ଯୋଉଠି କବିତା ଆସରକୁ ଯାଆନ୍ତି ଖୋଜି ଖୋଜି ନାମ ଗ୍ରାମ ନୟାନ୍ତ ହୁଅନ୍ତି ହେଲେ ଠିକଣା ମିଳେନି। ପୁରୀ ଆସିଲେ ବସ ଷ୍ଟାଣ୍ଡ ଓ ଅଟୋ ଷ୍ଟାଣ୍ଡରେ ଅନେକ ଖୋଜି ମଧ୍ୟ ବୃଥା. ହେଲେ ସୁବାସ ବୋଷଙ୍କ ଉପରେ କବିତା ଲେଖିବାକୁ ବହିଟି ବହୁ ସାହାଯ୍ୟ କରିଥିଲା। ଅନୁଆରୀ ଛବିଶ ଦିନ ମଧ୍ୟ ପିଲାଙ୍କୁ ଭାଷଣ ଦେଲାବେଳେ ବହିରୁ କିଛି ପାଇଥିଲେ ତଥ୍ୟ ଅସ୍ମିତା। ଆଉ ନାମରୁ ମାଆ ସରସ୍ୱତୀଙ୍କ ଦାନ ଭାବୁ ଭାବୁ ଦେହରେ ଶୀହରଣ ଓ ହୃଦୟରେ ଆବେଗ ଭିତରେ ସରସ୍ୱତୀ ପୂଜା ମଧ୍ୟ ଆସିଯାଇଥିଲା। ଅଭୁଲା କଥାଟି ଜୀବନର ଏକ ରୋମାଞ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ।

*ସାକ୍ଷୀଗୋପାଳ, ପୁରୀ*
*ଦୂରଭାଷ: ୭୦୦୮୯୪୨୨୧୫*

# କୁହ ମାତୃଭୂମି

### ସନ୍ତୋଷ ମିଶ୍ର



ସତରେ
ସମୟର ଗତି
ଖୁବ ପ୍ରଖର
ଦେଖୁ ଦେଖୁ
ପାଳିବାକୁ ହୁଏ
ସାଧାରଣତନ୍ତ୍ର ଦିବସର
ଚଉସ୍ତରୀ ତମ ଜନ୍ମ ଜୟନ୍ତୀ,
ଇଂରେଜର
ପରାଧୀନତାରୁ ମୁକୁଳି
ରାଜତନ୍ତ୍ର ବନ୍ଧନର
ଶିକୁଳି ଫିଟେଇ
ସ୍ୱାଧୀନ ରାଷ୍ଟ୍ରରେ
ମୁଣ୍ଡ ଟେକି
ଯେଉଁମାନେ କହିଥିଲେ
ଦେଶ ହେଲା ଗଣତନ୍ତ୍ର
ସେମାନେ ଆଉ ନାହାନ୍ତି।
ସେ ଦିନ
ହଟି ଯାଇଥିଲା
ଜାତି ଧର୍ମ ବର୍ଣ୍ଣ,
ଗୋଟିଏ ସ୍ୱରରେ
କହି ପାରୁଥିଲେ
ମଣିଷ ଜାତି
ମାନବ ଧର୍ମ।
ରାଜତନ୍ତ୍ରରେ
ଚାରି ଜାତି
ଶୁଦ୍ର ବୈଶ୍ୟ ବ୍ରାହ୍ମଣ କ୍ଷତ୍ରିୟ,
ମୋ ଜେଜେବାପା ବାପା କହିଥିଲେ
ଯୁଦ୍ଧ ଓ ସଂଘର୍ଷର ବନ୍ୟାରେ
ଭାସି ଯାଇଥିଲେ ବହୁ କ୍ଷତ୍ରିୟ,
ଆଉ ଯେଉଁମାନେ ରହିଲେ,
ବିନା ବାସ୍ନାରେ କର୍ପୁର କହିଲେ।
ଆଜି ଗଣତନ୍ତ୍ର ରାଷ୍ଟ୍ରରେ
ସମାଜ ସେବାର
ମୁକୁଟ ପିନ୍ଧି
କ୍ଷତ୍ରିୟର ଅଭିବୃଦ୍ଧି କରି
ବଢ଼ି ଯାଇଛନ୍ତି ନେତା,
ନିର୍ବାଚନର ହୁଙ୍କାରରେ
ଯୁଦ୍ଧଂ କହି
ଜଣେ ଜଣକୁ ପରାସ୍ତ କରି
ପାଲଟିଛନ୍ତି
ରାଜନେତା
ରାଜା ଭଳି ପୂଜା ପାଇ
ଜଣେ ଜଣେ
ଅଞ୍ଚଳର ବିଧାତା।
ବିଦ୍ୱାନ ପୁରୁଷ
ବ୍ରାହ୍ମଣ ଥିଲେ
ସରକାରୀ କର୍ମଚାରୀ
ବ୍ରାହ୍ମଣ ସାଜିଲେ
ଚୌକିକୁ ମୁଣ୍ଡିଆ ମାରିଲେ,
ବିଚାରପତି ପ୍ରାଧ୍ୟାପକ
ଋଷି ମହର୍ଷି ହେଲେ
ତାଙ୍କ ଶିଷ୍ୟ ମାନେ
ଆଇନଜୀବୀ ଡାକ୍ତର
ଶିକ୍ଷକ କହିଲେ।
ପୋଲିସ ଓ ସାମ୍ବାଦିକ
ରାଜନେତାଙ୍କ ଦୂତ ପାଲଟିଲେ,
ଧନୀ ଶ୍ରେଣୀ
ବ୍ୟବସାୟ କଲେ
କ୍ଷତ୍ରୀୟକୁ କର ଦେଲେ,
ଶୁଦ୍ର ପାଲଟିଲେ ଗରିବ
ପେଟପାଇଁ ସହିବାକୁ ହେବ।
କୁହ ମାତୃଭୂମି
କୁହ ଗୋ ଜନନୀ
ମୁଁ ସାଧାରଣ ବର୍ଗ
ଗରିବ,
କେଉଁ ଶ୍ରେଣୀରେ
ଅନ୍ତର୍ଭୁକ୍ତ କରିବ,
ମୋ ଚିତ୍କାରରେ
ନିଦ ଭାଙ୍ଗି ଗଲା,
ସ୍ୱପ୍ନ ମୋତେ କହିଗଲା,
ଗଣତନ୍ତ୍ର ରାଷ୍ଟ୍ର ଏବେ
ରାଜତନ୍ତ୍ର ନୁହେଁ
ନେତାତନ୍ତ୍ର ହେବାକୁ ବସିଲା।

*ଅଧିବକ୍ତା*
*ଇରିଗେସନ କଲୋନୀ, ଭବାନୀପାଟଣା*
*ଦୂରଭାଷ: ୯୪୩୮୨୭୩୪୭୪*

## କବିତାର କଥା

(ଭାଗ-୧୦୫)



### ଉମାକାନ୍ତ ରାଉତ



# ପ୍ରକାଶଶୈଳୀର ଚିତ୍ରମୟତା ହିଁ ତାଙ୍କ କବିତାର ଲୁକ୍କାୟିତ ଶକ୍ତି

ଗୁରୁପ୍ରସାଦଙ୍କ ସମଗ୍ର କବିତାର ସଂଖ୍ୟା ୭୫ ରୁ ଅଧିକ ହେବନାହିଁ। ତନ୍ମଧ୍ୟରୁ କେଇଟି ତାଙ୍କର ଦୁଇଟିଯାକ ସଂକଳନରେ ସ୍ଥାନିତ ହୋଇନାହିଁ। ସଂଖ୍ୟାରେ ଖୁବ୍ କମ୍ ହେଲେ ହେଁ ତାଙ୍କର କୌଣସି କବିତାକୁ ଉପେକ୍ଷା କରି ହେବନାହିଁ। ଗୁରୁପ୍ରସାଦଙ୍କ କବିତାଗୁଡ଼ିକ ତୁମେ ବୁଝ କି ନବୁଝ, ବୁଝିବା ଆଗରୁ ତାର ଆବେଦନ ଓ ଆକର୍ଷଣ ତୁମକୁ ନିଶ୍ଚିତଭାବେ କାବୁ କରିବ ହିଁ କରିବ। ତାର ମନ୍ତ୍ରମୁଗ୍ଧ ମାୟାଜାଲରେ ତୁମେ ଫଶିବାଟା ଥୟ। ଉଦାହରଣ ସ୍ୱରୂପ -

"ଚମ୍ପାଫୁଲ ମହକରେ ବାଟ ଭୁଲି ସମୁଦ୍ରର ଢେଉ
ଆସିଥିଲା କୂଳଡେଇଁ ଶୁଖିଥିଲା ଭରାନଈ ଛାତି
ପଥର ତରଳି ଥିଲା, ମଶାଣିର ଭୂତପ୍ରେତ ଛାଡ଼ି
ରଜବତୀ କନ୍ୟା ଲାଗି ଯୋଗୀ ଥିଲା ମଦନରେ ମାତି"

ଭାଷା, ଅନୁଭବ, ଆବେଗ, ଦୃଷ୍ଟିଭଙ୍ଗୀ ତଥା ଉପସ୍ଥାପନାର ଶୈଳୀ ଓ ପ୍ରକାଶ ଶୈଳୀରେ ଚିତ୍ରମୟତା ତାଙ୍କ କବିତାର ଲୁକ୍କାୟିତ ଶକ୍ତି। ଏହି ସ୍ୱାତନ୍ତ୍ର୍ୟ, ନୂତନତା ଓ ତଦ୍ଦ୍ୱାରା ଉତ୍ତରପିଢୀଙ୍କୁ ଆଗକୁ ବଢିବାପାଇଁ ପ୍ରେରିତ କରିବାର ଅପୂର୍ବ ସାମର୍ଥ୍ୟ ଯୋଗାଇବାର ଯୋଗ୍ୟତା ତାଙ୍କୁ ଜଣେ ଯୁଗସ୍ରଷ୍ଟାର ମାନ୍ୟତା ପ୍ରଦାନ କରିଛି।

ଉଭୟ କାବ୍ୟଦୃଷ୍ଟି ଓ କାବ୍ୟସଂଗଠନରେ ତାଙ୍କ କବିତା ଗଢଣର ପାକଳପଣ ଓ ଶକ୍ତି ଯେ ଓଡ଼ିଆ କବିତା କ୍ଷେତ୍ରରେ ଏକ ନୂତନ ଦିଗକୁ ଉନ୍ମୋଚନ କରିଛି, ଏହା ସ୍ୱୀକାର କରିବାକୁ ପଡ଼ିବ। ଓଡ଼ିଆ କବିତାର ଉଭୟ ଆତ୍ମିକ ଓ ଆଙ୍ଗିକ ଦିଗବଳୟର ଉଦୟାଚଳକୁ ଖୁବ୍ ସଂପ୍ରସାରିତ କରିବାର ଦକ୍ଷତା ଥାଏ ଗୁରୁବାବୁଙ୍କର ପ୍ରାୟ ପ୍ରତ୍ୟେକଟି କବିତାର ପଂକ୍ତିରେ........ଏଇ ଯେମିତି....

"ଏ ଅନ୍ଧାର ଶୋଇପଡେ ଜାକିଜୁକି ନିର୍ବିବାଦେ ନିଃଶବ୍ଦ
ଘୋଡିଘାଡି ହୋଇ
ନିଶବ୍ଦ ଚଇତ୍ର ଯାଏ ଗଳି ଗଳି ରାସ୍ତା ରାସ୍ତା ଘୋଡାଗାଡି
ରିକ୍ସାଗାଡି ଚଢ଼ି
ଇଲେକ୍ଟ୍ରିକ୍ ଆଲୁଅରେ ସାବୁନ୍ ଆଉ ବାସ୍ନା ତେଲ ଗୁଡାଖୁ
ଓ ହାଇଦର୍ ବିଡ଼ି
ଚୈତ୍ରର ସପନ ନେଇ ତୁମଠାରୁ ଇନ୍ଦ୍ରଜାଲ ନେଇ
ଗାନ୍ଧି ଟୋପି ପିନ୍ଧି ଚାଲେ ଏ ରାସ୍ତାରେ ଭିଡ଼ ଠେଲି
ଠେଲି।"

ଦୁଇଟି ପର୍ଯ୍ୟାୟର ତାଙ୍କର ଦୁଇଟି କବିତା ସଂକଳନ ତାଙ୍କର ସର୍ଜନ ଶକ୍ତିକୁ ବୁଝିବାପାଇଁ ଓ ବୁଝେଇବା ପାଇଁ ଯଥେଷ୍ଟ। ସେ ଦୁଇଟି ହେଲା ୧୯୭୦ରେ "ସମୁଦ୍ରସ୍ନାନ‘ ଓ ୧୯୮୮ରେ" ଆଶ୍ଚର୍ଯ୍ୟ ଅଭିସାର।

"କାଳପୁରୁଷ" ତାଙ୍କର ଏକ ଦୀର୍ଘ କବିତା। ଏହାର ପ୍ରଥମ ନାମ ଥିଲା "ନିର୍ମୁକ୍ତି"। ତ୍ରୈମାସିକ ପତ୍ରିକା "ପ୍ରଜ୍ଞା"ର ୧୯୬୦ ମସିହା ଅଗଷ୍ଟ ସଂଖ୍ୟାରେ ଏହା ପ୍ରଥମେ ପ୍ରକାଶ ପାଇବା ପରଠାରୁ ଓଡ଼ିଆ କାବ୍ୟ ସାହିତ୍ୟର ସାମ୍ରାଜ୍ୟରେ ଏକ ପ୍ରଭାବଶାଳୀ ମୌଳିକ କବିତା ରୂପେ ଗୃହୀତ ଓ ପ୍ରତିଷ୍ଠିତ ହୋଇ ଆସିଛି। ସୁଦକ୍ଷ ସମ୍ପାଦକ ଡକ୍ଟର ଯତୀନ୍ଦ୍ର ମହାନ୍ତି ଏହାର ନାମକରଣକୁ ପରିବର୍ତ୍ତନ କରି ଏହାକୁ "କାଳପୁରୁଷ" ନାମରେ ଛାପିଥିଲେ। ଗୁରୁବାବୁ ଏହି ଦୀର୍ଘ କବିତାଟିକୁ ସର୍ଜ୍ଜନାକରିବାକୁ ପ୍ରାୟ ଦୁଇ ବର୍ଷ ସମୟ ନେଇଥିଲେ। ଏହା ୧୯୫୭ ମସିହାରୁ ଲେଖା ହୋଇସାରିଥିଲେ ହେଁ ୧୯୬୦ରେ ପ୍ରକାଶିତ ହୋଇଥିଲା।

ଏହାକୁ ଅନେକ ଗବେଷକ ଟି.ଏସ୍. ଏଲିୟଟ୍ ଙ୍କର କବିତା "ୱେଷ୍ଟଲ୍ୟାଣ୍ଡ୍" ସହ ତୁଳନା କରିଥାନ୍ତି। (ଗୁରୁପ୍ରସାଦ ଅନେକାଂଶରେ ଟି.ଏସ୍. ଏଲିୟଟ୍ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ବୋଲି ପୂର୍ବରୁ କୁହାସରିଛି) ସମସାମୟିକ ସଭ୍ୟତା ଓ ତତ୍ ସୃଷ୍ଟ ଜଟିଳତା ସଚେତନ ମଣିଷ ମନରେ ସୃଷ୍ଟି କରୁଥିବା ଜଟିଳ ପ୍ରତିକ୍ରିୟା, ଉଦ୍ଭଟତା, ନିରାଶାଭାବ, କ୍ଷୟିଷ୍ଣୁ ମୂଲ୍ୟବୋଧ, ଅସଂଜମତା, ଆଶଙ୍କା, ଭୟ, ଆନନ୍ଦଶୂନ୍ୟତାର ନରକ ଯନ୍ତ୍ରଣା, ବିଫଳତା ଆଦି ବାସ୍ତବତାର ଆବେଗିକ ରୂପାୟନ ଘଟିଛି "କାଳପୁରୁଷ"ରେ ଯେଉଁଠି କବି ନିଜେହିଁ ନାୟକ ଅର୍ଥାତ୍ କାଳପୁରୁଷ ଭୂମିକାରେ ଅବତୀର୍ଣ୍ଣ। ଏଥିରେ ବର୍ଣ୍ଣନା କରାଯାଇଥିବା ବିଭିନ୍ନ ପରିସ୍ଥିତି ହିଁ ନାୟକ(କବି)ର ମାନସିକ ଅବସ୍ଥାର ଭିନ୍ନ ଭିନ୍ନ ଅଂଶ ମାତ୍ର। ଗୋଟେ ଉଦାହରଣକୁ ନେଇ ଏକଥା ବୁଝିବା......

"ଥଣ୍ଡା ଆଖି ଡୋଳା ତଳେ ଖାଲି ବ୍ୟର୍ଥ ଅବ୍ୟକ୍ତ ବିଷାଦ
ଟାଇ କୋଟ୍ ପ୍ୟାଣ୍ଟ୍ ଅବା ଗାନ୍ଧି ଟୋପି ସିଲ୍କ୍ ଶାଢୀ ତଳେ
ଖାଲି ବ୍ୟର୍ଥ ବ୍ୟକ୍ତହୀନ କୀଟ ଆଉ ପତଙ୍ଗ ଶବଦ।"

୧୯୪୮-୧୯୫୦ ମସିହାରେ ବମ୍ବେରୁ ସ୍ୱର୍ଗତ ଦେବ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ଲୋକପ୍ରିୟ ହାତଲେଖା ପତ୍ରିକାର ନାମ ଥିଲା "କୁଙ୍କୁମ"। ଏହି "କୁଙ୍କୁମ"ରେ ଗୁରୁପ୍ରସାଦଙ୍କର କେଇଟି ସନେଟ୍ ପ୍ରକାଶ ପାଇଥିଲା। ସେଗୁଡିକ ମଧ୍ୟରୁ "ସ୍ମୃତି ରହେ ଛାଇନିଦ ପରି" ଅନ୍ୟତମ। ଏହା ତାଙ୍କର କୌଣସି ସଂକଳନରେ ସ୍ଥାନିତ ହୋଇନାହିଁ। ସୁତରାଂ, ଏହି ଲେଖକ ସେଇଟିକୁ ସଂଗ୍ରହ କରିପାରିଥିବାରୁ କାବ୍ୟାମୋଦୀର ପାଠକମାନଙ୍କ ପାଇଁ ନିମ୍ନରେ ପ୍ରଦତ୍ତ କରୁଛି .......

ବିଛଣା ଉପରେ ତାର ସ୍ମୃତି ରହେ ଛାଇନିଦ ପରି
ଘାରି ରହେ ପାଖେ ପାଖେ ନିଭିଥିବା ତା’ ନିଆଁର ଧାସ,
ଆରକ୍ତ ଓଠର ବ୍ୟଥା ଦୂରନ୍ତ ତା’ ଛାତିର ବିଦ୍ୟୁତ
ରକ୍ତର ମୂର୍ଚ୍ଛନା ତା’ର ଆଉ ତା’ର ଦୂରନ୍ତ ନିଶ୍ୱାସ
ବିଛଣା ଉପରେ ତା’ର ସ୍ମୃତି ରହେ ଛାଇନିଦ ପରି
ଦେହର ହଳଦୀ ଛାପ,ଆଖି କଳା ସିନ୍ଦୂରର ଦାଗ
ଅଣ୍ଟାସୂତା ଆଉ ଫୁଲ....ଚିହ୍ନ ତା’ର ଲାଗିରହେ ଶୁଖି
ଉଚ୍ଛିଷ୍ଟ ତା’ ଯୌବନର କଳଙ୍କିତ ମ୍ଳାନ ଅସ୍ତରାଗ।
ସ୍ମୃତି ତା’ର ଲାଗିରହେ ଅବାସ୍ତବ ଏତେ ଅବାସ୍ତବ
ଏକୁଟିଆ ବିଛଣାରେ ରୂପାୟିତ ହୋଇ ତା’ର ମୋହ
ବିଧ୍ୱସ୍ତ ରାତିର ନିଆଁ,ଆକାଶର ବିଧ୍ୱସ୍ତ ବିଦ୍ୟୁତ୍
ଏକୁଟିଆ ଦେହେ ଦେହେ ଜୀବନର ଧ୍ୱସ୍ତ ସମାରୋହ।
ବର୍ଷା ପଡ଼େ ଝରି ଝରି ଝରିଉଠେ......
ଆଉ ଉଠେ ଆକାଶର କୋହ
ରକ୍ତର ବିହ୍ୱଳ କ୍ଲାନ୍ତି.......ସ୍ମୃତି ତା’ର, ସ୍ୱାଦୁ ତା’ର
ଘାରିଆସେ ତାହାରି ବିରହ।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଜିଲ୍ଲାରେ ୭୪ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ଜଗତ୍‌ସିଂହପୁର :** ଜଗତସିଂହପୁର ଜିଲ୍ଲା ସଦରମହକୁମା ନବକୃଷ୍ଣ ଚୌଧୁରୀଙ୍କ ଷ୍ଟାଡିୟମ ଠାରେ ୭୪ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ଜଗତସିଂହପୁର ବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ରାଜ୍ୟସରକାର ଜିଲ୍ଲାର ବିଭିନ୍ନ ଉନ୍ନୟନ କ୍ଷେତ୍ରରେ ଯେପରି ଗୁରୁତ୍ୱ ଦେଉଛନ୍ତି ତାହା ଅତୁଳନୀୟ। ଆଜି ଆମେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରଭାବେ ଗୌରବ ଅର୍ଜନ କରିପାରିଛେ। ସେହି ଜାତିରପିତା ମହାତ୍ମାଗାନ୍ଧୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସୁବାସ ଚନ୍ଦ୍ର ବୋଷ,



ବିଆର ଆମ୍ବେଦକର ଓ ଗୋପବନ୍ଧୁ ଦାସ ପ୍ରମୁଖଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲାପାଳ ପାରୁଲ ପଟୱାରୀ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର ମୁଖ୍ୟ ଅତିଥିଙ୍କୁ ପତକା ସ୍ତମ୍ଭ ନିକଟକୁ ପାଛୋଟି ନେଇଥିଲେ। ଏହି ସମ୍ମିଳିତ ପ୍ୟାରେଡରେ ୨୫ଟି ଦଳ ଭାଗ ନେଇଥିଲେ। କୋଭିଡ କଟକଣା ପାଇଁ ପ୍ୟାରେଡ ଉତ୍ସବ ପାଳନ କରାଯାଉନଥିବା ବେଳେ ଚଳିତଥର ବିଭିନ୍ନ ସ୍ଥାନରୁ ଆସୁଥିବା ପ୍ରତିଯୋଗୀମାନଙ୍କୁ ଏହି ଉତ୍ସବରେ ଭାଗ ନେଇଥିଲେ। ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମକ ବୋଧକ ସଂଗୀତ, ପ୍ରବନ୍ଧ ଓ ଜଣାଅଜଣା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ମାନେ ଷ୍ଟାଡିୟମ ପରିସରରେ ବୃକ୍ଷରୋପଣ କରିଥିଲେ।

ସାଧାରଣତନ୍ତ୍ର ଦିବସ ପାଳନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଂଚି ରୋଗୀ ଓ ଆଳିପିଙ୍ଗଳ ଜେଲର ଅନ୍ତେବାସୀମାନଙ୍କୁ ଫଳବଣ୍ଟନ କରିଥିଲେ। ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ରିଜର୍ଭ ଇନିସପେକ୍ଟର ଦୁର୍ଯ୍ୟୋଧନ ବେହେରା ପ୍ୟାରେଡ ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକପ୍ରଭା ଲେଙ୍କା ଓ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଂଶଧାରା ନଦୀ ପାଣି ...

ସ୍ୱର୍ଗତ ନିଲମ ସଂଜୀବ ରେଡି ଗୋଟା ଠାରେ ବ୍ୟାରେଜ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ଚାପ ପ୍ରୟୋଗ କରିଥିଲେ। ତତ୍କାଳୀନ କେନ୍ଦ୍ର ଜଳସେଚନ ମନ୍ତ୍ରୀ ଇଂ କେ ଏଲ ରାଓ ଏକ ଇଞ୍ଜିନିୟର ଦଳକୁ ପଠାଇ ବଂଶଧାରା ନଦୀ ଉପରେ ସର୍ଭେ କରିଥିଲେ। କେନ୍ଦ୍ର ଜଳସେଚନ ମନ୍ତ୍ରୀ ଇଂ ରାଓ ତାଙ୍କ ରିପୋର୍ଟରେ ଉଭୟ ଓଡିଶା ଓ ଆନ୍ଧ୍ର ସରକାର ବଂଶଧାରା ନଦୀ ଜଳ ବ୍ୟବହାର କରିବା ଅଧିକାର ରହିଥିବା ଉଭୟ ୫୦-୫୦ ପ୍ରତିଶତ ଜଳ ବ୍ୟବହାର କରିପାରିବେ ବୋଲି କହିଥିଲେ। ଓଡିଶା ସରକାର ଗୁଣୁପୁର ଉପଖଣ୍ଡର ଗୁଡାରି ନିକଟସ୍ଥ ପାଣିଡ଼ଙ୍ଗର ଠାରେ ଓ ଆନ୍ଧ୍ର ସରକାର ହିରମଣ୍ଡଳମ ନିକଟରେ ଗୋଟା ବ୍ୟାରେଜ ନିର୍ମାଣ ସବୁଜ ସଂକେତ ମିଳିଥିଲା। ଏ ନେଇ ଆୟୋଜିତ ବୈଠକରେ ଉଭୟ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ଚୁକ୍ତି ନାମା ସ୍ୱାକ୍ଷର ହୋଇଥିଲା। ତଦନୁସାରେ ଆନ୍ଧ୍ର ସରକାର ଗୋଟା ଠାରେ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ୧୯୭୨ ମସିହାରେ ପ୍ରକଳ୍ପ କାର୍ଯ୍ୟ ଶେଷ କରି ବମ କେନାଲ ଅଞ୍ଚଳର ହଜାର ହଜାର ଏକର ଚାଷ ଜମିକୁ ଜଳସେଚିତ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଓଡିଶା ସରକାର ଚୁକ୍ତି ଅନୁଯାୟୀ ପାଣିଡ଼ଙ୍ଗର ନିକଟରେ ବ୍ୟାରେଜ ନିର୍ମାଣ ନ କରି ଚୁପ ବସିରହିଲେ। ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ ଆନ୍ଧ୍ର ସରକାର ବଂଶଧାରା ନଦୀ ଉପରେ ଦ୍ୱିତୀୟ ବ୍ୟାରେଜ ନିର୍ମାଣ ପାଇଁ ୧୯୮୦ ମସିହାରେ ଗୁଣୁପୁର ସହର ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ତଳମୁଣ୍ଡରେ ନେରେଡି ଠାରେ ଅନ୍ୟ ଏକ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ସର୍ଭେ କାର୍ଯ୍ୟ ଶେଷ କରିବା ସହିତ କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ କାମ କାମ ଶେଷ କରିଦେଇଥିଲେ। ଏହି ନେରିଡି ପ୍ରକଳ୍ପକୁ ବିରୋଧ କରି ଗୁଣୁପୁର ସହର ଓ ବ୍ଲକ ଓ ଗଜପତି ଜିଲ୍ଲାର କାଶୀନଗର ବ୍ଲକର ଶତାଧିକ ଗ୍ରାମ ଓ ହଜାର ହଜାର ଏକର ଚାଷ ଜମି ପାଣିରେ ବୁଡିଯିବାର ଆଶଙ୍କା ଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେତେବେଳେ ବିପ୍ଳବୀ ନେତା ସ୍ୱର୍ଗତ ନାଗଭୂଷଣ ପଟ୍ଟନାୟକ ଓ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଭୁବନ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ଓ ଆମରଣ ଅନଶନ ଇତ୍ୟାଦି କରାଯାଇ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଆନ୍ଦୋଳନ ତୀବ୍ରତର ହେବାରୁ ରାଜ୍ୟ ସରକାର କେନ୍ଦ୍ରରେ କଂଗ୍ରେସ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଉକ୍ତ ପ୍ରକଳ୍ପକୁ କିଛି ବର୍ଷ ପାଇଁ ବନ୍ଦ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ଆନ୍ଧ୍ର ସରକାର ଚୁପ ନ ରହି ପ୍ରକଳ୍ପ ନିର୍ମାଣ ପାଇଁ ଉଦ୍ୟମ ଜାରି ରଖି ୨୦୦୩ ମସିହାରେ ନେରେଡି ନିକଟ କାଟ୍ରାଗାଡାରେ ବଂଶଧାରା ନଦୀ ଉପରେ ୯୫୦କୋଟି ଟଙ୍କା ବ୍ୟୟରେ ଏକ ରବର ଡ୍ୟାମ ନିର୍ମାଣ କାର୍ଯ୍ୟକୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ରାଜ ଶେଖର ରେଡି ସରକାର ଶୁଭାରମ୍ଭ କରିଥିଲେ। ତାହାର କେନାଲରେ ଦେଇ ଶ୍ରୀକାକୁଲମ ଓ ଭିଜିଆନଗରମ ଜିଲ୍ଲାର ଚାଷ ଜମି ଗୁଡିକୁ ଜଳସେଚିତ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଆରମ୍ଭ କରି ପ୍ରାୟ ୫୦ପ୍ରତିଶତ କାର୍ଯ୍ୟ ଶେଷ କରିଥିଲେ। ଗୁଣୁପୁର ଓ କାଶୀନଗର ଅଞ୍ଚଳରେ ଆନ୍ଧ୍ରର କାଟ୍ରାଗାଡା ପ୍ରକଳ୍ପକୁ ତୀବ୍ର ବିରୋଧ ସହ ଆନ୍ଦୋଳନ କରାଯାଇଥିଲା। ଠିକ ଏହା ପରେ ଓଡିଶାର ନବୀନ ସରକାରଙ୍କ ଚେତା ପଶିଥିଲା। ଆନ୍ଧ୍ର ସରକାରଙ୍କୁ ଚକମା ଦେଖାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଂଶଧାରା - ଋଷିକୁଲ୍ୟା ନଦୀ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଯୋଜନା କରିଥିଲେ। ଏହାଦ୍ୱାରା ଆନ୍ଧ୍ରକୁ ଆବଶ୍ୟକ ଜଳ ନ ମିଳିଲେ କାଟ୍ରାଗାଡା ପ୍ରକଳ୍ପ ଫେଲ ହେବ ବୋଲି ଚିନ୍ତା କରାଯାଇଥିଲା। ନଦୀ ସଂଯୋଗୀକରଣ ଦ୍ୱାରା ଉଭୟ ରାୟଗଡା ଓ ଗଞ୍ଜାମ ଜିଲ୍ଲାର ହଜାର ହଜାର ଲକ୍ଷ ଜମି ଜଳସେଚିତ ହେବା ସହ ଚାଷୀ ଉପକୃତ ହେବେ, ନଦୀର ବନ୍ୟା ନିୟନ୍ତ୍ରଣ ସହ ଲୋକଙ୍କୁ ଆବଶ୍ୟକ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ମିଳିପାରିବ। ବିଶେଷ କରି ବ୍ରହ୍ମପୁର ସହର ପାଇଁ ଜଳ ସଙ୍କଟ ଦୂର ହୋଇପାରିବ ବୋଲି ପରିକଳ୍ପନା କରାଯାଇଥିଲା। ଗୋଟିଏ ପଟେ ୨୦୦୬ ମସିହା ଜୁନ ମାସରେ ରାୟଗଡା ଜିଲ୍ଲାର ଗୁଡାରିରେ ବଂଶଧାରା - ଋଷିକୁଲ୍ୟା ଡିଭିଜନ ନାମରେ ଏକ ସର୍ଭେ ଅଫିସକୁ ତତ୍କାଳୀନ ଜଳସମ୍ପଦ ରାଷ୍ଟ୍ର ମନ୍ତ୍ରୀ ରବି ନାରାୟଣ ନନ୍ଦ ଉଦଘାଟନ କରିଥିଲେ। ସେହି ବର୍ଷ ଓଡିଶା ସରକାର କାଟ୍ରାଗାଡା ପ୍ରକଳ୍ପ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ହୋଇ ବଂଶଧାରା ଟ୍ରିବ୍ୟୁନେଲ ଗଠନ କରିବାକୁ ନିବେଦନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୨୦୧୦ ମସିହାରେ ବଂଶଧାରା ଟ୍ରିବ୍ୟୁନାଲ ଗଠନ କରାଯାଇ ପୁନଃ ସର୍ଭେ ପାଇଁ କେନ୍ଦ୍ରୀୟ ଜଳ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୦ ମେ ୨୨ ତାରିଖରେ ବଂଶଧାରା -ଋଷିକୁଲ୍ୟା - ନାଗାବଳି ଡିଭିଜନର ଇଞ୍ଜିନିଅର ଇନ ଚିଫ ଆର ଏନ ସ୍ୱାଇଁ ଓ ଜଳସମ୍ପଦ ବିଭାଗର ସଚିବ ତଥା ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଇଞ୍ଜିନିଅର ଦଳ ପ୍ରକଳ୍ପ ସ୍ଥଳ ଓଡିଶା ଆନ୍ଧ୍ର ପଟକୁ ଯାଇ ସର୍ଭେ କରି ଫେରି ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ନବୀନ ସରକାରଙ୍କ ବଂଶଧାରା - ଋଷିକୁଲ୍ୟା ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ପାଣିଡ଼ଙ୍ଗର ପ୍ରକଳ୍ପ ଭଳି ଫୁ ହୋଇ ପବନରେ ମିଳେଇଗଲା। ଗୁଣୁପୁରର ବର୍ତ୍ତମାନର ବିଧାୟକ ରଘୁନାଥ ଗମାଙ୍ଗ ନିର୍ବାଚିତ ହେବା ଦିନରୁ ପ୍ରତ୍ୟେକ ବିଧାନସଭା ଚାଲୁଥିବା ସମୟରେ ପାଣିଡ଼ଙ୍ଗର ପ୍ରକଳ୍ପ କଥା ଉଠେଇ କିଛି କାର୍ଯ୍ୟକାରୀ ହେଉନାହିଁ। ପ୍ରକଳ୍ପ ନକରିବା ଦ୍ୱାରା ପଡୋଶୀ ରାଜ୍ୟ ଓଡିଶାର ନଦୀ ଜଳକୁ ଅପହରଣ ପାଇଁ ଉଦ୍ୟମ କରୁଛି। କିନ୍ତୁ ରାଜ୍ୟ ସରକାର ସବୁ ଶେଷ ହେବା ବେଳକୁ ଲୋକଦେଖାଣିଆ ବିରୋଧ କରୁଥିବା ବେଳେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ କରିବା ଭୁଲିଯାଉଛନ୍ତି। ଏହି ଜିଲ୍ଲାର ରାଜନେତା ଗଣ ନିଜ ଜିଲ୍ଲାକୁ ନ ଦେଖି ଅନ୍ୟ ଜିଲ୍ଲା ପାଇଁ ହୋ ହାଲା କରି ରାଜନୀତି ଫାଇଦା ଉଠଉଛନ୍ତି।

### ଲୋକପ୍ରିୟତାର ...

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା (୬୮.୩%) ରେଟିଂ ପାଇ ତୃତୀୟ ସ୍ଥାନରେ ଅଛନ୍ତି। ଟପ ଟେନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ଯଥାକ୍ରମେ ଅଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ଧାମୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ, ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଓ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି। ଦୀର୍ଘବର୍ଷ କାଳ ଶାସନ କ୍ଷମତାରେ ରହି ମଧ୍ୟ ନବୀନଙ୍କୁ ଭଲପାଇବାରେ ଓଡ଼ିଶାବାସୀ ସାମାନ୍ୟ ଉଣା କରିନାହାନ୍ତି। ରାଜ୍ୟରେ ବିକାଶ, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନକୁ ଲୋକମାନେ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି। ନାରୀ ସଶକ୍ତିକରଣ, ସ୍ଥିରତା, ସୁଶାସନ, ଦୁର୍ନୀତି ଓ ଭ୍ରଷ୍ଟାଚାରମୁକ୍ତ ଓଡ଼ିଶା ଗଠନରେ ନବୀନ ସାଜିଛନ୍ତି ଷ୍ଟେଟସ୍ ମ୍ୟାନ୍। ସ୍ୱାସ୍ଥ୍ୟ ଭିତ୍ତିଭୂମି, ବିପର୍ଯ୍ୟୟ ପରିଚାଳନାରେ ସାରାଦେଶରେ ଉଦାହରଣ ପାଲଟିଛି ଓଡ଼ିଶା। କୋଭିଡ ପରିଚାଳନାରେ ରାଜ୍ୟ ସରକାରଙ୍କ ସଫଳତାକୁ ପ୍ରଶଂସା କରାଯାଇଛି । ଏଥି ସହିତ ଚଳିତ ବର୍ଷ ହକି ବିଶ୍ୱକପ୍ ୨୦୨୩ ଲଗାତର ଦ୍ୱିତୀୟ ଥର ସଫଳତାର ସହ ଆୟୋଜନ କରୁଥିବା ଓଡିଶାକୁ କେବଳ ଦେଶ ନୁହେଁ ବିଦେଶରୁ ମଧ୍ୟ ପ୍ରଶଂସା କରାଯାଉଛି। କଥା ନୁହେଁ କଠିନ ପରିଶ୍ରମରେ ବିଶ୍ୱାସ କରୁଥିବା ନବୀନ ରାଜନେତା ଓ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାବାସୀଙ୍କର ପ୍ରଥମ ଓ ଶ୍ରେଷ୍ଠ ପସନ୍ଦ। କେବଳ ଯେ ଇଣ୍ଡିଆ ଟୁଡେର ସର୍ଭେ ନୁହେଁ ଏହା ପୂର୍ବରୁ ମଧ୍ୟ ଅନ୍ୟ ପ୍ରତିଷ୍ଠିତ ମାଗାଜିନ ଓ ସଂସ୍ଥାର ଜନମତ ସର୍ଭେରେ ନବୀନ ସବୁବେଳେ ଶୀର୍ଷରେ ରହି ଆସିଛନ୍ତି। ଅନ୍ୟ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ନିଜର ସ୍ଥିତି ବଜାୟ ରଖିପାରିନଥିବା ବେଳେ ନବୀନ ଓଡ଼ିଶାର ବିକାଶକୁ ମୁଖ୍ୟ ଏଜେଣ୍ଡା ଭାବେ ନେଇ ଶାସନ ଓ ପ୍ରଶାସନକୁ ଲୋକାଭିମୁଖୀ କରି ସମଗ୍ର ଦେଶ ପାଇଁ ପାଲଟିଛନ୍ତି ରୋଲ ମଡେଲ।

### ରାଜ୍ୟର ସବୁ ଜିଲ୍ଲାରେ ...

ମେଡିକାଲ କଲେଜ ଖୋଲିବାକୁ ସୁଯୋଗ ଦେଲା। ତେବେ ଓଡ଼ିଶା ଏହି କାରଣରୁ ପଛରେ ରହିଯାଇଛି। ନିକଟରେ ଡିସେମ୍ବର ୨୦ ତାରିଖରେ ରାଜ୍ୟସଭାରେ ଦେଶରେ ସରକାରୀ ଓ ଘରୋଇ ମେଡିକାଲ କଲେଜ ଓ ଏମବିବିଏସ ସିଟ ସଂଖ୍ୟା ଉପରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଉତ୍ତର ଦେଇଥିଲେ। ଏଥିରେ ଦର୍ଶାଇଥିଲେ ରାଜସ୍ଥାନରେ ୩୩ଟି ଜିଲ୍ଲା ଥିବା ବେଳେ ୨୧ଟି ସରକାରୀ ଓ ୯ଟି ଘରୋଇ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବା ଦର୍ଶାଯାଇଛି। ସେହିଭଳି ଗୁଜରାଟରେ ୩୩ଟି ଜିଲ୍ଲା ଥିବା ବେଳେ ୨୩ଟି ସରକାରୀ ଓ ୧୩ଟି ଘରୋଇ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ତାମିଲନାଡୁରେ ୩୮ଟି ଜିଲ୍ଲା ଥିବା ବେଳେ ୩୮ଟି ସରକାରୀ ଓ ୩୩ଟି ଘରୋଇ ମେଡିକାଲ କଲେଜ ହୋଇପାରିଛି। ମହାରାଷ୍ଟ୍ରରେ ୩୫ଟି ଜିଲ୍ଲା ଥିବାବେଳେ ୩୦ଟି ସରକାରୀ ଓ ୩୩ଟି ଘରୋଇ ମେଡିକାଲ ରହିଛି। ହେଲେ ଓଡ଼ିଶାରେ ୩୦ଟି ଜିଲ୍ଲା ଥିବାବେଳେ ଏବେ ସୁଦ୍ଧା ୧୧ଟି ସରକାରୀ ଓ ୪ଟି ଘରୋଇ ମେଡିକାଲ କଲେଜ ହୋଇପାରିଛି। ଅନ୍ୟପଟରେ ଓଡ଼ିଶାରେ ୫ ବର୍ଷରେ ଖୋଲିଥିବା ନୂଆ ମେଡିକାଲ କଲେଜଗୁଡ଼ିକରେ ମାତ୍ର ହାତଗଣତି ସ୍ଥାୟୀ କର୍ମଚାରୀ ନିଯୁକ୍ତି ହୋଇଥିବା ବେଳେ ଅଧିକାଂଶ କର୍ମଚାରୀ ଠିକା ଓ ଆଉଟସୋର୍ସିଂ ଏଜେନସି ଜରିଆରେ ଚାଲିଥିବା ଦେଖାଯାଉଛି। ଜିଲ୍ଲା ଓ ବ୍ଲକ ସ୍ତରରେ ଲୋକ ଉପଯୁକ୍ତ ଚିକିତ୍ସା ପାଉନାହାନ୍ତି।

### ପ୍ରଶାସନିକ ସଲାସୁତୁରାରେ ...

ପଥର ଓ ବାଲି ଜିଲ୍ଲା, ପଡ଼ୋଶୀ ଜିଲ୍ଲା ତଥା ପଡ଼ୋଶୀ ରାଜ୍ୟକୁ ପ୍ରଶାସନର ନାକତଳେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। କଲମପୁର ତହସିଲ ଅଧୀନରେ ସମୁଦାୟ ୧୦ଟି ଲଘୁଖଣି ଉତ୍ସ ରହିଛି। ୯ ଟି ଲିଜ୍ ହୋଇଥିବାବେଳେ ପାରୁଆଗୁଡ଼ା ବାଲି ଖାଦାନ ଲିଜ୍ ହୋଇ ନାହିଁ। ନର୍ଲା ତହସିଲ ଅଧୀନରେ ୫ଟି ଲଘୁଖଣି ରହିଥିବା ବେଳେ ସୁଡିଙ୍ଗ ପଦର ପଥରଖଣି ସମେତ ୪ଟି ବାଲିଘାଟ ଲିଜ୍ ହୋଇଛି। ମଦନପୁର ରାମପୁର ତହସିଲ ଅଧୀନରେ ସମୁଦାୟ ୧୦ ଲଘୁଖଣି ଚିହ୍ନଟ ହୋଇଥିବା ବେଳେ ୮ଟି ଖଣି ଲିଜ୍ ହୋଇଥିବାବେଳେ ଡୁଙ୍ଗା ବାଲିଘାଟ ଓ ସିଡିଙ୍ଗପଦର ପଥରଖଣି ଲିଜ ହୋଇନାହିଁ। ଜୁନାଗଡ଼ ତହସିଲ ଅଧୀନରେ ୧୮ଟି ଲଘୁଖଣି ଉତ୍ସ ଥିବାବେଳେ ୫ଟି ଲିଜ୍ ହୋଇଛି ଓ ବରାବେସଲ, ଚିଲକପୁର, ଚିଲଗୁଡା, ବାଣୀଜୋର, ବୁଡେଲ, ବରଗାଁ, ହାବସପୁର, କରଚାଲ, ଦାସିଙ୍ଗା-୧ ଓ ଦାସିଙ୍ଗା-୨ ବାଲିଘାଟ ନିଲାମ ହୋଇ ନାହିଁ। ଏପଟେ ଡୁଣ୍ଡେଲମାଲ, ରତନପଲା ଓ ତେନ୍ତୁଳିଖୁଣ୍ଟି ପଥର କ୍ୱାରୀ ମଧ୍ୟ ନିଲାମ ହୋଇ ନଥିବା ବେଳେ ମାଫିଆଙ୍କ କବଜାରେ ପରିଚାଳିତ ହେଉଥିବା ଅଭିଯୋଗ ହେଉଛି। ଲାଞ୍ଜିଗଡ଼ ତହସିଲ ଅଧୀନରେ ୯ ଟି ପଥରଖଣି ଚିହ୍ନଟ ହୋଇ ନିଲାମ ଅଧିକୃତ ହୋଇସାରିଛି। ଗୋଲାମୁଣ୍ଡା ତହସିଲ ଅଧୀନରେ ସମୁଦାୟ ୧୭ ଟି ବାଲିଘାଟ ଓ ୩ଟି ପଥରଖଣି ରହିଛି। ୬ ଟି ବାଲିଘାଟ ଓ ୩ଟି ପଥରଖଣି ନିଲାମ ଅଧିକୃତ ହୋଇଥିବା ବେଳେ ଉଦେଶୃଙ୍ଗ, ସିନାପାଲି, ପୋଣ୍ଡକୁଲ, କୁମ୍ଭାରୀ, ଚିଲଗାଁ, ମାନଝରୀ, ମହାଲିଙ୍ଗ ଓ କଣ୍ଟାମାଲ ବାଲିଘାଟ ନିଲାମ ହୋଇ ନାହିଁ। କୋକସରା ତାହାସିଲରେ ୪ଟି ପଥରଖଣି ଓ ୩ଟି ବାଲିଘାଟ ଚିହ୍ନଟ ହୋଇଥିବା ବେଳେ ସରସାମାଲ ପଥରଖଣି ନିଲାମ ହୋଇନାହିଁ। ସେହିପରି ଜୟପାଟଣା ତାହାସିଲରେ ୮ଟି ଲଘୁଖଣି ଚିହ୍ନଟ ହୋଇଥିବା ବେଳେ ୬ଟି ପଥର ଓ ୨ଟି ବାଲିଘାଟ ରହିଛି। ଏହି ତହସିଲର ଧନସୁଲି ଓ ସିନ୍ଧିକା ଗୁଡ଼ା ବାଲିଘାଟ ନିଲାମ ହୋଇ ନଥିବା ଯୋଗୁଁ ବେଆଇନ ଭାବେ ମାଫିଆ ରାଜ ଚାଲିଥିବା ଦେଖାଦେଇଛି। କରଲାମୁଣ୍ଡାରେ ୧୧ ଟି ଲଘୁଖଣି ଉତ୍ସ ରହିଥିବା ବେଳେ କୁଣ୍ଡେଇପାଲି, ତେରେସିଙ୍ଗା, ରେଗେଡା, ଜୋରଡୋବ୍ରା, ଦେଓଗାଁ, କେର୍ଣ୍ଣାପଲା ବାଲିଘାଟ ଓ ଅବୁଜବାହାଲ-୧ ପଥରଖଣି ଲିଜ ହୋଇନାହିଁ। ଯାହାଫଳରେ ଆନ୍ତଜିଲ୍ଲା ମାଫିଆଙ୍କ ରାଜ ଚାଲିଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଧର୍ମଗଡ଼ ତାହାସିଲରେ ୧୮ଟି ଲଘୁଖଣି ଉତ୍ସ ରହିଥିବା ବେଳେ ଗୋଟିଏ ମୁରୁମ ଖଣି, ୯ ଟି ବାଲି ଓ ୮ଟି ପଥର ଖଣି ନିଲାମ ଅଧିକୃତ ହୋଇଥିବା ସୂଚନା ମିଳିଛି। କେସିଙ୍ଗା ତାହାସିଲରେ ୧୪ଟି ଲଘୁଖଣି ଉତ୍ସ ମଧ୍ୟରୁ ଆମାଠ ମୁରୁମଖଣି, ୧୧ ଟି ବାଲିଘାଟ ଓ ୨ ଟି ପଥରଖଣି ରହିଛି। ଏହି ତହସିଲର କନ୍ତେସିର, ଆମାଠ, ଗୌଡ଼ତୋଲା ଓ ଶୁଭେନ ଡଙ୍ଗର-୧, ଶୁଭେନ ଡଙ୍ଗର-୨ ନିଲାମ ହୋଇ ନଥିବା ଯୋଗୁଁ ମାଫିଆ ମାନେ ବେଆଇନ କବଜା କରି ରଖି ବେଆଇନ ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। କଳାହାଣ୍ଡି ଭବାନୀପାଟଣା ତହସିଲ ଅଧୀନରେ ୩୬ଟି ଲଘୁଖଣି ଉତ୍ସ ରହିଥିବା ବେଳେ ୧୮ଟି ବାଲିଘାଟ ଓ ୧୮ ପଥରଖଣି ରହିଛି। ଏଥି ମଧ୍ୟରୁ ଘୁଷୁରୀ ଗୁଡି-୧, ବୋରଗୁଡ଼ା-୨, ଭିକା ଝରଣ, ବୋରଗୁଡ଼ା-୨, ମାଙ୍କିଡ଼ିପଡ଼ା-୧, କୁଟେନପଦର, ତିଲଜୁଡି ପଥରଖଣି ଓ ତୁରକେଲ-୧, ବୋର୍ଡ଼ା-୨, ପାଇକପଡ଼ା, ଠେମ୍ରା, ସେପୁର, ତୁରକେଲ-୨ ବାଲିଘାଟ ଗୁଡ଼ିକ ଆଦ୍ୟାବଧି ନିଲାମ ହୋଇ ନାହିଁ। ଫଳରେ ମାଫିଆମାନେ ଏହି ସବୁ ଲଘୁଖଣି ମାନଙ୍କରେ ନିଜର ପ୍ରଭୁତ୍ୱ ଜମେଇ ପ୍ରସାଶନିକ ସଲାସୁତୁରାରେ ରାଜସ୍ୱ ଲୁଟି ଚାଲିଥିବା ଅଭିଯୋଗ ହେଉଛି। ଅଭିଯୋଗ ହେଲେ ଲୋକ ଦେଖାଣିଆ କାଁ ଭାଁ କେଉଁ କେଉଁଠି ଧରପଗଡ଼ କରି କିଛି ଫାଇନ ଆଦାୟ କରି ଛାଡ଼ି ଦିଆଯାଉଛି। ଏପଟେ କଳାହାଣ୍ଡି ଜିଲ୍ଲାରେ ରାଜସ୍ୱ ବିଭାଗ ଅଧୀନରେ ହେଉ କିମ୍ବା ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ହେଉ ୧୬୮ଟି ସରକାରୀ ଚିହ୍ନଟ ଲଘୁଖଣି ଖାଦାନ ପରେ ଅନେକ ଜାଗାରେ ମଧ୍ୟ ବାଲି, ମୁରୁମ ଓ ପଥରଖଣି ମାନଙ୍କର ସମ୍ଭାବନା ରହିଛି। ଯେଉଁଠି ଏହି ମାଫିଆମାନେ କବଜା କରି କୋଟି କୋଟି ଟଙ୍କା ଉପାର୍ଜନ କରି ମାଫିଆ ସାମ୍ରାଜ୍ୟ ବିସ୍ତାର କରିବାରେ ଲାଗିଛନ୍ତି। ଏ ନେଇ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଟିମ୍ ଗଠନ କରି ଲଗାତାର ଭାବରେ ଚଢ଼ାଉ ଜାରି କରାଯାଏ ତାହେଲେ ମାଫିଆ ସାମ୍ରାଜ୍ୟ ଓ ଅସାଧୁ ଅଧିକାରୀଙ୍କ କଳା କାରନାମର ଅସଲ ଚିତ୍ର ଲୋକଲୋଚନକୁ ଆସିପାରନ୍ତା ଓ ଓଡ଼ିଶା ରାଜସ୍ୱ ବିଭାଗ ବିପୁଳ ପରିମାଣର ରାଜସ୍ୱ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

### ନିଶାରେ ବୁଡ଼ି ...

ନିଶାସକ୍ତ ଅବସ୍ଥାରେ ଯୁବତୀଙ୍କ ହଙ୍ଗାମା କରିଥିଲେ। ରୋଗୀ ଓ ଡାକ୍ତରଙ୍କୁ ନିଶାସକ୍ତ ଅବସ୍ଥା ଦୁର୍ବ୍ୟବହାର କରିଥିଲେ। କେବଳ ଏତିକି ନୁହେଁ, ଚନ୍ଦ୍ରଶେଖରପୁର ଥାନା ପରିସରରେ ଜଣେ ଯୁବତୀ ସିଗାରେଟ୍ ଟାଣୁଥିଲେ। ତାଙ୍କୁ ବିରୋଧ କରିବାରୁ ସେ ପୁଲିସ ସହ ଯୁକ୍ତିତର୍କ କରି ରୁବାବ୍ ଦେଖାଇଥିଲେ। ଏଥିସହିତ ଇନ୍‌ଫୋସିଟି ଥାନା ଅଞ୍ଚଳରେ ୩ଜଣ ଯୁବତୀ ନିଶାସକ୍ତ ଅବସ୍ଥାରେ ବାଟରେ ଯାଉଥିବା ସାଧାରଣଲୋକଙ୍କୁ ଅଟକାଇଥିଲେ। ସେମାନେ ‘ମୋ ବସ୍’କୁ ଅଟକାଇ ଆଗରେ ନାଚିନାଚି ଚାଳକ ଓ ହେଲ୍ପରଙ୍କ ସମେତ ଯାତ୍ରୀଙ୍କୁ ନାକେଦମ୍ କରିଥିଲେ। ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ପବ୍, ବାର୍ କିମ୍ବା ପାର୍ଟିରେ ସାମିଲ ହୋଇ ଯୁବତୀ ଓ ମହିଳାମାନେ ବିଭିନ୍ନ ସମୟରେ ପ୍ରଚୁର ନିଶାସେବନ କରୁଥିବା ଘଟଣା ନଜରକୁ ଆସୁଛି। ସେମାନେ ରାତିରେ ରାଜଧାନୀ ରାସ୍ତାରେ ନିଶାସକ୍ତ ଅବସ୍ଥାରେ ଆତଙ୍କ ଖେଳାଉଥିବା ଜଣାପଡ଼ିଛି। ଏସବୁ ଘଟଣାରେ ଭୁବନେଶ୍ୱରରେ ଥିବା ଶିକ୍ଷାନୁଷ୍ଠାନରେ ରାଜ୍ୟ ବାହାରୁ ଆସି ପାଠ ପଢୁଥିବା କିମ୍ବା ଏଠାରେ ନିଯୁକ୍ତି ପାଇଥିବା ଯୁବତୀଙ୍କ ଅଧିକ ସମ୍ପୃକ୍ତି ରହିଛି। ସେମାନଙ୍କୁ ଓଡ଼ିଶାର ବଡ଼ବଡ଼ିଆଙ୍କ ଝିଅମାନେ ଅନୁସରଣ କରି ସିଗାରେଟ୍, ମଦ ଓ ବ୍ରାଉନ୍‌ସୁଗର ଭଳି ନିଶା ସେବନ କରୁଛନ୍ତି। ଆଉ ରାସ୍ତାରେ ହିତାହିତ ଜ୍ଞାନ ଭୁଲି ଗାଳିଗୁଲଜ କରି ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି କରୁଛନ୍ତି। ସେଭଳି ସହରର କିଛି ସ୍ଥାନରେ ସଂଧ୍ୟାହେଲେ ଯୁବତୀମାନେ ଖଟି କରୁଛନ୍ତି। ଗୋଟିଏ ହାତରେ ସିଗାରେଟ୍ ଓ ଅନ୍ୟ ହାତରେ ବିଅର ବୋତଲ ଧରି ବିଭିନ୍ନ ସମୟରେ ଲୋକଙ୍କୁ ହଇରାଣ ହରକତ କରୁଥିବା ଜଣାପଡ଼ିଛି। ଏମାନଙ୍କୁ କିଭଳି ନିୟନ୍ତ୍ରଣ କରାଯିବ ତାହା ବର୍ତ୍ତମାନ ଚିନ୍ତାର ବିଷୟ।

### ଅବ୍‌କି ବାର ...

ଓଡ଼ିଶାର ଢେଙ୍କାନାଳ ଓ ତାଳଚେରରେ ଉଚ୍ଚମାନର କୋଇଲା ମିଳୁଛି। ଓଡ଼ିଶାର କୋଇଲା ଖଣି କାହା କାମରେ ଲାଗୁଛି। ବିଦ୍ୟୁତ ଉତ୍ପାଦନ ହୋଇପାରନ୍ତା। ଓଡ଼ିଶାରେ ଦୀର୍ଘଦିନ ଧରି ଚାଷୀ ଆନ୍ଦୋଳନ ଜାରି ରହିଛି। ଦଳିତ, ଗରିବ, ଚାଷୀଙ୍କ ପ୍ରତି ଉପହାସ କରାଯାଉଛି। ଧନର ଅଭାବ ନୁହେଁ ବରଂ ମନର ଅଭାବ ଯୋଗୁ ଏସବୁ ହୋଇପାରୁନି। ନିର୍ବାଚନ ଜିତିବା ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଇ ଭୋଟ ପାଇଲା ପରେ ସେସବୁ ଭୁଲି ଯାଉଛନ୍ତି। ନିର୍ବାଚନରେ ନେତା ଓ ପାର୍ଟି ଜିତୁଛି, କିନ୍ତୁ ଜନତା ହାରି ଯାଉଛନ୍ତି। କିନ୍ତୁ ବିଆରଏସ ଚାହେଁ ନିର୍ବାଚନରେ ଜନତା ଜିତୁ। ତା ହିଁ ଗଣତନ୍ତ୍ର। ଦଳଗୁଡ଼ିକ ନିଜ କ୍ଷମତା ପାଇଁ ବା ରାଜନୀତିକ ଷଡ଼ଯନ୍ତ୍ରକାରୀମାନେ ନିର୍ବାଚନ ଜିତିବା ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି। ଯାହାକୁ ପରେ ପାଳନ କରନ୍ତି ନାହିଁ। ସେଥିପାଇଁ ବିଆରଏସ୍ ‘ଅବକି ବାର କିଷାନ ସରକାର’ର ସ୍ଲୋଗାନ ଦେଉଛି। ଚାଷୀମାନେ ହିଁ ନେତା ହେବେ, ଦେଶ ତଥା ରାଜ୍ୟର ଭାଗ୍ୟ ନିର୍ଦ୍ଧାରଣ କରିବେ। ସେ ନିଜ ରାଜ୍ୟ ତେଲେଙ୍ଗାନାର ଉଦାହରଣ ଦେଇ କହିଥିଲେ ଯେ, ମାତ୍ର ୮ବର୍ଷ ତଳେ ତେଲେଙ୍ଗାନାରେ ବି ପିଇବା ପାଣି, ଜଳସେଚନ ଓ ବିଦ୍ୟୁତ ସମସ୍ୟା ଥିଲା। କିନ୍ତୁ ଏବେ ରାଜ୍ୟର ଶତପ୍ରତିଶତ ଘରେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଯେଉଁ ୫୦% ଲୋକ ଦାଦନ ଖଟିବାକୁ ଯାଇଥିଲେ ସେମାନଙ୍କୁ ନିଜ ଘରକୁ ଫେରାଇ ଅଣାଯାଇ ପାରିଛି। ଚାଷୀ ଏଠାରେ ଆତ୍ମହତ୍ୟା କରୁନି। ତେଣୁ ଏସବୁ ସମ୍ଭବପର ହୋଇପାରିଛି କେବଳ ରାଜନୀତିକ ଇଚ୍ଛାଶକ୍ତି ଯୋଗୁ। ବିଭିନ୍ନ କାରଣରୁ ରାଜକୋଷର କ୍ଷତି ହେଲେ ତା’ର ଭରଣା ଜନତାଙ୍କଠୁ କରାଯାଉଛି, କିନ୍ତୁ ଫାଇଦା ହେଲେ ତାହା ଉଦ୍ୟୋଗପତିଙ୍କୁ ଦିଆଯାଉଛି। ତେଣୁ ଏସବୁରେ ପରିବର୍ତ୍ତନ ଆବଶ୍ୟକ। ଏବେ ତେଲେଙ୍ଗାନାରେ ଚାଲିଥିବା ଦଳିତ ବନ୍ଧୁ, ରାଇଥୁ ବନ୍ଧୁ ଆଦି ଯୋଜନାକୁ ସମଗ୍ର ଦେଶରେ ଲାଗୁ କରାଯିବ ବୋଲି ସେ କହିଛନ୍ତି। କେସିଆର ମଧ୍ୟ ଆସନ୍ତାକାଲି ପୁଣିଥରେ ଓଡ଼ିଶାରୁ ଯାଇଥିବା ନେତାମାନଙ୍କୁ ଭେଟିବା ସହ ତେଲେଙ୍ଗାନାର ବିକାଶ ମଡେଲକୁ ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। କେସିଆରଙ୍କ ଦଳ ଆଗାମୀ ସାଧାରଣ ନିର୍ବାଚନରେ ରାଜ୍ୟର ସମସ୍ତ ୧୪୭ ବିଧାନସଭା ଓ ୨୧ଟି ଲୋକସଭା ଆସନରେ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିବାବେଳେ ଦଳର ନିଜର ସଫଳ ତେଲେଙ୍ଗାନା ବିକାଶ ମଡେଲକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ଚାହିଁଛି। ଗୋଟିଏ ବିମାନ ଓ ୧୦ଟି ବସ୍ ପଠାଇ ଓଡ଼ିଶାରୁ ଲୋକଙ୍କୁ ନେଇ ବିଆରଏସରେ ସାମିଲ କରାଇବା ନିଷ୍ପତ୍ତି ମାଧ୍ୟମରେ ଓଡ଼ିଶା ତାଙ୍କ ଫୋକସରେ ବୋଲି କେସିଆର ସନ୍ଦେଶ ଦେଇଛନ୍ତି। ଏହାସହିତ ଓଡ଼ିଶାରେ ଦୃଢ଼ ବିରୋଧୀ ଦଳର ବିକଳ୍ପ ଭାବେ ଉଭା ହୋଇ ଶାସକ ବିଜେଡିକୁ କଡ଼ା ଟକ୍କର ଦେବା ନିମନ୍ତେ ଆସନ୍ତା ଏପ୍ରିଲ ମାସରେ କେସିଆରଙ୍କ ଉପସ୍ଥିତିରେ ଏକ ବିଶାଳ ସମାବେଶ ଭୁବନେଶ୍ୱରରେ କରିବା ନିମନ୍ତେ ମଧ୍ୟ ଲକ୍ଷ୍ୟ ରହିଥିବା ଜଣାପଡ଼ିଛି।

# ଯୁବ ସାମ୍ବାଦିକ ଶରତ ପରିଡ଼ା ସମ୍ବର୍ଦ୍ଧିତ



**ଭୁବନେଶ୍ୱର :** ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ,ସମରକାନ୍ତି ସେନା ପକ୍ଷରୁ ଭୁବନେଶ୍ୱର ସ୍ଥିତ କେଶରୀ ହୋଟେଲ ପରିସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୭ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଉଦଘାଟନ କରି ନିଜ ଅଭିଭାଷଣରେ କହିଥିଲେ ଯେ ନେତାଜୀଙ୍କ ତ୍ୟାଗର ପଟାନ୍ତର ନାହିଁ। ଏହି ଦିବସକୁ ପରାକ୍ରମ ଦିବସ ଭାବେ ପାଳନ କରାଯାଉଥିବାରୁ ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ପ୍ରଶାସକ (ଆଇ.ଏସ୍.ଏସ୍) ବିଜୟ କୁମାର ପଟ୍ଟନାୟକ ଯୋଗଦେଇ କହିଥିଲେ ନେତାଜୀଙ୍କ ଆଦର୍ଶ, ତ୍ୟାଗ, ସାହାସ୍ ପରାକ୍ରମ ଭବିଷ୍ୟତ ବଂଶଧରମାନେ ଭଲ ଭାବରେ ଜାଣିବାର ଆବଶ୍ୟକତା ରହିଛି। ପାଠ୍ୟପୁସ୍ତକ ରେ ନେତାଜୀଙ୍କ ବିଷୟରେ ବିଧିବଦ୍ଧ ଭାବରେ ତାଙ୍କର ସଂଗ୍ରାମ ଇତିହାସ ପଢ଼ାଯିବା ଆବଶ୍ୟକତା ବୋଲି ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ କୃଷି ପରାମର୍ଶ ଦାତା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ନେତାଜୀଙ୍କ ସଂଗ୍ରାମ ଯୋଗୁଁ ବ୍ରିଟିଶ୍ ମାନେ ଏକପ୍ରକାର ଭାରତ ଛାଡ଼ି ବାକୁ ବାଧ ହୋଇଥିଲେ। ଗାନ୍ଧିଜୀଙ୍କ ତ୍ୟାଗ ନେତାଜୀଙ୍କ ସଂଗ୍ରାମ ଭାରତକୁ ସ୍ୱାଧୀନତା ଆଣିଥିଲା। ପରିଶେଷରେ ଯୁବ ସାମ୍ବାଦିକ ତଥା ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ଶରତ କୁମାର ପରିଡ଼ାଙ୍କୁ ସୁବାଷ ବୋଷ ଷ୍ଟେଟ୍ ମୋମରିଆଲ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଅପରପକ୍ଷରେ ଯାଜପୁର ଜିଲ୍ଲାର ଅବକାରୀ ଅଧିକ୍ଷକ ଅମରେନ୍ଦ୍ର ଜେନା,ଏହି ରତ୍ନାକର ଦଳାଇ,ଏମ୍ ଶ୍ରୀନିବାସ, ଅତିରିକ୍ତ ତହସିଲଦାର ଗୋପ ଶରତ କୁମାର ପରିଡ଼ା, ମାନ୍ୟବର ହାଇକୋର୍ଟ ର ବରିଷ୍ଠ ଆଇନଜୀବି ଅକ୍ଷୟ କୁମାର ମହାନ୍ତି ତଥା ଅସ୍ତରଙ୍ଗ ବ୍ଲକର ଅତିରିକ୍ତ ପଶୁ ଚିକିତ୍ସା ଅଧିକାରୀ ଡ଼ଃ ରାଜେଶ ମହାପାତ୍ର, ପ୍ରମୋଦ ପରିଡ଼ା, ପ୍ରଶାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ହୋଇଥିଲେ। ପ୍ରାରମ୍ଭରେ ଓୟୁଡବ୍ଲୁଜେର ରାଜ୍ୟ ସଭାପତି ତଥା ସମ୍ପକାର ସୁଜ୍ଞାନ ଚୌଧୁରୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପବିତ୍ର କୁମାର ପାତ୍ର ବିବରଣୀ ପାଠ କରିଥିଲେ।

# କଳାହାଣ୍ଡିର ପଚ୍ଚାୟତ ସାହୁ ପାଇବେ ପଦ୍ମଶ୍ରୀ

**ଭବାନୀପାଟଣା :** ଚର୍ଚ୍ଚାରେ ପୁଣି କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ନାନ୍ଦୋଲ ଗ୍ରାମର ପଚ୍ଚାୟତ ସାହୁ। ଗତ କିଛିମାସ ତଳେ ନିଜ ଦେଢ଼ ଏକର ଜାଗାରେ ୨୫ ଶହରୁ ଊର୍ଦ୍ଧ୍ୱ ଔଷଧୀୟ ଗଛ ଲଗାଇ ଚର୍ଚ୍ଚାକୁ ଆସିଥିଲେ। ଏପରିକି ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମନ କି ବାତ କାର୍ଯ୍ୟକ୍ରମରେ ସାହୁଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯାହାକି ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। ବର୍ତ୍ତମାନ ପଚ୍ଚାୟତ ସାହୁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଏହାକୁ ନେଇ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଏପରିକି କଳାହାଣ୍ଡି ଜିଲ୍ଲାରେ ସେ ପ୍ରଥମ କରି



ପଦ୍ମଶ୍ରୀ ପାଉଥିବାରୁ ଏହାକୁ ନେଇ ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପ୍ରଭୁ ଗୋରେଖନାଥ ପୀଠରେ ପୂଜ୍ୟ ପୂଜାର ପରମ୍ପରା ଦ୍ୱିତୀୟ ବର୍ଷ ପାଳିତ

**ଭୁବନେଶ୍ୱର :** ଭାରତର ପ୍ରସିଦ୍ଧ ଶୈବ ପୀଠ ମଧ୍ୟରୁ ଗୋରେଖନାଥ ପୀଠ ଇତିହାସ ମଣ୍ଡିତ। ଯାହାକି ଜଗତସିଂହପୁର ଜିଲ୍ଲା ପାଇଁ ଗର୍ବ ଆଉ ଗୌରବର ପ୍ରତୀକ। କେଉଁ ଆଦିମ କାଳରୁ ଏଠାରେ ଶୈବ ରୀତି ନୀତି ଅନୁଯାୟୀ ପୂଜା ପାର୍ବଣ ଚଳିଆସୁଛି। ଏ ବର୍ଷ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ୧୯୯୨ ବ୍ୟାଚର ଏକ ପୂଜ୍ୟ ପୂଜାର ବଂଧୁ ମିଳନ ଉକ୍ତ ପୀଠରେ ସଂପନ୍ନ ହୋଇଯାଇଛି। ଏଥିରେ ସର୍ବଶ୍ରୀ ଅଜିତ କୁମାର ଭୋଇ, ଫନୀନ୍ଦ୍ର ପ୍ରସାଦ ଶତପଥୀ, ରବୀନ୍ଦ୍ର ଦିକ୍ଷୀତ, ଅକ୍ଷୟ କୁମାର ରାଉତ, ସସ୍ମିତା ସାହୁ, ତମସକ୍ଷ ସ୍ୱାଇଁ, ନଳିନୀ ନାୟକ, ରେଣୁକା ଆଚାର୍ଯ୍ୟ, କଳ୍ପନା ପଣ୍ଡା,ବନ୍ଦନା ପତି, ସୁନନ୍ଦା ଦାସ, ସଂଧ୍ୟା ରାଣୀ ଦାଶ, ମନୋରମକ୍ଷ ମହାନ୍ତି, ଖୁସୀ , ବିଭୁତି ଦାଶ, ସୁବାଷ ନାୟକ, ସନନ୍ଦ ପରିଡା, ଅନନ୍ତ ନାରାୟଣ ଚୌଧୁରୀ, ବିକ୍ରମ କେଶରୀ ନାୟକ, ବିଶ୍ୱନାଥ ଗିରି, ଖୁସୀ ଦାଶ,ନିରୁପମା ମିଶ୍ର, ଅରଜିତ କୁମାର ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ, ଶାରଦା ପରିଡ଼ା, ଆଲୋକ ଜେନା, ସୁଧାଂଶୁ ପଣ୍ଡା, ଚନ୍ଦ୍ରକାନ୍ତ ପରିଜା, ଧରଣୀଧର ଜେନା, ଅମୁଲ୍ୟ ଲେଙ୍କା, ଚୈତନ୍ୟ ଚରଣ ସ୍ୱାଇଁ, କିଶୋର ଚନ୍ଦ୍ର ଲେଙ୍କା, ହିମାଂଶୁ ରାୟ,ଶ୍ରୀଚରଣ ଦାସ, ପ୍ରହ୍ଲାଦ ଦାସ, ଦୁଃଖିଶ୍ୟାମ ମିଶ୍ର, ସରୋଜ ସାହୁ, ସୁମନ୍ତ ସାହୁ, ଅମ୍ବିକା ଚାନ୍ଦ, ଦିଲ୍ଲୀପ ପାଢ଼ୀ, ପ୍ରଭାତ ମହାପାତ୍ର, ସୁକାନ୍ତ ଦାଶ, ତ୍ରିଲୋଚନ ସାହୁ, ଭୁବନାନନ୍ଦ ପଢ଼ିହକ୍ଷରୀ, ଶୁଭାଂଶୁ କୁମାର ମହାନ୍ତି, ପ୍ରୀୟ ରଂଜନ ମହାନ୍ତି, ସଞ୍ଜୟ କୁମାର ବିଶ୍ୱାଳ, ଶରତ କୁମାର ସ୍ୱାଇଁ, ମନୋଜ ଦାଶ, ମନୋଜ କୁମାର ଦଳାଇ,ପ୍ରଶାନ୍ତ ଭୋଇ, ବିଶ୍ୱନାଥ ପଣ୍ଡା, ସନ୍ଦୀପ ରାୟ,ଦେବଦର୍ଷୀ ରାୟ, ପଞ୍ଚାନନ ଦାସ, ନଗେନ ସ୍ୱାଇଁ ରାମଚଂଦ୍ର ମିଶ୍ର, ପ୍ରହ୍ଲାଦ କୁମାର ଦାସ, ରାଜା ମିଶ୍ର ଓ ଅନ୍ୟମାନେ ପ୍ରତ୍ୟେକ୍ଷ ଭାବରେ ଯୋଗଦାନ କରି, ଗୋରେଖନାଥ ମହକ୍ଷରାଜ ପୂଜନ, ଦିବଂଗତ ମାନଂକୁ ଶ୍ରଦ୍ଧାଞ୍ଜଳୀ ଇତ୍ୟାଦି ସୂଚାରୁରୂପେ ବ୍ୟବସ୍ଥିତ ହୋଇଥିଲା।

# ଶ୍ରୀକ୍ରିଷ୍ଣା ଇଣ୍ଟର ନ୍ୟାସନାଲ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ




**ଭୁବନେଶ୍ୱର:** ଶ୍ରୀକ୍ରିଷ୍ଣା ଇଣ୍ଟର ନ୍ୟାସନାଲ ସ୍କୁଲରେ ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା ଓ ବକୁଳବନ ଶିଶୁ ଉଦ୍ୟାନ ଉଦଘାଟନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରର ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଡକଟର ପ୍ରସନ୍ନ ପାଟ୍ଟଶାଣୀ, ସମାଜସେବୀ ଋଷି ପଟ୍ଟନାୟକ, ଶିକ୍ଷାବିତ ଜଲିଲ ଖାଁ, ସମାଜସେବୀ ଆଶିଷ କୁମାର ଯୋଗ ଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ପବିତ୍ର ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ବିଦ୍ୟାଳୟର ଅଧ୍ୟକ୍ଷା ନମ୍ରତା ସିଂ ସାଧାରଣତନ୍ତ୍ର ଦିବସ ପାଳନର ଗୁରୁତ୍ୱକୁ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ଦେଶର ସୁନାଗରିକ ଭାବରେ ଗଢି ତୋଳିବା ପାଇ ଉଦ୍‌ବୋଧନ ଦେଇଥିଲେ। ସମାଜସେବୀ ଋଷି ପଟ୍ଟନାୟକ ପିଲାମାନଙ୍କୁ ଆଜିର ନାଗରିକ କାଲିର ଭବିଷ୍ୟତ ଏହା ଉପରେ ଗୁରୁତ୍ୱ ରଖି ଅଭିଭାବକ ଓ ଶିକ୍ଷକ ମାନେ ଏହି ଛୋଟ ଛୋଟ ଫୁଲ କଢ଼ିକୁ ପ୍ରସ୍ଫୁଟିତ କରିବାରେ ଗୁରୁତ୍ୱ ଭୂମିକା ଲିଭାଇବେ ବୋଲି ମତ ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ପବିତ୍ର ରାଉତରାୟ ପିଲାମାନଙ୍କୁ ସାଂସ୍କାର, ସାଂସ୍କୃତି, ଶୃଙ୍ଖଳା ଓ ଯୁଗ ଉପଯୋଗୀ ଛାତ୍ର ଟିଏ ଭାବେ ନିଜକୁ ଗଢି ତୋଳିବା ପାଇଁ ଉପଦେଶ ଦେଇଥିଲେ। ସ୍କୁଲ ପରିସରରେ ଗଢି ଉଠିଥିବା ବକୁଳ ବନ ଶିଶୁ ଉଦ୍ୟାନ୍‌ର ଉଦଘାଟନ ସମୟରେ କୁନିକୁନି ଛାତ୍ରଛାତ୍ରୀ ମାନେ ସାଂଗୀତ ପରିବେଷଣ କରି ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଶିଶୁ ଉଦ୍ୟାନର କୁନିକୁନି ପିଲାମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଖେଳ ଉପକରଣମାନ ପ୍ରତିଷ୍ଠା କରାଯାଇଥିଲା। ପିଲାମାନେ ଏହି ଉଦ୍ୟାନରେ କିଛି ମୁହୂର୍ତ୍ତ ପାଇଁ ନିଜକୁ ଖେଳ ଉପକରଣ ମଧ୍ୟରେ ଜାଇ ଦେଇଥିଲେ। ପରିଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ କବିନ୍ଦ୍ର ଦାଶ ଉପସ୍ଥିତ ସମସ୍ତ ଅତିଥି, ଅଭିଭାବକ ଓ ସମସ୍ତ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ।



ଶେଖ ଫରିଦ୍‌ଉଦ୍ଦିନ

# ଫେରିଛି ଡକୋଟା





ଡାକୋଟା ଓଡ଼ିଶାର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଏହି ନାଁଟି ସହ ସମସ୍ତେ ପ୍ରାୟ ପରିଚିତ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହ ଡାକୋଟା ବିମାନର ଗୌରବମୟ ଗାଥା ବେଶ ରୋମାଞ୍ଚକ। ସେ କାହାଣୀ ଶୁଣିଲେ ଜଣେ ଓଡ଼ିଆ ଭାବେ ଗର୍ବରେ ଛାତି ଫୁଲିଉଠେ। ଇଣ୍ଡୋନେସିଆର ମୁକ୍ତି ସଂଗ୍ରାମ ହେଉ ଅଥବା ଶ୍ରୀନଗରରେ ଭାରତୀୟ ସେନା ବାହିନୀକୁ ଅବତରଣ ପ୍ରତ୍ୟେକ ଘଟଣାରେ ବିଜୁ ବାବୁଙ୍କ ପ୍ରିୟ ସାଥୀ ଥିଲା ଡାକୋଟା। ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ ଭଳି ଡାକୋଟାର ବିଜୟ ଗାଥା ଖୁବ ଲମ୍ବା। ସେହି ଆଜନ୍ମ ଦୁଃସାହାସୀ ବିଜୁ ବାବୁଙ୍କ ସେହି ପ୍ରିୟ ଡାକୋଟା ଓଡ଼ିଶା ଫେରୁଛି। ବିଜୁ ବାବୁଙ୍କୁ 'ଲର୍ଡ଼ ଅଫ ସ୍କାଏ' କୁହାଯାଉଥିବା ବେଳେ ଡାକୋଟା ହେଉଛି ସେହି ଚଳନ୍ତି କାହାଣୀର ମୁକସାକ୍ଷୀ।

**ସଂକ୍ଷେପରେ ଡାକୋଟା :** ଡିସି-୩ (ଡକୋଟା) ହେଉଛି ଏକ ସ୍ଥିର ୱିଙ୍ଗ ପ୍ରୋପେଲର ଚାଳିତ ବିମାନ ଯାହା ଡଗଲାସ ଏୟାରକ୍ରାଫ୍ଟ କମ୍ପାନୀ ଦ୍ୱାରା ଡିଜାଇନ ଓ ଉତ୍ପାଦିତ ହୋଇଛି। ଡଗଲାସ କମ୍ପାନୀ ଏହାର ପ୍ରଥମ ବିମାନ ୧୯୩୫ ମସିହା ଡିସେମ୍ବର ୧୭ ତାରିଖରେ ନିର୍ମାଣ କରିଥିଲା। ୨ଟି ପ୍ରାଟ ଓ ହ୍ୱିଟନୀ ପିଷ୍ଟନ ଇଞ୍ଜିନ ସଂଯୁକ୍ତ ହୋଇଥିବାବେଳେ ଏହାର କ୍ରୁଜ ବେଗ ୩୩୩ କିଲୋମିଟର ଓ ରେଞ୍ଜ ୨୪୦୦ କିଲୋମିଟର ଓ ଭାରି ବହନ କ୍ଷମତା ଥିଲା ୨୭ଶହ କେଜି। ସର୍ବାଧିକ ୩୨ ଜଣ ପାସେଞ୍ଜର ଏହି ଡାକୋଟାରେ ଯାତ୍ରା କରିପାରିବାର ଦକ୍ଷତା ଥିଲା। ଏହାର ଗତି ପରିସର ଓ କାର୍ଯ୍ୟ ଅର୍ଥବ୍ୟବସ୍ଥା ଏତେ ଆଶ୍ଚର୍ଯ୍ୟଜନକ ଥିଲା ଯେ ୧୯୩୮ ଶେଷ ପର୍ଯ୍ୟନ୍ତ ଆମେରିକାରର ସମସ୍ତ ବାଣିଜ୍ୟିକ ଯାତାୟାତ ଡାକୋଟା ମାଧ୍ୟମରେ କରାଯାଉଥିଲା। ଯୁଦ୍ଧରେ ଡାକୋଟାର ବ୍ୟବହାର ସାରା ବିଶ୍ୱ କରିବାରେ ଲାଗିଲା। ୧୯୪୦ ସୁଦ୍ଧା ଡାକୋଟା ବିଶ୍ୱ ବଜାରର ନବେ ଭାଗ ଦଖଲ କରିନେଲା। ସେହିଭଳି ଭାରତ ସ୍ୱାଧୀନତା ପରେ ଡାକୋଟା ଯୁଦ୍ଧ ବିମାନ ହାସଲ କରିଥିଲା। କାଶ୍ମୀର ଭାରତ ଅଂଶ ହେବା ପରେ ପାକିସ୍ତାନ ସୀମାରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିଲା। ସେତେବେଳେ ପ୍ରଥମ ଥର ଭାରତ ସରକାର ଡାକୋଟାର ବ୍ୟବହାର ହୋଇଥିଲା। ୭ଟି ଡାକୋଟା ବ୍ୟବହାର କରି ଭାରତ ସେନା ଯୁଦ୍ଧ ଲଢ଼ିଥିଲା। ତେବେ ୧୯୪୬ରେ ଉତ୍ପାଦନ ବନ୍ଦ ହେବା ପୂର୍ବରୁ ଏହାର ପ୍ରାୟ ୧୦ ହଜାର ସାମରିକ ଶ୍ରେଣୀର ବିମାନ ନିର୍ମାଣ ସରିଥିଲା। ସେହିପରି ଜାପାନ ଏବଂ ସୋଭିଏତ ୟୁନିୟନ ବିନା ଲାଇସେନ୍ସରେ ଏହି ଶ୍ରେଣୀର ପ୍ରାୟ ୨୦୦୦ ବିମାନ ନିର୍ମାଣ କରିଥିଲା। ଭାରତରେ ରୟାଲ ଏୟାରଫୋର୍ସରେ ପ୍ରାୟ ୧୯୦୦ରୁ ଅଧିକ ଡାକୋଟା ବିମାନ କାର୍ଯ୍ୟକ୍ଷମ ଥିଲା। ୧୯୫୦ ମସିହା ବେଳକୁ ରୟାଲ ଏୟାରଫୋର୍ସର ବହୁ ସଂଖ୍ୟକ ଡାକୋଟା ବିମାନ ପ୍ରାୟତଃ ସେବା ନିବୃତ୍ତ କିମ୍ବା ବିକ୍ରି ହୋଇସାରିଥିଲା। ୧୯୭୦ କାର୍ଯ୍ୟକ୍ଷମ ଥିବା ଶେଷ ଡାକୋଟା ବିମାନଟି ସେବାରୁ ନିବୃତ୍ତ ହୋଇଥିଲା।

**ଓଡ଼ିଶା ଫେରାଇ ଆଣିବା ପାଇଁ ପାଞ୍ଚ ବର୍ଷର ସଂଘର୍ଷ :** ବିଜୁ ବାବୁଙ୍କ ଦୁର୍ଦ୍ଧର୍ଷ ବୀରତ୍ୱର କାହାଣୀକୁ ପୁନର୍ଜୀବିତ କରିବା ଲକ୍ଷ୍ୟରେ ଡାକୋଟା ବିମାନକୁ କୋଲକାତାରୁ ଆଣିବା ପାଇଁ ରାଜ୍ୟ ସରକାର ୨୦୧୭ ମସିହାରେ ଉଦ୍ୟମ ଆରମ୍ଭ କରିଥିଲେ। ଡାକୋଟାକୁ ଓଡ଼ିଶା ଫେରାଇ ଆଣିବା ପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣର ଅନୁମତି ଆବଶ୍ୟକ ଜରୁରୀ ଥିଲା।

**ଝଲକ ପାଇବେ ଦୁଇ ରାଜ୍ୟର ଲୋକେ :** ଜାତୀୟ ରାଜପଥ ଦେଇ ବଡ଼ ଟ୍ରେଲର ଜରିଆରେ ଡାକୋଟା ବିମାନକୁ ଭୁବନେଶ୍ୱର ଅଣାଯିବ। ବିମାନ ଯାତ୍ରା ଆରମ୍ଭ କରିବା ସମୟରେ ପଶ୍ଚିମବଙ୍ଗ ପୁଲିସ ଏସକର୍ଟ ପ୍ରଦାନ କରିବ। ଓଡ଼ିଶା ସୀମାରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ବିମାନକୁ ଏସକର୍ଟ କରି ଭୁବନେଶ୍ୱର ପର୍ଯ୍ୟନ୍ତ ଆଣିବ।

**ବିଦେଶୀ ଅତିଥି ଦେଖିବେ ବୀରତ୍ୱର ପ୍ରତୀକ :** ଆସନ୍ତା ୧୮ ତାରିଖ ସୁଦ୍ଧା ଡାକୋଟା ବିମାନ ଭୁବନେଶ୍ୱରରେ ପହଞ୍ଚିବାର ସମ୍ଭାବନା ଅଛି। ଏହାକୁ ପ୍ରଦର୍ଶନ କରିବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଟର୍ମିନାଲ-୧ ସମ୍ମୁଖରେ ୧.୧ ଏକର ଜମି ଚିହ୍ନଟ କରାଯାଇଛି। ଓଡ଼ିଶା ସରକାର ଏଠାରେ ଏକ ସୁଦୃଶ୍ୟ ପ୍ଲାଟଫର୍ମ ନିର୍ମାଣ କରିବେ ଯେଉଁଠାରେ ଡାକୋଟା ଶୋଭା ପାଇବ।

**କୋଲକାତାରେ କେମିତି ପହଞ୍ଚିଲା ଡକୋଟା :** ବିଜୁ ବାବୁଙ୍କ ଅତିପ୍ରିୟ ଡାକୋଟା ବିମାନ ବିଭିନ୍ନ ଯୁଦ୍ଧରେ ସଫଳତାର ସହ ଲଢ଼େଇ କରିଛି। ଅନେକ ବର୍ଷ ପର୍ଯ୍ୟନ୍ତ ଏହି ବିମାନ ବ୍ୟବହାର ହୋଇଥିଲା। କଳିଙ୍ଗ ଏୟାର ଲାଇନ୍ସର ଏହା ୧୮ଟି ବିମାନ ମଧ୍ୟରୁ ଅନ୍ୟତମ ଥିଲା। କୋଲାକାତା ବିମାନବନ୍ଦରକୁ ଏହାର ବେସ ଷ୍ଟେସନ ଭାବେ ବ୍ୟବହାର କରାଯାଉଥିଲା। ତେବେ ୧୯୫୩ ମସିହାରେ କଳିଙ୍ଗ ଏୟାର ଲାଇନ୍ସ ଇଣ୍ଡିଆନ ଏୟାର ଲାଇନ୍ସ ସହିତ ମିଶିଯିବା ପରେ ବିମାନଟି ଆଉ ବ୍ୟବହାର ହୋଇନଥିଲା। ଏହା ପରଠାରୁ ବିମାନଟି କୋଲକାତା ବିମାନ ବନ୍ଦରରେ ରହିଛି।

**ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାର :** ବ୍ରିଟେନ ଓ ଡଚ ଉପନିବେଶବାଦ ନୀତିକୁ ବିରୋଧ କରି ଗୃହବନ୍ଦୀ ଇଣ୍ଡୋନେସିଆର ତତ୍କାଳୀନ ଉପରାଷ୍ଟ୍ରପତି ମହମ୍ମଦ ହତ୍ତା ଓ ପ୍ରଧାନମନ୍ତ୍ରୀ ସୁତାନ ସହରିରଙ୍କ ଉଦ୍ଧାର ଦାୟିତ୍ୱ ନେଇଥିଲେ ବିଜୁବାବୁ। ଏହା ପରେ ବିଜୁ ବାବୁ ନିଜର ଡିସି-୩ ଡାକୋଟା ବିମାନ ଧରି ଇଣ୍ଡେନେସିଆ ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ।

**ଦକ୍ଷତା ବଳରେ ଜିତିଥିଲେ ଭରସା :** ଇଣ୍ଡୋନେସିଆକୁ ଦୁଃସାହାସିକ ଯାତ୍ରା ପୂର୍ବରୁ ୧୯୪୧ ମସିହାରେ ୟାଙ୍ଗୋନରେ ଫସି ରହିଥିବା ଅନେକ ବ୍ରିଟିଶ ପରିବାରକୁ ଉଦ୍ଧାର କରିଥିଲେ। ସେହିଭଳି ଦୁର୍ଗମ ହିମାଳୟ ପର୍ବତମାଳାର ନିକଟରେ ଦେଶ ଅନେର ଅପରେସନର ଅଂଶବିଶେଷ ହୋଇସାରିଥିଲେ। ଏପରିକି ଦେଶ ପ୍ରତିନିଧିତ୍ୱ କରି ଚାଇନା କ୍ରାନ୍ତିକାରୀ ମାନଙ୍କୁ ସହଯୋଗ କରିବା ପାଇଁ ସେ ହିମାଳୟରେ ପହଞ୍ଚି ଯୋଗସୂତ୍ର ସ୍ଥାପନ କରୁଥିଲେ। ତେଣୁ ବିଜୁ ବାବୁଙ୍କ ଦକ୍ଷତା ଉପରେ ନେହେରୁଙ୍କର ଅଖଣ୍ଡ ବିଶ୍ୱାସ ରହିଥିବା ବେଳେ ଇଣ୍ଡୋନେସିଆରେ ଉଦ୍ଧାର କାର୍ଯ୍ୟ ନେହେରୁ ପ୍ରଥମେ ତାଙ୍କୁ ମନେ ପକାଇଥିଲେ।



**ଶତ୍ରୁର ନିଦ ହଜାଇ ଦେଇଥିଲା ଡକୋଟା :** ଆମେରିକାରେ ନିର୍ମିତ ସି-୪୭ ଡାକୋଟା ବିମାନ ବହୁ ପ୍ରତିଭାର ଅଧିକାରୀ ଥିଲା। ୨ୟ ବିଶ୍ୱଯୁଦ୍ଧ ସମୟରେ ବିଜୁ ବାବୁଙ୍କର ଡାକୋଟା ବିମାନ ପ୍ରତିପକ୍ଷର ଶତ୍ରୁର ନିଦ ହଜାଇ ଦେଇଥିଲା।

**ଭୂମିପୁତ୍ର ପାଲଟିଲେ ବିଜୁ :** ଡକୋଟା ଯୋଗେ ଇଣ୍ଡୋନେସିଆର ଦୁଇ ପ୍ରମୁଖ ନେତା ଭାରତ ଆସିବା ପରେ ବିଶ୍ୱର ନଜର ଇଣ୍ଡୋନେସିଆ ସ୍ୱାଧୀନତା ପାଇଁ କରୁଥିବା ସଂଘର୍ଷ ଉପରେ ପଡ଼ିଲା। ଭାରତର ଇଣ୍ଡୋନେସିଆକୁ ଏହି ଅଭୁତପୂର୍ବ ସହାୟତା ସେ ସମୟରେ ବିଶ୍ୱରେ ଏକ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲା। ଏହାପରେ ୧୯୪୯ ମସିହା ଡିସେମ୍ବର ୨୭ ତାରିଖରେ ଇଣ୍ଡୋନେସିଆ ଓ ଡଚ ମଧ୍ୟରେ ହୋଇଥିବା ରାଜିନାମା ଆଧାରରେ ଇଣ୍ଡୋନେସିଆ ସ୍ୱତନ୍ତ୍ର ହେଲା। ଏହି ସ୍ୱାଧୀନତାକୁ ୭୨ ବର୍ଷ ପୂରଣ ହୋଇସାରିଥିଲେ ମଧ୍ୟ ଭାରତ ଓ ବିଜୁଙ୍କ ପ୍ରତି ଇଣ୍ଡୋନେସିଆର ଆନୁଗତ୍ୟ ବଜାୟ ରହିଛି। ବିଜୁଙ୍କ ଅବଦାନକୁ ଚିରଦିନ ଧରି ମନେରଖିବା ପାଇଁ ୧୯୫୦ରେ ବିଜୁ ପଟ୍ଟନାୟକଙ୍କୁ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ଫ୍ଲାଇଂ କ୍ଲବ :** ଏକାଧାରାରେ ବିଚକ୍ଷଣ ରାଜନେତା, ସ୍ୱାଧୀନତା ସଂଗ୍ରାମୀ ସହ ବିଜୁ ବାବୁ ଜଣେ ବିଚକ୍ଷଣ ଏବଂ ଦୁର୍ଦ୍ଧର୍ଷ ବିମାନ ଚାଳକ ଥିଲେ। କାଶ୍ମୀର ଏବଂ ଇଣ୍ଡୋନେସିଆ ଅଭିଯାନ ବୈମାନିକ ଭାବେ ତାଙ୍କର ଅଦ୍ଭୁତ ଏବଂ ଅନନ୍ୟ ଚାତୁରୀକୁ ପ୍ରତିପାଦିତ କରିଥାଏ। ତେବେ ରାଜ୍ୟରେ ଫ୍ଲାଇଙ୍ଗ କ୍ଲବର ମୂଳଦୁଆ ପଡ଼ିବାରେ ବିଜୁବାବୁଙ୍କ ଅନନ୍ୟ ଭୂମିକା ରହିଥିଲା। ସେତେବେଳେ ବିଧାନସଭାରେ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ଥାଆନ୍ତି। ବିଜୁବାବୁ ମହତାବଙ୍କୁ କହିଲେ ଯେ ଓଡ଼ିଶା ଫ୍ଲାଇଙ୍ଗ କ୍ଲବ ଗଠିତ ହେଲେ ରାଜ୍ୟର ଆଗ୍ରହୀ ଯୁବକମାନେ ବିମାନ ସେବା କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାର ସୁଯୋଗ ପାଇବେ। ତେବେ ରାଜ୍ୟରେ ଫ୍ଲାଇଙ୍ଗ କ୍ଲବ ପ୍ରତିଷ୍ଠା ପାଇଁ ବିମାନ ଯୋଗାଡ଼ କରିବା କଷ୍ଟକର ବ୍ୟାପାର ଥିଲା। ବିଜୁବାବୁ ଏ ନେଇ ସରକାରଙ୍କୁ ପ୍ରସ୍ତାବ ଦେଇ କହିଲେ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅନେକ ବିଦେଶୀ ଫାଇଟର ଓ କାର୍ଗୋ ବିମାନ ଦେଶର ବିଭିନ୍ନ ଏୟାର ବେସରେ ପଡ଼ି ଖତ ଖାଉଛି। ତା ଭିତରୁ କିଛି ବିମାନକୁ ସ୍ୱଳ୍ପ ଦରରେ କିଣି ଅଣାଯାଇପାରିବ। ଏପରିକି ସବୁ ଦାୟିତ୍ୱ ନିଜ ଉପରକୁ ନେଇ ବିଜୁ ବାବୁ କହିଥିଲେ ଯେ କେବଳ ବିମାନ କିଣାଜନିତ ନିବେଶ ଛଡ଼ା ରାଜ୍ୟ ସରକାରଙ୍କୁ ଆଉ କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ତେଣୁ ବିମାନ ତାଲିମ ବେଳେ ଯଦି କୌଣସି ପ୍ରକାର କ୍ଷୟକ୍ଷତି ବା ଦୁର୍ଘଟଣା ଘଟେ ନିଜେ ତାର ସମସ୍ତ ଦାୟିତ୍ୱ ନେବା ସହ କ୍ଷତି ଭରଣା କରିବାକୁ ବିଜୁବାବୁ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଇଠି ବିଜୁଙ୍କ ଓଡ଼ିଶା ଫ୍ଲାଇଙ୍ଗ କ୍ଲବ ସ୍ୱପ୍ନ ସତରେ ପରିଣତ ହେବା ସହ ୧୯୪୬ ମସିହା ସେପ୍ଟେମ୍ବର ୧୪ରେ ଫ୍ଲାଇଙ୍ଗ କ୍ଲବ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବିଜୁ ବାବୁଙ୍କ ପରାମର୍ଶ ଏବଂ ପ୍ରତ୍ୟେକ୍ଷ ସହଯୋଗ ନେଇ ମାତ୍ର ୬୫ ହଜାର ଟଙ୍କା ଖର୍ଚ୍ଚ କରି ୫ଟି ବିମାନ କିଣିଥିଲେ। ଉକ୍ତ ୫ ବିମାନ ମଧ୍ୟରୁ ଏକ ୨୮ ସିଟର ଡବଲ ଇଞ୍ଜିନ ଥିବା ଡାକୋଟା ବିମାନ ମଧ୍ୟ ଥିଲା। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରଥମ ଦଫାରେ ମୋଟ ୩୬ଜଣ ଟ୍ରେନିଂ ନେଇଥିଲେ। ତେବେ ବିମାନଗୁଡ଼ିକ କିଣାଯିବା ସମୟରେ ଏହା ଉଡାଣ କରିବା ସ୍ଥିତିରେ ନଥିଲା। ଏହି ଡାକୋଟା ବିମାନଟି ପ୍ରସ୍ତୁତ ହୋଇଯିବା ପରେ ଭାରତରେ ତାହାର ରେଜିଷ୍ଟ୍ରେସନ କରାଯାଇଥିଲା। ଏହାର ରେଜିଷ୍ଟ୍ରେସନ ନମ୍ବର ଥିଲା ଭିଟି-ସିଏଲଏ/ ୧୯୪୭।

*ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ*
*ଦୂରଭାଷ : ୯୪୩୭୦୦୪୮୮୮*





# ରାୟଗଡାକୁ ଶ୍ରେଷ୍ଠତମ ଜିଲ୍ଲା ଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ : ଜିଲ୍ଲାପାଳ

**ରାୟଗଡା :** ରାୟଗଡା ଜିଲ୍ଲା ସଦର ମହକୁମାରେ ସରକାରୀ ଜମିର ଅଭାବ ହେତୁ ଅନେକ ଉନ୍ନତୀ ମୂଳକ କାମ ହୋଇ ପାରୁନଥିଲା। ଜୟପୁର ସୁଗାର କମ୍ପାନୀ ସହ ଦୀର୍ଘ ବର୍ଷର ଆଇନଗତ ଲଢେଇ ପରେ ୫୬୦ଏକର ଜମି ସରକାର ଖାତାକୁ ଫେରିଆସିଛି। ଆମ ଜିଲ୍ଲା ପାଇଁ ଏହା ଏକ ସଫଳତା। ଏହି ଫେରିଥିବା ଜମିରେ ବାକି ରହିଥିବା ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରିପାରିବା। ରାୟଗଡା ସହରକୁ ତଥା ଜିଲ୍ଲାକୁ ଏକ ନୂଆ ଦିଶା ତଥା ନିର୍ଦ୍ଦେଶ ଦେଇ ପାରିବା ବୋଲି ରାୟଗଡା ଜିଲ୍ଲା ସଦର ମହକୁମାର ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଆୟୋଜିତ ୭୪ତମ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇଥିଲେ ରାୟଗଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ। ରାୟଗଡା ଜିଲ୍ଲାର ବିକାଶ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ବାସଗୃହ, ସାମାଜିକ ନ୍ୟାୟ ଆଦି କ୍ଷେତ୍ରରେ ବିଶେଷ ଦୃଷ୍ଟି ରଖି କାର୍ଯ୍ୟ କରୁଛନ୍ତି। ରାଜ୍ୟ ଖାଦ୍ୟ ନିରାପତା ଓ ଆହାର ଯୋଜନାରେ ଅନେକ ଗରୀବ ଲୋକ ଉପକୃତ ହୋଇପାରିଛନ୍ତି। କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ସହ ସାମ୍ବାଦିକଙ୍କ ପାଇଁ ବୀମା ଯୋଜନା, ଜନନୀ ସୁରକ୍ଷା ଯୋଜନା, ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ୍, କିନ୍ନରଙ୍କ ପାଇଁ ଯୋଜନା ସହ ସାମାଜିକ ସୁରକ୍ଷା କ୍ଷେତ୍ରରେ ସରକାର ଗୁରତ୍ୱ ଦେଇଛନ୍ତି ବୋଲି କହିଥିଲେ। ଏଥିସହ ରାୟଗଡାର ଆରାଧ୍ୟ ଦେବୀ ମା ମଝିଘରିଆଣୀଙ୍କ ମନ୍ଦିର ରେଳବାଇ ଜମିରେ ଅବସ୍ଥିତ ଥିବା ବେଳେ ଦୀର୍ଘ ବର୍ଷର ଉଦ୍ୟମ ପରେ ମାଙ୍କ ମନ୍ଦିର ପରିସରରେ ଥିବା ୬.୩୦ଏକର ଜମିକୁ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ରେଳବାଇ ବୋର୍ଡ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ମଧ୍ୟ କହିଥିଲେ। ରାଜସ୍ୱ ସେବାରେ ମଧ ରାୟଗଡା ଜିଲ୍ଲା ରାଜ୍ୟରେ ସୁନାମ ଆଣିପାରିଛି। ଜମିଜମା ରେକର୍ଡ କମ୍ପ୍ୟୁଟରାଇଜେସନ୍ କ୍ଷେତ୍ରରେ ଓଡିଶା ସାରା ଭାରତରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହି ସଫଳତା ପାଇଁ ନୂଆଦିଲ୍ଲୀ ଠାରେ ରାୟଗଡା ଜିଲ୍ଲାକୁ ମଧ୍ୟ ପୁରସ୍କାର କରାଯିବ। ସରକାରଙ୍କ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ସହ ସମସ୍ତ ଜନସାଧାରଣଙ୍କ ସହଯୋଗ ନିହାତି ଆବଶ୍ୟକ ତେଣୁ ଆମ ଜିଲ୍ଲାକୁ ଶ୍ରେଷ୍ଠ ଜିଲ୍ଲାରୁ ଶ୍ରେଷ୍ଠତମ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କରନ୍ତୁ ବୋଲି ଜିଲ୍ଲାପାଳ ଅଭିଭାଷଣ ରଖିଥିଲେ। ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳନରେ ଅନୁଷ୍ଠିତ ପ୍ୟାରେଡରେ ୨୫ଟି ଟ୍ରୁପ୍ ସାମିଲ ହୋଇଥିବା ବେଳେ ୬ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ। ପେରେଡ଼ ପ୍ରତିଯୋଗିତାରେ ରାୟଗଡ ମହାବିଦ୍ୟାଳୟର ସିନିୟର ଡିଭିଜନ ଉଭୟ ବାଳକ ଓ ବାଳିକା ଆର୍ମି ଉଇଙ୍ଗ, ଜୁନିୟର ଡିଭିଜନ ଏନସିସିରେ ଆର୍ମି ଉଇଙ୍ଗ ବାଳକ, ଜିସିଡି ଉଚ୍ଚବିଦ୍ୟାଳୟ ଓ ଆର୍ମି ଉଇଙ୍ଗ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ରାୟଗଡ। ୟୁଥ ରେଡ୍‌କ୍ରସରେ ରାୟଗଡ ମହାବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କନ୍ଧମାଲିଗାଁ, ଜୁନିଅର ରେଡ୍‌କ୍ରସରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାୟଗଡ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରାୟଗଡ, ସେହିପରି ସିଭିଲିଆନରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର, ରାୟଗଡ ଏବଂ ଦୀପ୍ତି କନଭେଣ୍ଟ ରାୟଗଡ ଯଥାକ୍ରମେ ପ୍ରଥମ ଓ ଦିତୀୟ ସ୍ଥାନ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ପ୍ରସେସନରେ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ର,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାୟଗଡ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରାୟଗଡ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର, ବିଜ୍ଞାନ ବିଦ୍ୟାଳୟ, ଅରବିନ୍ଦ ଶିକ୍ଷା କେନ୍ଦ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ ସେହିପରି ଜୁନିଅର ଗ୍ରୁପରେ ବଚପନ ବିଦ୍ୟାଳୟ, ଷ୍ଟେଟ ବ୍ରିଗେଡ଼ ସ୍କୁଲ, ଓ ସେଣ୍ଟ ଜାଭିୟର ଉଚ୍ଚବିଦ୍ୟାଳୟ ପୁରସ୍କୃତ ହୋଇଥିଲେ। ସେହିପରି ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତି ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ପ୍ରଶଂସନୀୟ ହୋଇପାରିଥିବା ୧୫ଜଣ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା। ପରେ ଜିଲ୍ଲାପାଳ ସ୍ଥାନୀୟ ସେବା ସମାଜ ଅନାଥଶ୍ରମ,ସଦର ଚିକିତ୍ସାଳୟ, ଜିଲ୍ଲା କାରାଗାର, ସ୍ୱଧାର ଗୃହ ଓ ବରିଷ୍ଠ ନାଗରିକ ସେବାଗୃହ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ ବଣ୍ଟନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କାର୍ଯ୍ୟାଳୟ ତରଫରୁ ପ୍ରାତଃ ୫ଘଣ୍ଟା ସମୟରେ ରାମଧୂନ ପ୍ରଚାର କରାଯାଇଥିଲା।





## ଓଡ଼ିଶାରେ ମିଳିବ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା

# ବ୍ରେନ ଡ୍ରେନ୍ ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କ ମାଷ୍ଟରପ୍ଲାନ୍

**ଭୁବନେଶ୍ୱର:** ଆମ ପାଖରେ ରହିବେ ଆମ ପ୍ରତିଭା। ଓଡ଼ିଶାରେ ରହିବେ, ଉଚ୍ଚଶିକ୍ଷା ଲାଭ କରିବେ। ବ୍ରେନ୍ ଡ୍ରେନ ରୋକିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଷ୍ଟରପ୍ଲାନ। ବିଶ୍ୱସ୍ତରୀୟ ଶିକ୍ଷା ପାଇଁ ବିଶ୍ୱର ବଛା ବଛା ବିଶ୍ୱବିଦ୍ୟାଳୟକୁ ଓଡ଼ିଶା ଡାକି ଆଲେଚନା ଆରମ୍ଭ ହୋଇଛି। ଫ୍ରେଞ୍ଚ ବିଜନେସ୍ ସ୍କୁଲ, ଏମଲ୍ୟୋନ ବିଜନେସ୍ ସ୍କୁଲ, ୟୁନାଇଟେଡ୍ କିଙ୍ଗଡମ ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରେଲିଆନ ବିଶ୍ୱବିଦ୍ୟାଳୟ, ଡେକିନ୍ ବିଶ୍ୱବିଦ୍ୟାଳୟ ଓ ୟୁନିଭର୍ସିଟି ଅଫ୍ ଚିକାଗୋ ପରି ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଏବେ ଓଡ଼ିଶାମୁହାଁ ହୋଇଛନ୍ତି। ଓଡ଼ିଶା ସହଯୋଗରେ ସେମାନଙ୍କ ଶିକ୍ଷା ଢାଞ୍ଚାକୁ ସଂଯୋଜନ କରିବା ପାଇଁ ସେହି ଦେଶର ହାଇ କମିଶନରଙ୍କଠାରୁ ଆରମ୍ଭ କରି କୁଳପତିମାନେ ରାଜ୍ୟ ସରକାରଙ୍କୁ ଭେଟୁଛନ୍ତି। ଏହାଦ୍ୱାରା ଆଗକୁ ରାଜ୍ୟର ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାରେ ହିଁ ବିଶ୍ୱସ୍ତରୀୟ ଶିକ୍ଷା ମିଳିବ। ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ ସହ ୟୁନିଭର୍ସିଟି ଅଫ୍ ଚିକାଗୋ ୫ ବର୍ଷୀୟ ଷ୍ଟ୍ରାଟେଜିକ୍ ପାର୍ଟନରସିପ କରିଛି। ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗକୁ ନୋଡାଲ ବିଭାଗ କରି ସେମାନେ ଡାଟା ପଲିସି ଓ ଇନୋଭେସନ୍ ସେଣ୍ଟର କରିବେ। ଚଳିତ ବର୍ଷ ଡିସେମ୍ବର ପହିଲାରୁ ୩ ତାରିଖ ଯାଏ ଓଡ଼ିଶାରେ ଏଡୁ ଇନଭେଷ୍ଟ କନକ୍ଲେଭ ହେବ। ଶିକ୍ଷା କ୍ଷେତ୍ରରେ ଏକ ହଜାର କୋଟିର ପୁଞ୍ଜିନିବେଶର ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଏହା ପୂର୍ବରୁ ବିଶ୍ୱର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗୁଡ଼ିକ ସହଯୋଗରେ ରାଜ୍ୟରେ ବିଶ୍ୱସ୍ତରୀୟ ଶିକ୍ଷାର ବାତାବାରଣ ସୃଷ୍ଟି କରାଯାଉଛି। ପୂର୍ବରୁ ଅଧାପକ ଓ ଛାତ୍ରଛାତ୍ରୀଙ୍କୁ ବିଦେଶ ପଠାଯାଇ ଶିକ୍ଷା ବା ସାଂସ୍କୃତିକ ବ୍ୟବସ୍ଥା ଉପରେ ଲେକଚର୍ ଦେବାକୁ ସୁଯୋଗ ଦିଆଯାଉଥିଲା। ହେଲେ ସ୍ଥିତି ଏପରି ହେଲା ଯେ ଛାତ୍ରଛାତ୍ରୀମାନେ ବିଦେଶର ଶିକ୍ଷା ବ୍ୟବସ୍ଥାକୁ ଆପଣେଇବାରେ ଲାଗିଲେ। ଅନେକ ଛାତ୍ରଛାତ୍ରୀ ବିଦେଶରେ ରହିଗଲେ। ଯାହା ଭାରତକୁ ଶିକ୍ଷା ଓ ବୈଷୟିକ ଦିଗରୁ ଧକ୍କା ଦେଲା। ହେଲେ ଶିକ୍ଷାର ହବ୍ ପାଲଟିଥିବା ଓଡ଼ିଶା ଏବେ ଯେପରି ଶିକ୍ଷାର ଅନ୍ତର୍ଜାତୀୟ ପ୍ଲାଟଫର୍ମ ସୃଷ୍ଟି କରୁଛି, ତାହା ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି କରିବ। ଏବେ ଦେଶ ସହ ବିଦେଶରେ ଚାକିରିରୁ ଛଟେଇ ଚାଲିଛି। କେମିତି ଭାରତ ଫେରି ପୁଣି ସ୍ୱାଭାବିକ ଭାବେ ବୃତ୍ତିଗତ ଜୀବନ ବିତାଇବେ ସେହି ଚିନ୍ତାରେ ଛାତ୍ରଛାତ୍ରୀ। ଏପରି ସ୍ଥିତିରେ ଓଡ଼ିଶାରେ ବିଶ୍ୱସ୍ତରୀୟ ଶିକ୍ଷା ଓ ହାଇଟେକ୍ ରୋଜଗାରର ମାଧ୍ୟମ ସୃଷ୍ଟି କରାଯାଉଛି।

# ଯୁବ ଭୋଟରଙ୍କ ପଞ୍ଜିକରଣ ନିମନ୍ତେ ରାଜ୍ୟ ସ୍ତରରେ ପୁରସ୍କୃତ ହେଲେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ଓ ବୁଥ ସ୍ତରୀୟ ଅଧିକାରୀ

**ମାଲକାନଗିରି :** ଜାତୀୟ ମତଦାତା ଦିବସରେ ମାଲକାନାଗିରି ଜିଲ୍ଲା ରାଜ୍ୟ ସ୍ତରରେ ଦୁଇଟି ପୁରସ୍କାର ହାସଲ କରିଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଅଭିଯାନ କାର୍ଯ୍ୟକ୍ରମରେ ଭୋଟର ଶିକ୍ଷା ଏବଂ ନିର୍ବାଚନରେ ଅଂଶ ଗ୍ରହଣ (ସ୍ୱିପ) ନିମନ୍ତେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ଭୁବନେଶ୍ୱରରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶିଲାଲ ସମ୍ମାନିତ କରିଛନ୍ତି। ସେହିପରି ତୁମାସପଲ୍ଲୀ ଆଶ୍ରମ ବିଦ୍ୟାଳୟର ସହାୟକ ଶିକ୍ଷକ, ଶ୍ରୀ ଶାମ ପଡ଼ିଆମିଙ୍କୁ ବୁଥ ସ୍ତରୀୟ ଅଧିକାରୀ ଭାବେ ପୁରସ୍କୃତ କରାଯାଇଛି। ମାଲକାନଗିରି ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୧୧୫ ଓ ୧୪୬ ରେ ୧୮ ରୁ ୧୯ ବର୍ଷର ଯୁବ ମତଦାତାଙ୍କ ପଞ୍ଜୀକରଣ ନିମନ୍ତେ ଶ୍ରୀ ପଡ଼ିଆମିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀ, ସୁଶୀଲ କୁମାର ଲୋହାନି ଏବଂ ଜିଲ୍ଲାପାଳ ଖୋର୍ଦ୍ଧା, ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ପୁରସ୍କାର ପାଇବା ପରେ ପ୍ରତିକ୍ରିୟା ରଖି ଶ୍ରୀ ଖେମୁଣ୍ଡୁ ପ୍ରକାଶ କରିଛନ୍ତି ଯେ ନିଶ୍ଚିତ ଭାବେ ଏହା ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସୁପରଭାଇଜର ଓ ବୁଥ ସ୍ତରୀୟ ଅଧିକାରୀ ଙ୍କୁ ଉତ୍ସାହିତ କରିବ। ଯେଉଁମାନେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ବାଚନ ତାଳିକା ପ୍ରସ୍ତୁତରେ



କାର୍ଯ୍ୟ କରୁଛନ୍ତି। ମାଲକାନଗିରି ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ଯୁବ ଭୋଟରଙ୍କ ପଞ୍ଜୀକରଣ ପାଇଁ କାର୍ଯ୍ୟ କରିଥିବା ସମସ୍ତ କର୍ମଚାରୀଙ୍କୁ ସେ ଏହି ପୁରସ୍କାରକୁ ଉତ୍ସର୍ଗ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯୁବ ଭୋଟରଙ୍କ ପଞ୍ଜିକରଣରେ ମାଲକାନଗିରି ଜିଲ୍ଲାର ପ୍ରଦର୍ଶନ ସର୍ବୋତ୍ତମ ରହିଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲପାଳ ବିଶାଲ ସିଂ ଉପଜିଲ୍ଲାପାଳ ଓ ବୁଥ ସ୍ତରୀୟ ଅଧିକାରୀ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତରେ ସମାନ ଉତ୍ସାହ ଏବଂ ଯୋଗଦାନ ଦେବା ପାଇଁ ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ କହିଛନ୍ତି।

# ରାଜ୍ୟରେ ପ୍ରତିଷ୍ଠା ହେବ ଜଳ ସୂଚନା କେନ୍ଦ୍ର

**ଭୁବନେଶ୍ୱର :** ରାଜ୍ୟରେ ପ୍ରତିଷ୍ଠା ହେବ ଜଳ ସୂଚନା କେନ୍ଦ୍ର। ମିଳିବ ଜଳସମ୍ପଦ ସମ୍ପର୍କୀତ ସମସ୍ତ ତଥ୍ୟ। ଏସବୁ ତଥ୍ୟ ରହିବ ପବ୍ଲିକ ଡୋମେନରେ। ସାଧାରଣ ଲୋକଟିଏ ବି ଜାଣିପାରିବ ରାଜ୍ୟରେ ଥିବା ଜଳସମ୍ପଦର ସ୍ଥିତି। ରାଜ୍ୟ ଜଳ ସୂଚନା କେନ୍ଦ୍ର ବା ଏସ୍‌ଡବ୍ଲ୍ୟୁଆଇସି ଜାତୀୟ ଜଳ ସୂଚନା କେନ୍ଦ୍ରର ସହାୟତା ଏବଂ ମାର୍ଗଦର୍ଶନରେ ରାଜ୍ୟ ଜଳ ସମ୍ପଦ ତଥ୍ୟର ସମନ୍ୱୟ, ସଂଗ୍ରହ ଏବଂ ପ୍ରସାର ପାଇଁ ଏକ ଉତ୍ସର୍ଗୀକୃତ ସଂସ୍ଥା ଭାବେ କାର୍ଯ୍ୟ କରିବ। ପ୍ରତ୍ୟେକ ବିଭାଗ ଏବଂ ସଂସ୍ଥାରୁ ଅଧିକାରୀଙ୍କୁ ଏଥିରେ ଡୋମେନ ବିଶେଷଜ୍ଞ ଭାବରେ ସାମିଲ କରାଯିବ। ଜଳସମ୍ପଦ ବିଭାଗ ପକ୍ଷରୁ ଯୋଜନା ଏବଂ ସମନ୍ୱୟ, କୃଷି ଏବଂ କୃଷକ ସଶକ୍ତିକରଣ, ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହିତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟରକୁ ମତାମତ ମଗାଯାଇଛି। ଏହାକୁ ଜଳ ବିଶେଷଜ୍ଞମାନେ ସ୍ୱାଗତ କରିଛନ୍ତି। ରାଜ୍ୟରେ କେଉଁ ନଦୀର ଜଳ ସ୍ଥିତି କ'ଣ ରହିଛି। ନଦୀବନ୍ଧ କେତେ ସୁରକ୍ଷିତ? ନଦୀର ଜଳ କେତେ ପ୍ରଦୂଷିତ? ଖରାଦିନେ କେଉଁଠି ଜଳ ଅଭାବ ରହୁଛି? ନଦୀ ବ୍ୟତୀତ ରାଜ୍ୟରେ ଥିବା ବିଭିନ୍ନ ଡ୍ୟାମ, ହ୍ରଦ, ନାଳର ଜଳ କେତେ ବ୍ୟବହାର ଯୋଗ୍ୟ? ଅଂଶୁପା, ଚିଲିକା, ଟାମ୍ପରା, କୁସୁମା ଭଳି ଆଉ କେଉଁଠି ଜଳ ପର୍ଯ୍ୟଟନର ସୁଯୋଗ ରହିଛି? କେଉଁ ଜାଗାରେ ପର୍ଯ୍ୟଟକଙ୍କ ପାଇଁ ଜଳକ୍ରୀଡ଼ାର ସମ୍ଭବ ହୋଇପାରିବ? ଏପରିକି ଆନ୍ତଃ-ରାଜ୍ୟ ନଦୀର ପ୍ରବାହ ସମ୍ପର୍କୀତ ତଥ୍ୟ ବି ରହିବ ଜଳ ସୂଚନା କେନ୍ଦ୍ରରେ। କେନ୍ଦ୍ର ସରକାରଙ୍କ ଏନଡବ୍ଲ୍ୟୁଆଇସିର ମାର୍ଗଦର୍ଶନରେ ରାଜ୍ୟରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି କେନ୍ଦ୍ରର ଅନେକ ଉପାଦେୟ ରହିଛି। ଏଭଳି ଏକ ପଦକ୍ଷେପ ରାଜ୍ୟବାସୀଙ୍କ ପାଇଁ ଖୁବ୍ ସହାୟକ ହେବ ବୋଲି ଜଳ ସମ୍ପଦ ବିଭାଗର ପୂର୍ବତନ ଯନ୍ତ୍ରୀ କହିଛନ୍ତି। ଜଳ ଉତ୍ସଗୁଡ଼ିକର ପରିଚାଳନା ହେଉଛି ଏକ ଜଟିଳ କାର୍ଯ୍ୟ ଯାହା ବହୁମୁଖୀ ଡୋମେନଗୁଡ଼ିକର ପାରଦର୍ଶିତାକୁ ଅର୍ନ୍ତଭୁକ୍ତ କରେ। ଏନ୍‌ଡବ୍ଲ୍ୟୁଆଇସି ଓ ଏସ୍‌ଡବ୍ଲ୍ୟୁଆଇସି ମଧ୍ୟରେ ଜଳ ସୂଚନା କେନ୍ଦ୍ର ପ୍ରତିଷ୍ଠା ନେଇ ଶୀଘ୍ର ଏକ ରାଜିନାମା ସ୍ୱାକ୍ଷରିତ ହେବ।



## ବଦଳିଲା ବଡ଼ଗଡ଼, ଲକ୍ଷ୍ମୀସାଗର ଓ ସହିଦନଗର ଥାନାର ପରିସୀମା

**ବଡ଼ଗଡ଼ ଥାନା ଅଧୀନରେ ରହିବ ବାସୁଆଘାଇ ପଞ୍ଚାୟତ**

**ଭୁବନେଶ୍ୱର :** ଭୁବନେଶ୍ୱର ଥାନା ପରିସୀମା ବିବାଦରେ ପୂର୍ଣ୍ଣଚ୍ଛେଦ। ବଡ଼ଗଡ଼, ଲକ୍ଷ୍ମୀସାଗର ଓ ସହିଦନଗର ଥାନାର ପରିସୀମା ବଦଳା ଯାଇଛି। ଗଣତନ୍ତ୍ର ଦିବସଠାରୁ ଥାନାର ପରିସୀମା ପରିବର୍ତ୍ତନ କରାଯାଇଛି। ପୂର୍ବରୁ ସହିଦନଗର ଥାନା ଅଧୀନରେ ଥିବା ବାସୁଆଘାଇ ପଞ୍ଚାୟତ ଏବେ ବଡ଼ଗଡ଼ ଥାନା ଅଧୀନରେ ରହିବ। ସେହିପରି ଲକ୍ଷ୍ମୀସାଗର ଥାନା ଅଧୀନରେ ରହିବ ଜଗନ୍ନାଥ ନଗର। ପୂର୍ବରୁ ମଞ୍ଚେଶ୍ୱର ଓ ସହିଦନଗର ଅଧୀନରେ ଥିଲା ଜଗନ୍ନାଥ ନଗର। ଥାନା ପରିସୀମା ବଦଳିବା ଯୋଗୁ କେଶୁରା, କୋରଡକଣ୍ଟା, ବାଙ୍କୁଆଳ ଲୋକଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। ପୂର୍ବରୁ ଥାନା ପରିସୀମାକୁ ନେଇ ବିବାଦ ଉପୁଜିଥିବା ବେଳେ ଏନେଇ ନନ୍ଦିଘୋଷ ଟିଭିର ଖବର ପରିବେଶଣ କରାଯାଇଥିଲା। ପାଟ୍ରୋଲିଂ ଓ ଆଇନଶୃଙ୍ଖଳାକୁ ନେଇ ଅସୁବିଧା ହେଉଥିବା ଅଭିଯୋଗ ହେଉଥିବା ବେଳେ ଏହାକୁ ଗୁରୁତ୍ୱ ଦେଇ ଥାନାର ପରିସୀମା ପରିବର୍ତ୍ତନ କରାଯାଇଛି। କିଛିଦିନ ତଳେ ସ୍ଥାନୀୟ ଲୋକେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ଭେଟି ଏନେଇ ଅଭିଯୋଗ କରିଥିଲେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ପାଳିତ



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ବୀରପୁତ୍ର ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅସବରରେ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟ ନିକଟରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌରନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ବରିଷ୍ଠ ସହାୟକ ଦିପକ ପଟ୍ଟନାୟକ, ପୌର କର୍ମଚାରୀ ଓ ସହରର ବୁଦ୍ଧିଜୀବି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଚାଷ କାର୍ଯ୍ୟରେ ନୂଆ ମେସିନ ବ୍ୟବହାର କର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଚାଷୀଙ୍କୁ ଋଣ ସହାୟତା ଛୋଟ ଚାଷୀଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଏହା ଚାଷୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ରାଜ୍ୟର ଚାଷୀଙ୍କ ଦକ୍ଷତା ସକାଶେ ଓଡ଼ିଶା ବିଭିନ୍ନ ସମୟରେ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ସବୁବେଳେ ଉଦ୍ୟମ କରିଆସୁଛନ୍ତି। ଆଗକୁ କୃଷିରେ ସଫଳତା ପାଇଁ କୃଷି ମେକାନାଇଜେସନ ଆବଶ୍ୟକ। ଏହି ପ୍ରଦର୍ଶନୀ କୃଷିରେ ଜ୍ଞାନ ଆହରଣ ପାଇଁ ଭଲ ସୁଯୋଗ ଆଣିଥାଏ। ଏଠାରୁ ନୂଆ ନୂଆ ଚାଷ ପଦ୍ଧତି ଜାଣିବାରେ ସୁଯୋଗ ମିଳିଥାଏ। ନୂଆ ନୂଆ ମେସିନ ବିଷୟରେ ଚାଷୀ ଜାଣିବାକୁ ସୁଯୋଗ ପାଇଥାଏ। ତେଣୁ ଚାଷୀମାନେ ବୈଜ୍ଞାନିକ ପଦ୍ଧତିରେ ଚାଷ କରନ୍ତୁ। ସମ୍ବଲପୁରରେ ଆୟୋଜିତ ପଶ୍ଚିମ ଓଡ଼ିଶା କୃଷି ଓ କୃଷି ଯନ୍ତ୍ରପାତି ମେଳା ୨୦୨୩ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ ଏହି ଟିପସ ଦେଇଛନ୍ତି। ଏପରି ପ୍ରୟୋଗ ଦ୍ୱାରା କୃଷିରେ ରୂପାନ୍ତରଣ ଆସିବ ବୋଲି ନବୀନ ଆଶା ବ୍ୟକ୍ତ କରିଛନ୍ତି। ଏଥିରେ ପଶ୍ଚିମ ଓଡ଼ିଶାର ଶହ ଶହ ଚାଷୀ, କୃଷି ବିଜ୍ଞାନୀ ଓ ଉଦ୍ୟୋଗୀ ଯୋଗଦେଇଛନ୍ତି। ମେଳାରେ ୫୦୦ ଚାଷୀ ଯୋଗଦେଇଥିବା ସୂଚନା ମିଳିଛି। ନୂଆ କୃଷିନୀତି ତଥା ନୂତନ ଜ୍ଞାନ କୌଶଳର ଉପଯୋଗରେ କିଭଳି ଚାଷ କରାଯିବ ସେନେଇ ତାଲିମ ଦିଆଯାଉଛି। କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଟ୍ରେନିଂ ଦେଉଛନ୍ତି ବିଶେଷଜ୍ଞ। ପଶ୍ଚିମ ଓଡ଼ିଶାରେ ପ୍ରଥମ ଥର ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି ଚାଷୀ।






## ୩୦ତମ ମା' ଶାରଳା ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ଅସ୍ତରଙ୍ଗ :** ଅସ୍ତରଙ୍ଗ ମା ଶାରଳା ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ନରେନ୍ଦ୍ର ଷ୍ଟାଡିୟମରେ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି। କ୍ଲବର ସଭ୍ୟମାନେ ପ୍ରଥମେ ତାରିଣୀ ମନ୍ଦିର ଠାରୁ ଏକ ମଶାଲ ଯାତ୍ରାକରି ନରେନ୍ଦ୍ର ଷ୍ଟାଡିୟମରେ ପହଞ୍ଚିଥିଲେ । ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବିଡିଓ ଡ଼ଃ ବେବୀତା ମଞ୍ଜରୀ ନାୟକ,ସମ୍ମାନିତ ଅତିଥିଭାବେ ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକ, ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧାପକ ଡ.ଅଜୟ କୁମାର ବେହେରା ଓ ଶାରଳା ସ୍ପୋର୍ଟିଂ କ୍ଲବ୍ ଉପଦେଷ୍ଟା ଦିବାକର ଛାଟୋଇ ଯୋଗଦେଇ ଫିତା କାଟି ଉଦ୍ଘାଟନ କରିବା ପରେ ଖେଳର ଶୁଭାରମ୍ଭ ହୋଇଥିଲା । ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ଶାରଳା ସ୍ପୋର୍ଟିଂର ପ୍ରତିଷ୍ଠାତା ନଟକିଶୋର ମହାନ୍ତି,ଚୈତନ୍ୟ ମହାନ୍ତି ,ସଭାପତି ଯୁଗଳକୀଶୋର ମହାନ୍ତି,ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ସମ୍ପାଦକ ଦିବ୍ୟଦର୍ଶୀ ବିଶ୍ୱାଳ,ସହ ସମ୍ପାଦକ ମିଥୁନ କୁମାର ବେହେରା,କୋଷାଧକ୍ଷ ମାନସ ବେହେରା,ରାଜେଶ ମହାନ୍ତି,ମନୋଜ କୁମାର ଛାଟୋଇ,ପ୍ରଦୀପ୍ତ ଛାଟୋଇ ଓ ହୃଷିକେଶ ଛାଟୋଇ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ରହି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ । ପ୍ରତିଯୋଗିତାର ପ୍ରଥମ ମ୍ୟାଚ ରେ ଭୁବନେଶ୍ୱର ଯଦୁପୁର କ୍ରିକେଟ୍ ଏକାଡେମୀ ଅଧିନାୟକ ଜୋହେବ ଅଲ୍ଲୀ ପ୍ରଥମେ ଟସ୍ ଜିତିବାରେ ତାଙ୍କ ଟିମ୍ ବ୍ୟାଟିଂ କରିବା ସମେତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୧୭୯ ରନ୍ ସଂଗ୍ରହ କରିଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅଧିନାୟକ ରାଜେଶ ସେଠୀଙ୍କ ନେତୃତ୍ୱାଧୀନ ନିଆଳି କ୍ରିକେଟ ଏକାଡେମୀ-କଟକ ଟିମ୍ ଖେଳିବାରେ ସମସ୍ତ ଉଇକେଟ୍ ହରାଇ ୧୮ ଓଭରରେ ୧୨୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁରେଶ ଚନ୍ଦ୍ର ପାତ୍ର ୩୮ବଲରେ ସର୍ବାଧିକ ୫୯ ରନ ସଂଗ୍ରହ କଲାବେଳେ ଅଂଶାରୀ ଅଲ୍ଲୀ ରେହେମାନ ୪ ଓଭରରେ ୫ ଉଇକେଟ ନେଇ ଭଲ ପଦର୍ଶନ କରିଥିଲେ। ଯଦୁପୁର କ୍ରିକେଟ୍ ଟିମ୍ ୫୮ ରନରେ ବିଜୟହାସଲ କଲାବେଳେ ଦଳପକ୍ଷରୁ ଅଧିନାୟକ ଜୋହେବ ଅଲ୍ଲୀ ୪୯ ବଲରେ ୭୧ ରନ ସଂଗ୍ରହକରି ଦଳ ପାଇଁ ରେକର୍ଡ କରିବା ସମେତ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରୂପେ ବିବେଚିତ ହୋଇଥିଲେ।ତାଙ୍କୁ ଆକର୍ଷଣୀୟ ପୁରସ୍କାର ସମେତ କପ୍ ପ୍ରଦାନ କରାଯାଇଥିଲା ଶୁକ୍ରବାର ଦ୍ୱିତୀୟ ମ୍ୟାଚ ରେ ରାଇଜିଙ୍ଗ ଷ୍ଟାର କୁମାର ବସ୍ତ ଟସ ଜିତି ପ୍ରଥମେ ବ୍ୟାଟିଂ କରି୧୮୫ ରନ କରିଥିବା ବେଳେ ଆମ୍ବେଦକର କ୍ରିକେଟ କ୍ଲବ ଜଗସିଂହପୁର ୮ ଉଇକେଟ ବିନିମୟରେ୧୭୮ରନ କରିଥିଲେ ରାଇଜିଙ୍ଗ ଷ୍ଟାର ୭ରନ ରେ ଟୁର୍ନାମେଣ୍ଟ ଜିତି ନେଇଥିଲେ ଏବଂ କୁମାରବସ୍ତର ସନ୍ତୋଷ ଜେନା ମ୍ୟାନଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁର୍ଗାଚରଣ ମହାରଣା ଓ ଦିବ୍ୟଦର୍ଶୀ ଛାଟୋଇ ଅମ୍ପେୟାର ରହି ଖେଳ ପରିଚାଳନା କରିଥିଲେ। ୨୬ ଜାନୁଆରୀ ଛୁଟିଦିନ ଥିବାରୁ ଖେଳ ପଡ଼ିଆର ଚାରିପଟେ ଶତାଧିକ ଦର୍ଶକ ଓ ସ୍କୁଲ ଛାତ୍ରଛାତ୍ରୀ କ୍ରିକେଟ୍ ଖେଳକୁ ଉପଭୋଗ କରିଥିଲେ। ପ୍ରକାଶ ଚନ୍ଦ୍ର ବେହେରା ଖେଳର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଶାରଳା ସ୍ପୋର୍ଟିଂ କ୍ଲବ୍ ମିଡିଆ ସେଲ୍ ସମ୍ପାଦକ ପବିତ୍ର କୁମାର ମହାନ୍ତି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ।








## କଳାହାଣ୍ଡି ଜିଲ୍ଲାପାଳ, ଜୁନାଗଡ ବିଡିଓ ପୁରସ୍କୃତ

**ଭବାନୀପାଟଣା :** ଭୁବନେଶ୍ୱରରେ ବୁଧବାର ୧୩ତମ ଜାତୀୟ ମତଦାତା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୋଟର ସଂଶୋଧନ, ପଞ୍ଜିକରଣ, ସଚେତନତା ଓ ଆଧାର ଲିଙ୍କେଜ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବିଭିନ୍ନ କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଓ ଲାଞ୍ଜିଗଡ ବୁଥ ନଂ ୧୪୬ର ବିଏଲଓ ତଥା ସହକାରୀ ଶିକ୍ଷକ ଶ୍ରୀକାନ୍ତ ନାଏକଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ ସେମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶିଲ କୁମାର ଲୋହାନି, ଖୋର୍ଦ୍ଧା ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି